ବର୍ଷ-୨୫, ସଂଖ୍ୟା-୧୩୪
ଭୁବନେଶ୍ୱର
୧୭, ମଇ, ୨୦୨୫ ଶନିବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 134
Bhubaneswar
17,May, 2025, Saturday
Page-08, Rs.: 2.00

# ମହାଭାରତ

RNI Regd. No.: ODIODI2000/03863
Website : www.mahabharataepaper.com

Mahabharat

# ପାକିସ୍ତାନ ନିଜେ 'ବ୍ରହ୍ମୋସ' କ୍ଷେପଣାସ୍ତ୍ରର ଶକ୍ତିକୁ ବି ମାନିଛି : ରାଜନାଥ

**ନୂଆଦିଲ୍ଲୀ, ୧୬।୫(ମହାଭାରତ):** 'ଆତଙ୍କବାଦ ବିରୋଧରେ ଭାରତର ଲଢ଼େଇ କେବଳ ସୁରକ୍ଷାର ବିଷୟ ନୁହେଁ, ଏହା ବର୍ତ୍ତମାନ ଜାତୀୟ ପ୍ରତିରକ୍ଷା ସିଦ୍ଧାନ୍ତର ଏକ ଅଂଶ ପାଲଟିଛି, ଏବଂ ଆମେ ଏହି ହାଇବ୍ରିଡ୍ ଏବଂ ଛାୟା ଯୁଦ୍ଧକୁ ମୂଳପୋଛ କରିଦେବୁ,' ବୋଲି ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂହ ଆଜି ଗୁଜରାଟର ଭୁଜ ବାୟୁସେନା ଷ୍ଟେସନରେ ବାୟୁସେନା ଯୋଦ୍ଧାମାନଙ୍କୁ ସମ୍ବୋଧିତ କରି କହିଥିଲେ। ସେ ଦୃଢ଼ତାର ସହିତ କହିଥିଲେ ଯେ, ବର୍ତ୍ତମାନର ଅସ୍ତ୍ରବିରତି ଅର୍ଥ ହେଉଛି ଭାରତ ପାକିସ୍ତାନକୁ ତାର ଆଚରଣ ଆଧାରରେ ନଜରରେ ରଖିଛି। ଯଦି ଆଚରଣରେ ଉନ୍ନତି ଆସେ, ତେବେ ଏହା ଠିକ୍ ଅଛି; କିନ୍ତୁ ଯଦି କୌଣସି ବିଭ୍ରାଟ ହୁଏ, ତେବେ କଠୋର ଶାସ୍ତି ଦିଆଯିବ ବୋଲି ସେ କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ସ୍ପଷ୍ଟ କରିଛନ୍ତି ଯେ, ଅପରେସନ ସିନ୍ଦୂର ଏପର୍ଯ୍ୟନ୍ତ ସମାପ୍ତ ହୋଇନାହିଁ। 'ଆମର କାର୍ଯ୍ୟ କେବଳ ଏକ ଟ୍ରେଲର ଥିଲା, ଆବଶ୍ୟକ ହେଲେ ଆମେ ସମ୍ପୂର୍ଣ୍ଣ ଚିତ୍ର ଦେଖାଇବୁ। ସେ କହିଛନ୍ତି ଯେ, 'ଆତଙ୍କବାଦ ଉପରେ ଆକ୍ରମଣ ଏବଂ ମୂଳୋତ୍ପାଟନ କରିବା' ହେଉଛି ନୂତନ ଭାରତର ନୂତନ ସ୍ୱାଭାବିକତା'।

ଭାରତ ଦ୍ୱାରା ଧ୍ୱଂସ ହୋଇଥିବା ପାକିସ୍ତାନର ଆତଙ୍କୀ ଭିତ୍ତିଭୂମି ପୁନଃନିର୍ମାଣ ଆରମ୍ଭ ହୋଇଛି ବୋଲି କହିବା ସହିତ ରାଜନାଥ ସିଂହ ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ୍)କୁ ଇସଲାମାବାଦକୁ ଦିଆଯାଇଥିବା ଏକ ବିଲିୟନ ଡଲାର ସହାୟତା ଉପରେ ପୁନର୍ବିଚାର କରିବାକୁ ଏବଂ ଭବିଷ୍ୟତରେ କୌଣସି ସହାୟତା ପ୍ରଦାନ କରିବାରୁ ନିବୃତ୍ତ ରହିବାକୁ ଆହ୍ୱାନ କରିଛନ୍ତି। 'ପାକିସ୍ତାନ ଜୈଶ-ଏ-ମହମ୍ମଦ ଆତଙ୍କବାଦୀ ସଂଗଠନର ମୁଖ୍ୟ ମାସୁଦ ଆଝାର, ଯିଏ କି ଜାତିସଂଘ ଦ୍ୱାରା ନିର୍ଣ୍ଣିତ ଆତଙ୍କବାଦୀ, ତାକୁ ପ୍ରାୟ ୧୪ କୋଟି ଟଙ୍କା ଦେବା ପାଇଁ ଏହାର ନାଗରିକମାନଙ୍କ ଠାରୁ ସଂଗୃହୀତ ଟିକସ ଖର୍ଚ୍ଚ କରିବ। ପାକିସ୍ତାନ ସରକାର ମୁରିଦକେ ଏବଂ ବାହାବଲପୁରରେ ଅବସ୍ଥିତ ଲସ୍କର-ଏ-ତୈବା ଏବଂ ଜୈଶ-ଏ-ମହମ୍ମଦର ଆତଙ୍କୀ ଭିତ୍ତିଭୂମି ପୁନଃନିର୍ମାଣ ପାଇଁ ଆର୍ଥିକ ସହାୟତା ଘୋଷଣା କରିଛନ୍ତି। ନିଶ୍ଚିତ ଭାବରେ, ଆଇଏମଏଫ୍ ର ଏକ ବିଲିୟନ ଡଲାର ସହାୟତାର ଏକ ବଡ଼ ଅଂଶ ଆତଙ୍କୀ ଭିତ୍ତିଭୂମି ପାଇଁ ପାଣ୍ଠି ଯୋଗାଇବା ପାଇଁ ବ୍ୟବହାର କରାଯିବ। ଏହାକୁ କ'ଣ ଏକ ଅନ୍ତର୍ଜାତୀୟ ସଂଗଠନ ଆଇଏମଏଫ୍ ଦ୍ୱାରା ପରୋକ୍ଷ ପାଣ୍ଠି ଯୋଗାଣ ଭାବରେ ବିବେଚନା କରାଯିବ ନାହିଁ? ପାକିସ୍ତାନକୁ ଯେକୌଣସି



ଆର୍ଥିକ ସହାୟତା ଆତଙ୍କବାଦ ପାଣ୍ଠି ଠାରୁ କମ୍ ନୁହେଁ। ଭାରତ ଆଇଏମଏଫ୍‌କୁ ଦେଉଥିବା ପାଣ୍ଠିକୁ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବରେ ପାକିସ୍ତାନ କିମ୍ବା ଅନ୍ୟ କୌଣସି ଦେଶରେ ଆତଙ୍କୀ ଭିତ୍ତିଭୂମି ସୃଷ୍ଟି କରିବା ପାଇଁ ବ୍ୟବହାର କରାଯିବା ଉଚିତ୍ ନୁହେଁ,' ବୋଲି ସେ କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ଭାରତୀୟ ବାୟୁସେନା (ଆଇଏଏଫ୍) ଅପରେସନ ସିନ୍ଦୂରରେ ପ୍ରଭାବଶାଳୀ ଭୂମିକା ଗ୍ରହଣ କରିଥିବାରୁ ପ୍ରଶଂସା କରିଥିଲେ, ଯାହାକୁ ସାରା ବିଶ୍ୱ ପ୍ରଶଂସା କରୁଛି। ମାତ୍ର ୨୩ ମିନିଟ୍ ମଧ୍ୟରେ ପାକିସ୍ତାନ ଏବଂ ପିଓକେରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକୁ ନଷ୍ଟ କରିବା ପାଇଁ ବାୟୁ ଯୋଦ୍ଧାମାନଙ୍କୁ ପ୍ରଶଂସା କରି ସେ କହିଥିଲେ ଯେ, 'ଯେତେବେଳେ ଶତ୍ରୁ ଅଂଚଳ ଭିତରେ କ୍ଷେପଣାସ୍ତ୍ର ନିକ୍ଷେପ କରାଯାଇଥିଲା, ସେତେବେଳେ ବିଶ୍ୱ ଭାରତର ବୀରତ୍ୱ ଏବଂ ଶକ୍ତିର ପ୍ରତିଧ୍ୱନି ଶୁଣିଥିଲା'। ସେ ଆହୁରି ମଧ୍ୟ କହିଛନ୍ତି ଯେ, ଭାରତୀୟ ବାୟୁସେନା ଆତଙ୍କବାଦ ବିରୁଦ୍ଧରେ ଏହି ଅଭିଯାନର ନେତୃତ୍ୱ ନେଇଥିଲା ଏବଂ ଏହି ଅଭିଯାନ ସମୟରେ ଏହା କେବଳ ଶତ୍ରୁ ଉପରେ ପ୍ରଭାବ ପକାଇନଥିଲା, ବରଂ ସେମାନଙ୍କୁ ନିପାତ କରିଥିଲା।

ରାଜନାଥ ସିଂହ ଆଲୋକପାତ କରିଥିଲେ ଯେ, ଭାରତର ଯୁଦ୍ଧ ବିମାନ ସୀମା ପାର ନକରି ପାକିସ୍ତାନର ପ୍ରତ୍ୟେକ କୋଣରେ ଆକ୍ରମଣ କରିବାକୁ ସକ୍ଷମ। 'ବିଶ୍ୱ ଦେଖିଛି ଯେ କିପରି ଭାରତୀୟ ବାୟୁ ସେନା ଆତଙ୍କବାଦୀ ଶିବିର ଏବଂ ପରେ ପାକିସ୍ତାନର ଏୟାରବେସ୍ ଗୁଡ଼ିକୁ ଧ୍ୱଂସ କରିଥିଲା। ଭାରତୀୟ ବାୟୁ ସେନା ଭାରତର ଯୁଦ୍ଧ ନୀତି ଏବଂ ପ୍ରଯୁକ୍ତିବିଦ୍ୟା ପରିବର୍ତ୍ତନ ହୋଇଛି ବୋଲି ପ୍ରମାଣ ଦେଇଛି। ବାୟୁ ସେନା ନୂତନ ଭାରତର ବାର୍ତ୍ତା ଦେଇଛି ଯେ, ଆମେ କେବଳ ବିଦେଶରୁ ଆମଦାନୀ ହୋଇଥିବା ଅସ୍ତ୍ରଶସ୍ତ୍ର ଏବଂ ପ୍ଲାଟଫର୍ମ ଉପରେ ନିର୍ଭରଶୀଳ ନୁହଁ, ବରଂ ଭାରତରେ ନିର୍ମିତ ଉପକରଣ ଆମର ସାମରିକ ଶକ୍ତିର ଏକ ଅଂଶ ହୋଇଗଲାଣି। ଭାରତରେ ନିର୍ମିତ ଅସ୍ତ୍ରଶସ୍ତ୍ର ମଧ୍ୟ ଅଭେଦ୍ୟ,' ବୋଲି ସେ ଉଲ୍ଲେଖ କରିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ ଆହୁରି ମଧ୍ୟ କହିଛନ୍ତି ଯେ, ପାକିସ୍ତାନ ନିଜେ 'ବ୍ରହ୍ମୋସ' କ୍ଷେପଣାସ୍ତ୍ରର ଶକ୍ତିକୁ ବି ମାନିଛି। ଭାରତରେ ନିର୍ମିତ ଏହି କ୍ଷେପଣାସ୍ତ୍ର ରାତିର ଅନ୍ଧାରରେ ପାକିସ୍ତାନକୁ ଦିନର ଆଲୋକ ଦେଖାଇଲା, ସେ ଭାରତର ବାୟୁ ପ୍ରତିରକ୍ଷା ପ୍ରଣାଳୀକୁ ମଧ୍ୟ ପ୍ରଶଂସା କରିଥିଲେ, ଯେଉଁଥିରେ ଡିଆରଡିଓ ଦ୍ୱାରା ନିର୍ମିତ ଆକାଶ ଏବଂ ଅନ୍ୟାନ୍ୟ ରାଡାର ପ୍ରଣାଳୀ ଏକ ମହାନ ଭୂମିକା ଗ୍ରହଣ କରିଛି।

ଗତକାଲି ଶ୍ରୀନଗରର ବାଦାମୀ ବାଗ କ୍ୟାଂଟରେ ବୀର ଭାରତୀୟ ସେନା ଏବଂ ଆଜି ଭୁଜରେ ବାୟୁସେନା ଯୋଦ୍ଧା ଏବଂ ସୈନିକଙ୍କ ସହ ତାଙ୍କର ଆଲୋଚନା ବିଷୟରେ ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ସେ ପୁଣି ଥରେ ନିଶ୍ଚିତ ଯେ ଭାରତର ସୀମା ସମ୍ପୂର୍ଣ୍ଣ ସୁରକ୍ଷିତ। 'ମୁଁ ଉଭୟ ମୋର୍ଚ୍ଚାରେ ସୈନିକମାନଙ୍କ ମଧ୍ୟରେ ସର୍ବୋଚ୍ଚ ସ୍ତରର ଉତ୍ସାହ ଏବଂ ଦେଶପ୍ରେମ ଦେଖିଛି। ଅପରେସନ୍ ସିନ୍ଦୂର ସମୟରେ ଆମର ସେନା ଯାହା କରିଥିଲେ ତାହା ଦେଶକୁ ଗର୍ବରେ ପରିପୂର୍ଣ୍ଣ କରିଛି,' ବୋଲି ସେ କହିଛନ୍ତି।

ପ୍ରତିରକ୍ଷା ମନ୍ତ୍ରୀ କହିଛନ୍ତି ଯେ, ଭୁଜ ୧୯୬୫, ୧୯୭୧ ଏବଂ ବର୍ତ୍ତମାନ ସମୟରେ ପାକିସ୍ତାନ ଉପରେ ଭାରତର ବିଜୟର ସାକ୍ଷୀ ରହିଛି। ସେ ଭୁଜକୁ ଦେଶପ୍ରେମର ଭୂମି ବୋଲି ଅଭିହିତ କରିଛନ୍ତି, ଯେଉଁଠାରେ ସୈନିକମାନେ ଜାତୀୟ ସ୍ୱାର୍ଥର ସୁରକ୍ଷା ପାଇଁ ଅଟଳ

# ବଜ୍ରପାତ ନେଲା ୧୨ ଜୀବନ

**ଭୁବନେଶ୍ୱର, ୧୬।୫(ସ୍ୱାଧିକାରନ୍ୟୁଜ):** କାଳବୈଶାଖୀର ତାଣ୍ଡବ ରୂପ ଆଜି ଦେଖିବାକୁ ମିଳିଛି। ଆଜି ଅପରାହ୍ଣରେ ହଠାତ୍ କଳାହାଣ୍ଡିଆ ମେଘ ଘୋଟିଆସିବା ସହ ବର୍ଷା ସହ ବଜ୍ରପାତ ହେବାରୁ କୋରାପୁଟ, ଗଞ୍ଜାମ, ଯାଜପୁର, ଢେଙ୍କାନାଳ, ମୟୂରଭଞ୍ଜ, ଗଜପତି, ବାଲେଶ୍ୱର ଜିଲ୍ଲାର ବିଭିନ୍ନ ସ୍ଥାନରେ ୧୨ ଜଣଙ୍କର ମୃତ୍ୟୁଜନିତ ରିପୋର୍ଟ ହସ୍ତଗତ ହୋଇଛି। ଆଜିର ଦିନକୁ କେହିକେହି କଳା ଶୁକ୍ରବାର ମଧ୍ୟ କହୁଛନ୍ତି ମୃତକମାନଙ୍କ ମଧ୍ୟରେ ୫ଜଣ ମହିଳା ଥିବା ବେଳେ ୩ ଜଣ ନାବାଳକ ଅଛନ୍ତି।

ବଜ୍ରପାତ ଯୋଗୁଁ କୋରାପୁଟ ଜିଲ୍ଲାରେ ଗୋଟିଏ ଦିନରେ ୪ ଜଣଙ୍କ ମୃତ୍ୟୁ ଘଟିଛି। ସେମିଳିଗୁଡା ପଞ୍ଚାୟତ ସମିତି ଅଧୀନସ୍ଥ ଚରାଙ୍ଗୁଲ ପଞ୍ଚାୟତ ଅନ୍ତର୍ଗତ ଖାଲପାଡ଼ି ଗ୍ରାମରେ କୁମ ଜାନିଙ୍କ ପୁଅ ଦାସ ଜାନି (୩୨) ନାମକ ଯୁବକ ପଡ଼ୋଶୀ ଗ୍ରାମ ଲେଞ୍ଜିଗୁଡ଼ା ନିକଟରେ ଥିବା ନଦୀକୁ ମାଛ ଧରିବା ପାଇଁ ଯାଇଥିଲା। ପ୍ରାୟ ଗୋଟେରୁ ଦୁଇଟା ମଧ୍ୟରେ ପ୍ରବଳ କାଳବୈଶାଖୀ ବର୍ଷା ସହିତ ବାରମ୍ବାର ଘଡ଼ଘଡ଼ି ମାରିଥିଲା। ସେହି ଘଡ଼ଘଡ଼ିରେ ଦାସ ଜାନିଙ୍କ ମୃତ୍ୟୁ ହୋଇଥିଲା। ଲକ୍ଷ୍ମୀପୁର ବ୍ଲକ ଅନ୍ତର୍ଗତ ଓଡ଼ିଆପେଣ୍ଠ ଗ୍ରାମପଞ୍ଚାୟତର ପରଡିଗୁଡା ଗାଁରେ ଆଜି ଦିନ ଦିପହରରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା ବର୍ଷା ସମୟରେ ନିଜ ଧାନ ବିଲ ନିକଟରେ ଥିବା କୁଡ଼ିଆରେ ଆଇ-ନାତୁଣୀ ଓ ଗାଁର ଜଣେ ମହିଳାଙ୍କ ସମେତ ଅନ୍ୟ ୫ ଜଣ ଆଶ୍ରୟ ନେଇଥିଲେ। କିନ୍ତୁ ଏହି ସମୟରେ ତାଙ୍କ କୁଡ଼ିଆ ଉପରେ ବଜ୍ରପାତ ହୋଇଥିଲା ଘଟଣାସ୍ଥଳରେ ହିଁ ବୁଦ୍ରୀ ମାଣ୍ଡିଙ୍ଗା, ତାଙ୍କ ନାତୁଣୀ କସା ମାଣ୍ଡିଙ୍ଗା ଓ ଅମ୍ବିକା କାଶୀଙ୍କ ମୃତ୍ୟୁ ଘଟିଥିଲା।



ଗଞ୍ଜାମ ଜିଲ୍ଲାର ବେଲଗୁଣ୍ଠା ଥାନା ଅଧୀନ କେବିରୀ ବ୍ରହ୍ମପୁର ଠାରେ ବଜ୍ରପାତ ଘଟି ଜଣଙ୍କ ମୃତ୍ୟୁ ଘଟିଥିବା ବେଳେ ତନରଡ଼ା ଗ୍ରାମର ଜଣେ ମହିଳା ଆହତ ହୋଇଛନ୍ତି। ଅପରାହ୍ଣରେ ପ୍ରବଳ ଘଡ଼ଘଡ଼ି ସହ ବର୍ଷା ହୋଇଥିଲା। ଏହି ସମୟରେ କେବିରୀ ବ୍ରହ୍ମପୁର ଗ୍ରାମର ପୂର୍ଣ୍ଣଚନ୍ଦ୍ର ଗୌଡ଼ଙ୍କ ଝିଅ ରୀତା ଗୌଡ଼(୩୦) ନିକଟସ୍ଥ ଆମ୍ବତୋଟାକୁ ଯାଇଥିଲେ। ବଜ୍ରପାତରେ ସେ ଟଳି ପଡ଼ିଥିଲେ। ତନରଡ଼ା ଗ୍ରାମର ନର୍ମଦା ପୋଲାଇ(୩୮) ଘର ସମ୍ମୁଖରେ ବସିଥିବା ବେଳେ ବଜ୍ରପାତ ଘଟିଥିଲା। କବିସୂର୍ଯ୍ୟନଗର ଥାନା ଅନ୍ତର୍ଗତ ଏ. ବରିଡ଼ା ଗ୍ରାମର ଲକ୍ଷ୍ମଣ ପ୍ରଧାନଙ୍କ ୧୩ବର୍ଷର ପୁଅ ଓମ୍‌ପ୍ରକାଶ ପ୍ରଧାନଙ୍କ ବଜ୍ରପାତରେ ମୃତ୍ୟୁ ଘଟିଛି। ସେ ଗାଁ ଖେଳ ପଡ଼ିଆରେ କ୍ରିକେଟ୍ ଖେଳୁଥିଲେ।

ଯାଜପୁର ଜିଲ୍ଲା ଧର୍ମଶାଳା ବ୍ଲକ ଜେନାପୁର ଥାନା ଅଞ୍ଜିରା ପଞ୍ଚାୟତର ବୁରୁସାହିରେ ବଜ୍ରପାତ ଯୋଗୁଁ ମଣି ହେମ୍ବ୍ରମଙ୍କ ପୁଅ ତାରା (୯) ଓ ପାଣ୍ଡେ ଚତାରଙ୍କ ପୁଅ ଜାଖୁନ (୧୨)ଙ୍କର ମୃତ୍ୟୁ ଘଟିଛି। ଏମାନେ ଆଜି ଅପରାହ୍ଣରେ ଗାଁ ଦାଣ୍ଡରେ ଖେଳୁଥିଲେ।

ଢେଙ୍କାନାଳ ଜିଲ୍ଲା କଙ୍କଡ଼ାହାଡ଼ ବ୍ଲକ୍ ମହାବିରୋଡ଼ ଥାନା ଦଶୀପୁର ପଞ୍ଚାୟତ କୁସୁମୁଣ୍ଡିଆ ଗାଁରେ ବଜ୍ରପାତରେ ଜଣେ ମହିଳାଙ୍କ ମୃତ୍ୟୁ ହୋଇଛି। ସେ ହେଲେ ସୁରୁଷ୍ଟି ବିଶ୍ୱାଳ(୪୦)। ଗଁଦିଆ ଥାନା କାବରା ଗାଁରେ ବିଲବାହାଳରେ କାମ ସାରି ସନାତନ ଦିଆଣି(୪୫) ଘରକୁ ଫେରୁଥିଲେ ହଠାତ୍ ବଜ୍ରପାତ ହେବା ଫଳରେ ସେ ମୁହଁ ମାଡ଼ି ତଳେ ପଡ଼ିଯାଇଥିଲେ। ତାଙ୍କ ଶରୀରର ଗୋଟିଏ ପାର୍ଶ୍ୱ ସମ୍ପୂର୍ଣ୍ଣ ଭାବେ ପୋଡ଼ିଯାଇଥିବା ସୂଚନା ରହିଛି।ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ହୋଇଛି।

ମୟୂରଭଞ୍ଜ ଜିଲ୍ଲା ଉଦଳା ଥାନା କୁଟିଂ ଗ୍ରାମର ଚୁନାରାମ କିସ୍କୋ (୩୧) ଚୁନାରାମ ଔପଦା ବ୍ଲକ ଦାରି ପୋଖରୀ ନିକଟରେ ରହି ଔପଡା ବନ ବିଭାଗ ଅଧିନରେ ଶ୍ରମିକ ଭାବେ କାମ କରୁଥିଲେ। ଆଜି ଅପରାହ୍ଣରେ ଦାରି ପୋଖରୀଗାର୍ଡ ଅଫିସରୁ କାମ ସାରି ନିଜ ସମ୍ପର୍କୀୟ ରହୁଥିବା ବାଲିମୁଣ୍ଡଳୀ ମାଝୀ ସାହିକୁ ଫେରୁଥିବା ବେଳେ ବଜ୍ରାଘାତର ଶିକାର ହୋଇଥିଲେ। ସ୍ଥାନୀୟ ଲୋକେ ତାଙ୍କୁ ଉଦ୍ଧାର କରି ସୋର ଡାକ୍ତରଖାନାକୁ ଆଣିଥିବା ବେଳେ ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ।ଗଜପତି ଜିଲା ମୋହନା ଆର୍. ଉଦୟଗିରି କାନକଟା ଗ୍ରାମରେ ବଜ୍ରପାତ ଘଟି ଜଣେ ଯୁବତୀଙ୍କ ମୃତ୍ୟୁ ଘଟିଥିବା ଜଣାପଡିଛି।

ଖଜୁରିପଡ଼ା ବ୍ଲକ୍ ଅଞ୍ଚଳରେ କାଳବୈଶାଖୀ ପ୍ରଭାବରେ ବ୍ରଜପାତ ହେବା ଯୋଗୁ ଅନେକ ଗାଈଙ୍କର ମୃତ୍ୟୁ ହୋଇଥିବା ଜଣାପଡ଼ିଛି। ଅରାପାଜୁ ଗ୍ରାମର ମାଟୁଙ୍ଗି ଗାଁରେ ବଜ୍ରପାତରେ ୨ ବଳଦଙ୍କ ମୃତ୍ୟୁ ହୋଇଛି। ସେହିପରି ସସ୍କେଡି ଗାଁରେ ୩ ବଳଦ ଏବଂ ୨ ଗାଈ ଓ ଗଞ୍ଜୁଗୁଡ଼ାରେ ୨ ବଳଦଙ୍କ ମୃତ୍ୟୁ ହୋଇଛି।

# ସିନ୍ଦୂର ଯାତ୍ରାରେ ଯୋଗଦେଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, ୧୬।୫(ମହାଭାରତ): ଅପରେସନ ସିନ୍ଦୁରର ସଫଳତା ପାଳନ ଅବସରରେ ଭୁବନେଶ୍ୱରର ମାଷ୍ଟରକ୍ୟାଂଟିନ ଠାରେ ଆୟୋଜିତ ସିନ୍ଦୂର ଯାତ୍ରାରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଯୋଗଦେଇ ଅପରେସନ ସିନ୍ଦୂର କେବଳ ଏକ ନାମ ନୁହେଁ, ଭାରତୀୟ ସେନାର ସାହସ ଓ ନାରୀ ସମ୍ମାନର ଏହା ଏକ ଅଭିନବ ସମାହାର। ଆମର ବୀର ଯବାନମାନଙ୍କୁ ଏହି ପଦଯାତ୍ରା ଦ୍ୱାରା ଆମେ ସ୍ମରଣ କରୁଛୁ ବୋଲି କହିଥିଲେ।

ସୂଚନାଯୋଗ୍ୟଯେ, ରାଜ୍ୟରେ ମହିଳା ସଶକ୍ତିକରଣ ପାଇଁ ଉଦ୍ଦିଷ୍ଟ ମିଶନ ଶକ୍ତି ବିଭାଗ ଦ୍ୱାରା ମୁଖ୍ୟତଃ ମହିଳା ମାନଙ୍କୁ ନେଇ ଆୟୋଜିତ ଏହି ପଦଯାତ୍ରା ମାଷ୍ଟରକ୍ୟାଂଟିନ ରୋଡ଼ ଠାରୁ ଆରମ୍ଭ ହୋଇ ରମାଦେବୀ ବିଶ୍ୱବିଦ୍ୟାଳୟ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା।ଏହି ପଦଯାତ୍ରାରେ ହଜାର ହଜାର ସଂଖ୍ୟାରେ ମହିଳା ଯୋଗ ଦେଇଥିବା ବେଳେ, ଭାରତୀୟ ନୌସେନାର ସର୍ଜେଣ୍ଟ୍ ଲେଫ୍ଟେନାଣ୍ଟ କମାଣ୍ଡର, ଅନନ୍ୟା ଦଳବେହେରା, ପହଲଗାମଠାରେ ସହିଦ୍ ହୋଇଥିବା ପ୍ରଶାନ୍ତ ଶତପଥୀଙ୍କ ଧର୍ମପନ୍ନୀ ପ୍ରିୟଦର୍ଶିନୀ ଆଚାର୍ଯ୍ୟ ଉପସ୍ଥିତ ରହି ଏହି ଅପରେସନ ସିନ୍ଦୁର ସଫଳତାର ପଦଯାତ୍ରାରେ ଭାଗ ନେଇଥିଲେ। ଏହି ଅବସରରେ ମୁଖ୍ୟମନ୍ତ୍ରୀ ନିଜ ଅଭିଭାଷଣରେ କହିଥିଲେଯେ, ଭାରତୀୟ ନାରୀଟିଏ ମଥାରେ



ସିନ୍ଦୁର ପିନ୍ଧିଲା ସମୟରେ ଏହା ସଂକଳ୍ପ ନେଇଥାଏ ଯେ ସେ ନିଜ ସ୍ୱାମୀ ଓ ପରିବାର ପାଇଁ ସମସ୍ତ ବାଧାବିଘ୍ନକୁ ସହି ଏକ ସୁଦୃଢ଼ କବଚ ଭାବେ ସୁରକ୍ଷା ଦେବ। ସିନ୍ଦୁରର ରଙ୍ଗ ନାଲି। ଏହି ନାଲି ରଙ୍ଗ ବିଜୟର ପ୍ରତୀକ ଏବଂ ବିପଦର ମଧ୍ୟ ପ୍ରତୀକ। ପ୍ରଧାନମନ୍ତ୍ରୀ ମୋଦୀଜୀ ଏହି ସିନ୍ଦୁରର ନାଲି ରଙ୍ଗକୁ ଶତ୍ରୁମାନଙ୍କ ପାଇଁ ବିପଦ ଏବଂ ଭାରତବାସୀଙ୍କ ପାଇଁ ବିଜୟର ସଂକେତ ଦେଇ, ଏହି ମିଶନର ନାଁ ଅପରେସନ୍ ସିନ୍ଦୁର ରଖିଛନ୍ତି। ଯେପରି ସିନ୍ଦୂର ପ୍ରତ୍ୟେକ ଭାରତୀୟ ନାରୀଙ୍କର ଗର୍ବ ଓ ଗୌରବ ସେପରି ଆମ ଭାରତୀୟ ଯବାନ ଆମ ସମସ୍ତଙ୍କ ପାଇଁ ଗର୍ବ ଓ ଗୌରବ। ଆମ ଯବାନମାନଙ୍କର ଅଭୁତପୂର୍ବ ପରାକ୍ରମ ଓ ଶୌର୍ଯ୍ୟ ପାଇଁ ମୁଁ ସେମାନଙ୍କୁ ଅଶେଷ ଅଶେଷ ଅଭିନନ୍ଦନ ଜଣାଉଛି। ଆଜିର ଏହି ଯାତ୍ରା କେବଳ ଏକ ପଦଯାତ୍ରା ନୁହେଁ, ଏହା ହେଉଛି ମାତୃଭୂମି ପ୍ରତି ଆମର ସମର୍ପଣ, ସାହସ ଓ ଶକ୍ତିର ନିଦର୍ଶନ ବୋଲି ସେ କହିଥିଲେ। ସେ ପୁଣି କହିଥିଲେଯେ, ଆପଣମାନେ କର୍ଣ୍ଣେଲ ସୋଫିଆ କ୍ୟୁରେସି ଓ ୱିଙ୍ଗ କମାଣ୍ଡର ଭ୍ୟୋମିକା ସିଂହଙ୍କୁ ଟେଲିଭିଜନରେ ଦେଖିଥିବେ। ଉଭୟ ଆଜି ବନି ଯାଇଛନ୍ତି ଭାରତୀୟ ନାରୀ ଶକ୍ତିର ପ୍ରତୀକ।

## ଜୁନ୍ ୨୮ରୁ ପୁଣି ରତ୍ନଭଣ୍ଡାର ମରାମତି

**ପୁରୀ, ୧୬।୫(ମହାଭାରତ):** ରଥଯାତ୍ରା ସମୟରେ ରତ୍ନଭଣ୍ଡାର, ଗର୍ଭଗୃହ, ଜଗମୋହନ ଓ ନାଟମଣ୍ଡପ ମରାମତିକୁ ନେଇ ଗୁରୁତ୍ୱପୂର୍ଣ୍ଣ ବୈଠକ ଶ୍ରୀମନ୍ଦିର ପ୍ରଶାସନ କାର୍ଯ୍ୟାଳୟରେ ହୋଇଯାଇଛି। ଏଥିରେ ଶ୍ରୀମନ୍ଦିର ପ୍ରଶାସନ ବୈଷୟିକ କୋର କମିଟିର ସଦସ୍ୟ ଡ ଏନ୍ ସି ପାଲ, ସୁପରିଟେଣ୍ଡେଣ୍ଟ ଆରକ୍ୟୁଲୋଜିଷ୍ଟ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ସମେତ ଉନ୍ନୟନ ପ୍ରଶାସକଙ୍କ ଉପସ୍ଥିତରେ ଆଲୋଚନା କରାଯାଇଛି। ଆସନ୍ତା ଜୁନ୍ ୨୮ରୁ ଜୁଲାଇ ୬ ତାରିଖ ମଧ୍ୟରେ ଗର୍ଭଗୃହ, ବାହାର ରତ୍ନଭଣ୍ଡାର ମରାମତି ହେବ। ଏହି ସମୟରେ ବିଶେଷ କରି ବାହାର ରତ୍ନଭଣ୍ଡାର ମରାମତି କରାଯିବ। ଭିତର ରତ୍ନଭଣ୍ଡାର ମରାମତି ପ୍ରାୟତଃ ଶେଷ ହୋଇଯାଇଛି। କେବଳ ଚଟାଣ କାମ ବାକି ଅଛି। ପୂର୍ବରୁ ନିଷ୍ପତ୍ତି ଅନୁଯାୟୀ ଏପ୍ରିଲ ୨୯ ରୁ ଜୁନ୍ ୨୭ ପର୍ଯ୍ୟନ୍ତ ରତ୍ନଭଣ୍ଡାର ମରାମତି କାର୍ଯ୍ୟ ବନ୍ଦ ରହିଛି। ଚନ୍ଦନଯାତ୍ରା ନୀତି କାନ୍ତି ଥିବାରୁ ମରାମତି କାର୍ଯ୍ୟ ବନ୍ଦ ରହିଛି। ଗତ ଡିସେମ୍ବର ୧୭ରୁ ମରାମତି କାର୍ଯ୍ୟ ଆରମ୍ଭ ହୋଇଥିଲା ଚାରିମାସ ମଧ୍ୟରେ ସମୁଦାୟ ୧୯୩ ଘଣ୍ଟା ପାଞ୍ଚ ମିନିଟ କାର୍ଯ୍ୟ ହୋଇଥିଲା କିନ୍ତୁ ପୂର୍ଣ୍ଣାଙ୍ଗ ମରାମତି ହୋଇପାରିଲା ନାହିଁ। ଭିତର ରତ୍ନଭଣ୍ଡାରର ମରାମତି କାର୍ଯ୍ୟ ପ୍ରାୟତଃ ଶେଷ ହୋଇଛି। କେବଳ ଚଟାଣ କାର୍ଯ୍ୟ ବାକି ରହିଛି। ଭିତର ରତ୍ନଭଣ୍ଡାରରେ ୯ଟିଷ୍ଟେନଲେସ ବିମ ଲାଗିସାରିଛି। ବାହାର ରତ୍ନଭଣ୍ଡାରର ପାଞ୍ଚଟି ଷ୍ଟେନଲେସ ବିମ୍ ଲାଗିବ। ନଷ୍ଟ ହୋଇଯାଇଥିବା ପଥର ଗୁଡ଼ିକ ମଧ୍ୟ ପରିବର୍ତ୍ତନ କରାଯିବ।

## ଲାଞ୍ଚ ନେଇ ବନ୍ଧା ହେଲେ ଏନ୍ଏସି କାର୍ଯ୍ୟନିର୍ବାହୀ

**ଖଣ୍ଡପଡ଼ା, ୧୬।୫(ମହାଭାରତ):** ନୟାଗଡ ଜିଲ୍ଲା ଖଣ୍ଡପଡା ଏନ୍ଏସିର ଏକଜିକ୍ୟୁଟିଭ୍ ଅଫିସର ନିରଞ୍ଜନ ଧଳ ଭିଜିଲାନ୍ସ ଦ୍ୱାରା ଗିରଫ ହୋଇଛନ୍ତି। ଶ୍ରୀ ଧଳ ଜଣେ ଠିକାଦାରଙ୍କ ଠାରୁ ୨୦ ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଭିଜିଲାନ୍ସ ତାଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଭିଜିଲାନ୍ସ ଶ୍ରୀ ଧଳଙ୍କ ଠାରୁ ଏହି ଲାଞ୍ଚ ଟଙ୍କା ଜବତ କରିବା ସହିତ ତାଙ୍କର ୫ଟି ସ୍ଥାନରେ ଭିଜିଲାନ୍ସ ପକ୍ଷରୁ ଚଢ଼ାଉ କରାଯାଇଛି।

## ଲୋକଙ୍କୁ ବର୍ଷକର ରିପୋର୍ଟ କାର୍ଡ ପ୍ରଦାନ କରିବେ ସରକାର

**ଭୁବନେଶ୍ୱର, ୧୬।୫(ମହାଭାରତ):** ଲୋକଙ୍କୁ ବର୍ଷକର ରିପୋର୍ଟ କାର୍ଡ ପ୍ରଦାନ କରିବେ ସରକାର। ବର୍ଷକର ସଫଳତା ଧରି ଲୋକଙ୍କ ପାଖକୁ ଯିବେ ସରକାର। ୨୧ ନିର୍ବାଚନ ପ୍ରତିଶ୍ରୁତି ବର୍ତ୍ତମାନ୍ ସୁଦ୍ଧା ୧୧ ପ୍ରତିଶ୍ରୁତି ପୂରଣ କରାଯାଉଛି ବୋଲି କହିଛନ୍ତି ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ।

ସେ କହିଛନ୍ତି ଯେ, ଆଗାମୀ ଦିନରେ ଅବଶିଷ୍ଟ ପ୍ରତିଶ୍ରୁତି ପାଳନ କରାଯିବ। ୮୦୦ ଟଙ୍କା ଇନପୁଟ ସବସିଡି, ଆୟୁଷ୍ମାନ ଭାରତ ଲାଗୁ, ସୁଭଦ୍ରା ଭଳି ପ୍ରମୁଖ ଯୋଜନା କାର୍ଯ୍ୟକାରୀ କରାଯାଇଛି। ଏହି ସଫଳତା ନେଇ ଜିଲ୍ଲା ଓ ରାଜ୍ୟ ସ୍ତରରେ କାର୍ଯ୍ୟକ୍ରମ କରି ସରକାର ଲୋକଙ୍କୁ ବୁଝାଇବେ। ବର୍ଷେପୂର୍ତ୍ତି କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟାଳୟ ସହ ମୁଖ୍ୟମନ୍ତ୍ରୀ ଯୋଗାଯୋଗରେ ଅଛି। କେନ୍ଦ୍ର ଗୃହମନ୍ତ୍ରୀ ଓ ଅନ୍ୟ କେନ୍ଦ୍ରମନ୍ତ୍ରୀ ବି ଯୋଗ ଦେଇ ପାରନ୍ତି। ସରକାରକୁ ଜୁନ ୧୨ ରେ ବର୍ଷେ ପୂରୁଥିବା ବେଳେ ସପ୍ତାହ ବ୍ୟାପୀ କାର୍ଯ୍ୟକ୍ରମ ଆୟୋଜନ କରାଯିବ ବୋଲି ସୂଚନା ମିଳିଛି।ଜୁନ ୧୨ ତାରିଖରେ ସରକାରକୁ ବର୍ଷେ ପୂରଣ ହେବାକୁ ଯାଉଥିବା ବେଳେ ଲୋକଙ୍କ ପାଖକୁ ରିପୋର୍ଟ କାର୍ଡ ନେଇ ଯିବାକୁ ଯୋଜନା କରୁଛନ୍ତି ରାଜ୍ୟ ସରକାର। ବର୍ଷ ପୂର୍ତ୍ତି ଉତ୍ସବ ପାଇଁ ପ୍ରଧାନମନ୍ତ୍ରୀ, ଗୃହ ମନ୍ତ୍ରୀ ଓ ଅନ୍ୟ କେନ୍ଦ୍ର ମନ୍ତ୍ରୀ ମାନଙ୍କୁ ନିମନ୍ତ୍ରଣ କରିବାକୁ ମୁଖ୍ୟମନ୍ତ୍ରୀ କାର୍ଯ୍ୟାଳୟ ଯୋଗାଯୋଗରେ ରହିଛି। ବର୍ଷ ପୂର୍ତ୍ତିକୁ ଉତ୍ସବ ଭାବେ ନୁହେଁ ଉତ୍ତରଦାୟୀ କାର୍ଯ୍ୟକ୍ରମ ଭାବେ ପାଳନ କରାଯିବ। ଲୋକଙ୍କ ପାଖକୁ ପ୍ରଦର୍ଶନ କାର୍ଡ ଧରିକି ଯିବୁ। ରାଜ୍ୟର ୧ କୋଟି ପରିବାର ପାଖରେ ଆମେ ଆମ ରିପୋର୍ଟ କାର୍ଡ ଧରି ପହଁଚିବୁ। ଏହା ସହ ଆଗାମୀ ଦିନ ଲାଗି ଲୋକଙ୍କ ପରାମର୍ଶ ଲୋଡ଼ିବେ ରାଜ୍ୟ ସରକାର। ରାଜ୍ୟ, ଜିଲ୍ଲାରୁ ନେଇ ବ୍ଲକ ଓ ପଞ୍ଚାୟତ ପୌର ସଂସ୍ଥା ଗୁଡ଼ିକରେ କାର୍ଯ୍ୟକ୍ରମ କରାଯିବ। ଜୁନ ୧୨ ତାରିଖରୁ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ ଏହି କାର୍ଯ୍ୟକ୍ରମ।

# କୁଚିଣ୍ଡାବାସୀଙ୍କୁ କେନ୍ଦ୍ରୀୟ ବିଦ୍ୟାଳୟ ଉପହାର ଦେଲେ ଧର୍ମେନ୍ଦ୍ର

କୁଚିଣ୍ଡା, ୧୬।୫(ମହାଭାରତ): ସମ୍ବଲପୁର କୁଚିଣ୍ଡା ନିର୍ବାଚନମଣ୍ଡଳୀରେ ଆଜି ନୂତନ କେନ୍ଦ୍ରୀୟ ବିଦ୍ୟାଳୟ ସମେତ ୭୧ ଗୋଟି ପ୍ରକଳ୍ପରେ ୧୩୫ କୋଟି ଟଙ୍କାର ନିବେଶ ହୋଇଛି, ଯାହା ଡବଲ ଇଞ୍ଜିନ ସରକାରର ଏକ ଉପହାର ବୋଲି କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ ଶୁକ୍ରବାର କେନ୍ଦ୍ରୀୟ ବିଦ୍ୟାଳୟ, କୁଚିଣ୍ଡାର ଅସ୍ଥାୟୀ କ୍ୟାମ୍ପସର ଲୋକାର୍ପଣ ସହ ମନ୍ତ୍ରିମୁଣ୍ଡା ଠାରେ ୩୦ କୋଟି ଟଙ୍କା ବ୍ୟୟରେ ନିର୍ମିତ ହେବାକୁ ଥିବା ସ୍ଥାୟୀ କ୍ୟାମ୍ପସ ପାଇଁ ଭୂମିପୂଜନ କରିଛନ୍ତି। ଏହାବ୍ୟତୀତ ପ୍ରାୟ ୧୦୫ କୋଟି ଟଙ୍କା ବିନିମୟରେ ୭୧ ଗୋଟି ପ୍ରକଳ୍ପର ଉଦଘାଟନ ଓ ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ସେ କହିଛନ୍ତି ଯେ କୁଚିଣ୍ଡାରେ ବହୁତ ଦିନରୁ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା କରିବା ପାଇଁ ଲୋକମାନଙ୍କର ଅପେକ୍ଷା ରହିଥିଲା, ଯେଉଁ ଜନ ଆକାଂକ୍ଷାକୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପୂରଣ କରିଛନ୍ତି। ଚଳିତ ଶିକ୍ଷା ବର୍ଷରୁ କେନ୍ଦ୍ରୀୟ ବିଦ୍ୟାଳୟର ଏହି ଅସ୍ଥାୟୀ କ୍ୟାମ୍ପସରେ ଶିଶୁବାଟିକା ଆରମ୍ଭ କରାଯିବ। ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ୨୦୦ ଜଣରୁ ଅଧିକ ଛାତ୍ରଛାତ୍ରୀମାନଙ୍କୁ ପାଠ ପଢାଯିବ ଏବଂ ଆଗକୁ ଏହି ସଂଖ୍ୟା ୧୨୦୦କୁ ବଢାଇବା ପାଇଁ ଯୋଜନା କରାଯିବ।

ସେହିପରି ଆଜି କୁଚିଣ୍ଡା ନିର୍ବାଚମଣ୍ଡଳୀର ୩୩.୬୮ କୋଟି ଟଙ୍କା ବିନିମୟରେ ୨୩ ଗୋଟି ପ୍ରକଳ୍ପର ଉଦଘାଟନ ଓ ୭୧.୨୪ କୋଟି ଟଙ୍କା ବିନିମୟରେ ୪୮ ଗୋଟି ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନା ହୋଇଛି। ମୋଟ ପ୍ରାୟ ୧୩୫ କୋଟି ଟଙ୍କା ବିନିମୟର ଏହି ପ୍ରକଳ୍ପ ଆଗାମୀ ଦିନରେ କୁଚିଣ୍ଡାକୁ ନୂଆ ପରିଚୟ ଦେବ।



ସେ ଆହୁରି କହିଛନ୍ତି ଯେ କୁଚିଣ୍ଡାରେ ଶିକ୍ଷା ଏକ ସାମାଜିକ ବିଷୟ। ଏହି ଅଞ୍ଚଳରେ ଶିକ୍ଷାକୁ ଗତି ଦେବା ପାଇଁ ଡବଲ ଇଞ୍ଜିନ ସରକାର ନିରନ୍ତର ପ୍ରୟାସ କରୁଛନ୍ତି। ସମ୍ବଲପୁରରେ ତିନୋଟି ଏକଲବ୍ୟ ଆଦର୍ଶ ଆବାସିକ ବିଦ୍ୟାଳୟ ପ୍ରତିଷ୍ଠା ହୋଇଛି। ଏହି ଅଞ୍ଚଳରେ ୬ଟି ସ୍କୁଲକୁ ପିଏମ ଶ୍ରୀସ୍କୁଲରେ ବିକଶିତ କରିବା ପାଇଁ ମଞ୍ଜୁର ହୋଇଛି। ପଞ୍ଚାୟତରେ ଗୋଦାବରୀଶ ମିଶ୍ର ଆଦର୍ଶ ପ୍ରାଥମିକ ବିଦ୍ୟାଳୟ ସ୍ଥାପନାର କଳ୍ପନା କରାଯାଇଛି। ରାଜ୍ୟରେ ଡ୍ରପ ଆଉଟ୍ ହାର କମାଇବା ପାଇଁ ରାଜ୍ୟ ସରକାର 'ମାଧୋ ସିଂହ ହାତ ଖର୍ଚ୍ଚ' ଯୋଜନା କାର୍ଯ୍ୟକାରୀ କରିବାକୁ ଯାଉଛନ୍ତି। ସବୁ ହାଇସ୍କୁଲକୁ ଇଣ୍ଟରନେଟ୍ ଓ ବ୍ରଡବ୍ୟାଣ୍ଡ ସଂଯୋଗ ଯୋଗାଇ ଦେବାର ବ୍ୟବସ୍ଥା ହେଉଛି। ଓଡ଼ିଶା ସମେତ ଭାରତବର୍ଷର ସବୁ ସ୍କୁଲରେ ପିଲାମାନଙ୍କ ଏଆଇ ଆଧାରିତ ଶିକ୍ଷା ପ୍ରଦାନ କରାଯିବାର ଯୋଜନା ହୋଇଛି।

କୁଚିଣ୍ଡାରେ ପ୍ରତିଷ୍ଠା ହେଉଥିବା ନୂଆ ଆଇଟିଆଇ ଛାତ୍ରଛାତ୍ରୀଙ୍କୁ ରୋଜଗାର କରିବା ପାଇଁ ନୁହେଁ ବରଂ ରୋଜଗାରଦାତା ହେବା ପାଇଁ ପ୍ରୋତ୍ସାହିତ କରିବ। ଦାରିଦ୍ର୍ୟ ମୂଳୋତ୍ପାଟନ ହେବାର ଏକ ମାଧ୍ୟମ ହେଉଛି ଶିକ୍ଷା। ଭଲ ପାଠ ପଢିଲେ ସମାଜରେ ଦାରିଦ୍ର୍ୟ ହ୍ରାସ ହେବ। ଶିକ୍ଷା ସମେତ କୁଚିଣ୍ଡାର ମୌଳିକ ସେବା, କୃଷି, ସ୍ୱାସ୍ଥ୍ୟସେବା, ରୋଜଗାରର ସୁଯୋଗ ସୃଷ୍ଟି କରିବା ପାଇଁ ଆମ ସରକାର ବଦ୍ଧ ପରିକର।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ କହିଛନ୍ତି ଯେ ଶିକ୍ଷା କ୍ଷେତ୍ରରେ ପଛୁଆ ବର୍ଗଙ୍କ ସମେତ ସବୁ ବର୍ଗର ଛାତ୍ରଛାତ୍ରୀଙ୍କୁ ଅଧିକରୁ ଅଧିକ ସୁଯୋଗ ପ୍ରଦାନ କରିବା ଆମର ଲକ୍ଷ୍ୟ ରହିଛି। ଭାରତୀୟ ସମ୍ବିଧାନର ପ୍ରଣେତା ଭାରତରତ୍ନ ଡକ୍ଟର ବି.ଆର୍ ଆମ୍ବେଦକର ଦଳିତ ଏବଂ ଜନଜାତିଙ୍କ ପାଇଁ ସଂରକ୍ଷଣ ବ୍ୟବସ୍ଥା କରିଥିଲେ। ମଣ୍ଡଳ କମିଶନ ପଛୁଆ ବର୍ଗଙ୍କ ବିକାଶ ପାଇଁ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିବା ପାଇଁ କହିଥିଲେ। ଏହି ମର୍ମରେ ଡବଲ ଇଞ୍ଜିନ ସରକାର ନିକଟରେ ସାମାଜିକ ଆର୍ଥିକ ଦୃଷ୍ଟିରୁ ପଛୁଆ ବର୍ଗ ତଥା ଏସଇବିସି ବର୍ଗର ଛାତ୍ରଛାତ୍ରୀଙ୍କ ପାଇଁ ନାମଲେଖାରେ ଉଚ୍ଚ ଶିକ୍ଷା ଓ ଉଚ୍ଚ ମାଧ୍ୟମିକ ଶିକ୍ଷା କ୍ଷେତ୍ରରେ ୧୧.୨୫% ଆସନ ସଂରକ୍ଷଣ ପ୍ରଦାନ କରିବା ପାଇଁ ନିଷ୍ପତି ନେଇଛି, ଯାହାକୁ ଓଡ଼ିଶା ରାଜ୍ୟ କ୍ୟାବିନେଟ୍ ମଞ୍ଜୁର ଦେଇଛି।

# ବ୍ରେଡ କଷ୍ଟାଡ



**ଆବଶ୍ୟକ ସାମଗ୍ରୀ:** କ୍ଷୀର-୧ ଲିଟର, କଷ୍ଟାଡ ପାଉଡର-୩ ଋମଚ, ଚିନି- ହାଫ କପ୍, ବ୍ରେଡ-୮ ପିସ୍, ସାମାନ୍ୟ ବଟର, ଆବଶ୍ୟକ ଅନୁଯାୟୀ ଡ୍ରାଏ ଫ୍ରୁଟସ।

**ପ୍ରସ୍ତୁତ ପ୍ରଣାଳୀ:** ପ୍ରଥମେ ଗ୍ୟାସରେ ଏକ କରେଇ ବସାଇ ୧ ଲିଟର କ୍ଷୀର ଢାଳନ୍ତୁ। କ୍ଷୀର ସାମାନ୍ୟ ଉଷୁମ ହେବା ପରେ ଏକ ପାତ୍ରରେ ୨ରୁ ୩ ଋମଚ କଷ୍ଟାଡ ପାଉଡର ନେଇ କିଛି କ୍ଷୀର ମିଶାନ୍ତୁ। ଏହାପରେ ସବୁ ମିଶ୍ରଣକୁ କରେଇରେ ଢାଳି ଆସ୍ତେ ଆସ୍ତେ ଗୋଳାନ୍ତୁ। ଏହା ବହଳିଆ ହୋଇଯିବା ପରେ ହାଫ କପ୍ ଚିନି ମିଶାନ୍ତୁ। ଏହା ଫୁଟିବା ଆରମ୍ଭ କରିବା ମାତ୍ରେ ଗ୍ୟାସ ବନ୍ଦ କରି ଦିଅନ୍ତୁ। ଏହାପରେ ଏହି ମିଶ୍ରଣକୁ ଅନ୍ୟ ଏକ ପାତ୍ରରେ ବାହାର କରି ଦିଅନ୍ତୁ। ଏହାପରେ ଏହାକୁ ଘୋଡ଼ାଇ ୪ ଘଣ୍ଟା ପର୍ଯ୍ୟନ୍ତ ଫ୍ରିଜରେ ରଖି ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ୮ ପିସ୍ ବ୍ରେଡ ନେଇ ତାହାକୁ ଛୋଟ ଛୋଟ ଖଣ୍ଡ କରି ଦିଅନ୍ତୁ। ଏହାପରେ ଗ୍ୟାସ୍ ଉପରେ ଏକ ପ୍ୟାନ୍ ବସାଇ ବଟର ଦିଅନ୍ତୁ। ସେଥିରେ ବ୍ରେଡ ପକାଇ ହାଲକା ବ୍ରାଉନ ହେବା ପର୍ଯ୍ୟନ୍ତ ଫ୍ରାଏ କରି ଦିଅନ୍ତୁ। ଏହାପରେ ଫ୍ରିଜରୁ କଷ୍ଟାଡକୁ ବାହାର କରି ଭଲ ଭାବେ ଫେଣ୍ଟି ଦିଅନ୍ତୁ। ଏହାପରେ ସେଥିରେ କଟା କାଜୁ, ପିସ୍ତା, ବାଦାମ, କିସମିସ, କିଛି ଖଜୁରୀ ମିଶାଇ ଦିଅନ୍ତୁ। ଏହାପରେ ଅନ୍ୟ ଏକ ପାତ୍ରରେ ତଳେ ବ୍ରେଡ ପିସକୁ ରଖନ୍ତୁ। ତା ଉପରେ କଷ୍ଟାର୍ଡ ଲେୟର ଦିଅନ୍ତୁ। ଏହାଉପରେ କିଛି ଡ୍ରାଏ ଫ୍ରୁଟ ପକାଇ ସଜାଇ ଦିଅନ୍ତୁ। ଏଥର ପ୍ରସ୍ତୁତ ହୋଇଗଲା ବ୍ରେଡ କଷ୍ଟାଡ।

## ଖବର

# ସୈଫ୍ ଅଲ୍ଲୀ ଖାନଙ୍କ ତିନୋଟି ସମ୍ପତ୍ତି ରହିଛି ପାକିସ୍ତାନରେ

ବଲିଉଡର ଜଣେ ପ୍ରସିଦ୍ଧ ଅଭିନେତା ହେଉଛନ୍ତି ସୈଫ୍ ଅଲ୍ଲୀ ଖାନ । ତାଙ୍କର ତିନୋଟି ସମ୍ପତ୍ତି ସମ୍ପର୍କରେ ଏକ ନୂତନ ଖୁଲାସା ହୋଇଛି । ତିନୋଟି ସମ୍ପତ୍ତି ଏବେ ପାକିସ୍ତାନରେ ରହିଛି । ଏଥିରେ ଭୋପାଳ, ସେହୋର ଏବଂ ରାଇସେନରେ କୋଟି କୋଟି ମୂଲ୍ୟର ସମ୍ପତ୍ତି । ଗୃହ ମନ୍ତ୍ରଣାଳୟର ଶତ୍ରୁ ସମ୍ପତ୍ତିର କଷ୍ଟୋଡିଆନ୍ (ଉରଚଓ) ୮ମଇ, ୨୦୨୫ତାରିଖରେ ଏକ ଚିଠିରେ କହିଥିଲେ ଯେ ନବାବ ହମିଦୁଲ୍ଲା ଖାନଙ୍କ ଝିଅ ଆବିଦା ଏବଂ ଅଫତାବ୍ ବେଗମ ପାକିସ୍ତାନର ନାଗରିକ । ତାଙ୍କ ସମ୍ପତ୍ତିକୁ ଶତ୍ରୁ ସମ୍ପତ୍ତି ଘୋଷଣା କରାଯାଇଛି । ସମାଜସେବୀ ଅମିତାଭ ଅଗ୍ନିହୋତ୍ରୀଙ୍କ ଅଭିଯୋଗ ଆଧାରରେ ଏହି ସୂଚନା ଦିଆଯାଇଛି । ଉରଚଓ ଦଳ ଏବେ ସର୍ଭେ କରୁଛି । ଅଗ୍ନିହୋତ୍ରୀ ଦାବି କରିଛନ୍ତି ଯେ ନବାବ ପରିବାରଠାରୁ ୧୯୪୯ ମସିହାର ମିଶ୍ରଣ ହୋଇଥିବା ମୂଳ ଏଗ୍ରିମେଣ୍ଟ ମଗାଯାଉ ଏବଂ ଯଦି ଏହା ଉପସ୍ଥାପନ ନ କରାଯାଏ, ତେବେ ସମ୍ପତ୍ତିଗୁଡ଼ିକୁ ଜବତ କରାଯାଉ । ହାଇକୋର୍ଟରେ ଦାଖଲ ହୋଇଥିବା ରିପୋର୍ଟ ଅନୁଯାୟୀ, ଭୋପାଳ ଏବଂ ଏହାର ଆଖପାଖ ଅଞ୍ଚଳରେ ପ୍ରାୟ ୫୫୦ ଏକର ଜମି ନବାବ ପରିବାରଙ୍କ ନାମରେ ପଞ୍ଜୀକୃତ ହୋଇଥିଲା। ଯାହା ବ୍ୟକ୍ତିଗତ ସମ୍ପତ୍ତି ନଥିଲା । ଏକ ରିପୋର୍ଟ ଅନୁଯାୟୀ ଭାରତରେ ପାକିସ୍ତାନୀଙ୍କର ମୋଟ ୧୨,୯୮୩ଟି ସମ୍ପତ୍ତି ଅଛି । ଏଗୁଡ଼ିକ ସମସ୍ତ ଶତ୍ରୁ ସମ୍ପତ୍ତି ଅଧୀନରେ ରହିଛି । ଏହି ସମ୍ପତ୍ତିଗୁଡ଼ିକ ଶତ୍ରୁ ସମ୍ପତ୍ତିର କଷ୍ଟୋଡିଆନ୍, ଉରଚଓ ପାଖରେ ଅଛି । ଏହି ସମ୍ପତ୍ତିଗୁଡ଼ିକ ମଧ୍ୟରୁ ଅଧିକାଂଶ ଉତ୍ତର ପ୍ରଦେଶ (୫୬୮୮) ଏବଂ ପଶ୍ଚିମବଙ୍ଗ (୪୩୫୪)ରେ ରହିଛି । ୧୯୬୮ ଅନୁସାରେ ଶତ୍ରୁ ସମ୍ପତ୍ତିକୁ ମୂଳ ମାଲିକ କିମ୍ବା ତାଙ୍କ ଉତ୍ତରାଧିକାରୀମାନେ ହସ୍ତାନ୍ତର କରିପାରିବେ ନାହିଁ କିମ୍ବା ଫେରସ୍ତ ଦାବି କରିପାରିବେ ନାହିଁ । ଯଦିଓ ଶତ୍ରୁ କିମ୍ବା ତାଙ୍କ ଉତ୍ତରାଧିକାରୀମାନେ ସେମାନଙ୍କର ନାଗରିକତା ପରିବର୍ତ୍ତନ କରିଛନ୍ତି । ଉରଚଓ ଶତ୍ରୁ ସମ୍ପତ୍ତି ବିକ୍ରୟ, ଲିଜ୍ କିମ୍ବା ଅନ୍ୟଥା ବ୍ୟବହାର କରିବାର ଅଧିକାର ସଂରକ୍ଷଣ କରିଥାଏ । ୨୦୧୭ରେ ଶତ୍ରୁ ସମ୍ପତ୍ତି ଆଇନରେ ସଂଶୋଧନ ପରେ, ଭାରତୀୟ ନାଗରିକ ଥିବା ଆଇନଗତ ଉତ୍ତରାଧିକାରୀମାନଙ୍କର ଶତ୍ରୁ ସମ୍ପତ୍ତି ଉପରେ କୌଣସି ଦାବି ନାହିଁ ଏବଂ ସେଗୁଡ଼ିକୁ ବିନିଯୋଗ କରିବା ପରେ କ୍ଷତିପୂରଣ ପାଇବା ପାଇଁ ହକଦାର ନୁହଁନ୍ତି ।



# ଶ୍ରୀରାମଙ୍କ ଶରଣ

ହନୁମାନ ସମୁଦ୍ର ଲଙ୍ଘନ କରି ମାତା ସୀତାଙ୍କୁ ଖୋଜିବା ଲାଗି ଲଙ୍କାରେ ପହଞ୍ଚିଲେ । ସେ ପ୍ରଥମେ ରାବଣର ସାନ ଭାଇ ବିଭୀଷଣ ନିକଟରେ ପହଞ୍ଚିଲେ । ବିଭୀଷଣ ହନୁମାନଙ୍କୁ ଏକ ଛୋଟ ପ୍ରଶ୍ନ ପଚାରିଲା- ପ୍ରିୟ ହନୁମାନ ! ମୋତେ କୁହ ଯେ ପ୍ରଭୁ ଶ୍ରୀରାମ କ'ଣ ମୋ ଉପରେ କୃପା ଦୃଷ୍ଟି ପକାଇବେ ? ରାବଣ ମୋ ଭାଇ । ଏହା ଜାଣିସୁଦ୍ଧା ସେ କ'ଣ ମୋତେ ଏ ସଂସାରରୁ ମୁକ୍ତି ଦେବେ ? ଏହାଶୁଣି ହନୁମାନ କହିଲେ, ବିଭୀଷଣ ମହୋଦୟ ! ଆପଣ କାହିଁ ଅଯଥା ସନ୍ଦେହରେ ପଡୁଛନ୍ତି ? ମୋ ଭଳି ବାନର କୁଳରେ ଜନ୍ମିତ ଜଣେ ତୁଚ୍ଛ ବାନରକୁ ପ୍ରଭୁ ଶ୍ରୀରାମ ଶରଣ ଦେଇଛନ୍ତି । ସେ ମୋତେ ତାଙ୍କ ଦାସ ଭାବେ ସ୍ୱୀକାର କରିଛନ୍ତି, ଆପଣଙ୍କୁ କାହିଁକି କରିବେ ନାହିଁ ? ଆପଣ ତ' ଜଣେ ମନୁଷ୍ୟ । ଆପଣଙ୍କୁ ସେ ନିଶ୍ଚେ ସହାୟତା କରିବେ । ଏହା କହି ହନୁମାନ ନିଜ ଭକ୍ତି ମାଧ୍ୟମରେ



ବିଭୀଷଣଙ୍କ ହୃଦୟରେ ଶ୍ରୀରାମଙ୍କ ପ୍ରତି ଅତୁଟ ବିଶ୍ୱାସ ଜନ୍ମାଇ ପାରିଥିଲେ । ଏହି କାରଣରୁ ବିଭୀଷଣ ନିଜକୁ ପ୍ରଭୁ ଶ୍ରୀରାମଙ୍କ ଠାରେ ସମ୍ପୂର୍ଣ୍ଣ ରୂପରେ ସମର୍ପି ଦେଇଥିଲେ ।

# ଗୃହତ୍ୟାଗର ଉଦ୍ଦେଶ୍ୟ

ସ୍ୱାମୀ ଦୟାନନ୍ଦ ସରସ୍ୱତୀ ଯୁବାବସ୍ଥାରେ ବଦ୍ରୀନାଥ-କେଦାରନାଥ ପାର୍ବତୀୟ କ୍ଷେତ୍ର ଭ୍ରମଣ କରିଥିଲେ । ଏହି ଯାତ୍ରା ସମୟରେ ଦିନେ ସେ ଟିହରି ନାମକ ସ୍ଥାନରେ ପହଞ୍ଚିଲେ । ତାଙ୍କ ତେଜସ୍ୱୀ ବ୍ୟକ୍ତିତ୍ୱ ଦ୍ୱାରା ପ୍ରଭାବିତ ହୋଇ ସ୍ଥାନୀୟ ଅଞ୍ଚଳର ଜଣେ ପ୍ରତିଷ୍ଠିତ ବିଦ୍ୱାନ ତାଙ୍କୁ ନିଜ ଘରକୁ ଭୋଜନ ନିମନ୍ତେ ଆମନ୍ତ୍ରଣ ଜଣାଇଲେ । ସ୍ୱାମୀଜୀ ଉକ୍ତ ବ୍ୟକ୍ତିଙ୍କ ଘରେ ପହଞ୍ଚିବା ପରେ ଦେଖିଲେ ଯେ ସେହି ଘରେ ଜଣେ ଲୋକ ମାଂସ କାଟୁଛି । ଏହା ଦେଖି ସ୍ୱାମୀଜୀ ତୁରନ୍ତ ଫେରିବାକୁ ବାହାରିଲେ । ଗୃହସ୍ୱାମୀ ତାଙ୍କୁ ଅଟକାଇବାକୁ ଚେଷ୍ଟା କରିବାରୁ ସେ କହିଲେ, ମୁଁ ମାଂସାହାରୀଙ୍କ



ଘରେ ଭୋଜନ କରି ପାରିବି ନାହିଁ । ଏହା କହି ସେ ଫେରିଆସିଲେ । ଗୁପ୍ତକାଶୀରେ ସ୍ୱାମୀଜୀ ଓଖୋ ମଠରେ ରହିଥିଲେ । ମଠର ମହନ୍ତ ତାଙ୍କ ସହ କଥାବାର୍ତ୍ତା ହେବା ସମୟରେ ଜାଣିପାରିଲେ ଏହି ଯୁବକ ଅତ୍ୟନ୍ତ ବିଦ୍ୱାନ । ସ୍ୱାମୀଜୀଙ୍କୁ ଦିନେ ମହନ୍ତ କହିଲେ, ତୁମେ ମୋ ଶିଷ୍ୟତ୍ୱ ଗ୍ରହଣ କରିନିଅ । ମଠର ବହୁ ସମ୍ପତ୍ତି ରହିଛି । ଭବିଷ୍ୟତରେ ତୁମେ ଏହି ସବୁ ସମ୍ପତ୍ତିର ମାଲିକ ହୋଇଯିବ । ମାତ୍ର ସ୍ୱାମୀଜୀ କହିଲେ, ଯଦି ମୋ ମନରେ ମଠ ସମ୍ପତ୍ତିର ମାଲିକ ହେବାର ଲୋଭ ଥାଆନ୍ତା, ତାହେଲେ ମୁଁ ମାତା-ପିତା, ବନ୍ଧୁ-ବାନ୍ଧବ, ଘରପରିବାର କାହିଁକି ଛାଡ଼ି ଚାଲିଆସିଥାଆନ୍ତି । ମହନ୍ତ ପଚାରିଲେ, ତାହେଲେ ତୁମେ କ'ଣ ପ୍ରାପ୍ତ କରିବା ଲାଗି ଘର ଛାଡ଼ିଛ । ସ୍ୱାମୀଜୀ ଏହାର ଉତ୍ତରରେ କହିଲେ ସତ୍ୟ, ବିଦ୍ୟା, ଯୋଗ, ଆତ୍ମା ଆଦିର ରହସ୍ୟ ଜାଣିବା ଲାଗି ମୁଁ ଗୃହତ୍ୟାଗ କରିଛି । ପରଦିନ ସ୍ୱାମୀଜୀ ସେହି ମଠ ଛାଡ଼ି ଯୋଶୀମଠ ଅଭିମୁଖେ ଯାତ୍ରାରମ୍ଭ କଲେ । ଏହି ଯାତ୍ରା ସମୟରେ ସେ ଅନେକ ଠକ ତାନ୍ତ୍ରିକ ଓ ଦେବପୂଜା ନାମରେ ପଶୁବଳି ଦେଉଥିବା ଲୋକଙ୍କର ଘୋର ବିରୋଧ କରିଥିଲେ

# ଗ୍ଲୋଇଂ ଓ ଆଟ୍ରାକ୍ଟିଭ ଫେସ୍ ପାଇଁ ଆପଣାନ୍ତୁ ଏହି ଜିନିଷ



କ୍ଷୀର କେବଳ ସ୍ୱାସ୍ଥ୍ୟ ଭଲ ହୋଇନଥାଏ ବରଂ ଏହା ଆମ ତ୍ୱଚା ପାଇଁ ମଧ୍ୟ ଲାଭଦାୟକ ହୋଇଥାଏ। ଯଦି ଆପଣ କ୍ଷୀରକୁ ରାତି ସାରା ତ୍ୱଚାରେ ଲଗାଇ ରଖିବେ,ତେବେ ଆପଣଙ୍କୁ କୌଣସି ମହଙ୍ଗା କ୍ରିମ୍ କିମ୍ବା ଲୋସନର ଆବଶ୍ୟକତା ପଡ଼ିବ ନାହିଁ। କଞ୍ଚା କ୍ଷୀର ଦିନରେ ଯେତିକି ଲାଭଦାୟକ ହୋଇନଥାଏ ରାତିରେ ତ୍ୱଚାରେ ଲଗାଇବା ସେତିକି ଲାଭଦାୟକ ହୋଇଥାଏ। ଏଥିରେ ଲାକ୍ଟିକ୍ ଏସିଡ ଥାଏ ଯାହା ରାତି ସାରା ଆପଣଙ୍କ ତ୍ୱଚାକୁ ରିପେୟାର କରିବାର କାମ କରିଥାଏ। ଏହା ଦ୍ୱାରା ତ୍ୱଚା ଉପରେ ବୟସର ପ୍ରଭାବକୁ କମ୍ କରିବାରେ ସାହାଯ୍ୟ ମିଳିଥାଏ। ଆସନ୍ତୁ ଜାଣିବା ରାତିରେ ତ୍ୱଚାରେ କଞ୍ଚା କ୍ଷୀର ଲଗାଇବାର ବିଧି

■ କଞ୍ଚା କ୍ଷୀରରେ ଲାକ୍ଟିକ୍ ଏସିଡ ଥାଏ। କ୍ଷୀରରେ ଥିବା ଏହି ତତ୍ତ୍ୱ ଆପଣଙ୍କ ତ୍ୱଚାରେ ଥିବା ଡେଡ ସ୍କିନକୁ ଏକ୍ସଫୋଲିଏଟ୍ କରିବାରେ ସାହାଯ୍ୟ କରିଥାଏ। ରାତିରେ କଞ୍ଚା କ୍ଷୀର ଲଗାଇ ଶୋଇଲେ ସକାଳେ ତ୍ୱଚା ସଫା ହୋଇଯାଇଥାଏ। କ୍ଷୀରରେ ଥିବା ଲାକ୍ଟିକ୍ ଏସିଡ ମାର୍କେଟରେ ମିଳୁଥିବା ସ୍କ୍ରବଠୁ ବହୁତ ଗୁଣକାରୀ।

■ କଞ୍ଚା କ୍ଷୀର ଆପଣଙ୍କୁ ସୁନ୍ଦର ଚମକଦାର ତ୍ୱଚା ଦେଇଥାଏ। ଏହା ତ୍ୱଚାକୁ ହାଇଡ୍ରେଟ୍ କରି ସ୍କିନକୁ ଡ୍ରାଏନେସରୁ ରକ୍ଷା କରିଥାଏ। ଯଦି ଆପଣ ରାତି ସାରା ତ୍ୱଚାରେ କ୍ଷୀର ଲଗାଇବେ,ତେବେ ଅନ୍ୟ ଦିନ ଆପଣଙ୍କ ତ୍ୱଚାରେ ଚମକ ଆସିବ। ଏହାକୁ ଆପଣ ଫେସ୍ ମାସ୍କ ଭାବେ ମଧ୍ୟ ବ୍ୟବହାର କରି ପାରିବେ।

■ କଞ୍ଚା କ୍ଷୀରରେ ଅନେକ ପୋଷକ ତତ୍ତ୍ୱ ରହିଥାଏ। ଏଥିରେ ଲାକ୍ଟୋଜ,ପ୍ରୋଟିନ୍,କ୍ୟାଲସିୟମ୍,ଭିଟାମିନ୍ ଏ,ବି-୧୨,ଡି ଏବଂ ଜିଙ୍କ ସାମିଲ ରହିଛି। ଶୋଇବା ବେଳେ ସ୍କିନରେ ସର୍କୁଲେସନ ବଢ଼ିଯାଇଥାଏ,ଯାହା ଦ୍ୱାରା କ୍ଷୀରରେ ଥିବା ସମସ୍ତ ପୋଷକ ତତ୍ତ୍ୱ ଭଲ ଭାବେ ସ୍କିନରେ ମିଶିଥାଏ। ଫଳରେ ସ୍କିନ୍ ମଇଶ୍ଚରାଇଜ ହୋଇଥାଏ।

■ ତ୍ୱଚାରେ କଞ୍ଚା କ୍ଷୀର ଲଗାଇ ଶୋଇବା ଦ୍ୱାରା ତ୍ୱଚା ତେଲିଆ ହୋଇନଥାଏ,ଯାହା ଦ୍ୱାରା ବ୍ରଣ ସମସ୍ୟା ହୋଇନଥାଏ। ଯଦି ଆପଣ ଏଥିରେ ଅଳ୍ପ ଲୁଣ ମିଶାଇ ତ୍ୱଚାରେ ଲଗାଇବେ ତେବେ ଆପଣଙ୍କ ବ୍ରଣ ସମସ୍ୟା ଦୂର ହୋଇଯିବ।



# ଭଗବାନଙ୍କ ସୃଷ୍ଟି ରଚନାରୁ ଶିକ୍ଷା

ବ୍ରହ୍ମା ସୃଷ୍ଟି ରଚନା କରିଥିଲେ ବୋଲି ପୁରାଣରେ ବର୍ଣ୍ଣିତ। ସଂସାର ନିର୍ମାଣ କରିବାର ଆବଶ୍ୟକତା ପଡ଼ିବାରୁ ବ୍ରହ୍ମାଙ୍କୁ ଏହି ଦାୟିତ୍ୱ ଦେଲେ ପରମେଶ୍ୱର। ସେତେବେଳେ ପୃଥିବୀ ଜଳମଗ୍ନ ଥିଲା।



ଭଗବାନଙ୍କ ସହାୟତାରେ ତାହାର ଉଦ୍ଧାର ହେବାର ଥିଲା। ବ୍ରହ୍ମା ଭଗବାନ ବିଷ୍ଣୁଙ୍କୁ ପ୍ରାର୍ଥନା କରି କହିଲେ ଯେ ଆପଣ ପୃଥିବୀକୁ ଜଳରୁ ଉଦ୍ଧାର କରନ୍ତୁ। ଏହାପରେ ବିଷ୍ଣୁ ପୃଥିବୀକୁ ଜଳରୁ ବାହାର କଲେ । ଏହାପରେ ବ୍ରହ୍ମା ନିଜ ଶରୀରରୁ ଏକ ଦମ୍ପତିଙ୍କୁ ପ୍ରକଟ କଲେ। ସେ ଥିଲେ ମନୁ ଏବଂ ତାଙ୍କ ପତ୍ନୀ ଶତରୂପା। ସନାତନ ଧର୍ମରେ ମାନ୍ୟତା ରହିଛି ଯେ ସଂକଳ୍ପ ସବୁଠୁ ଶ୍ରେଷ୍ଠ ସମ୍ପତି ହେବା ଜରୁରୀ। କେବଳ ସମ୍ପତ୍ତି ଥିଲେ ଚଳିବ ନାହିଁ । ସନ୍ତାନ ଏପରି ହେବା ଉଚିତ, ଯିଏ ଗୌରବ ବୃଦ୍ଧି, ଯାହାଙ୍କ ଜ୍ଞାନ-ବିଜ୍ଞାନର ବିସ୍ତାର ହେବ । କେବଳ କାମବାସନରେ ଉଦବେଳିତ ହୋଇ ସନ୍ତାନଙ୍କୁ ଜନ୍ମ ଦେବା ଅନୁଚିତ। ସଂଯମ, ନିୟମ ଏବଂ ମନକୁ ଶୁଦ୍ଧ କରି ହିଁ ସନ୍ତାନ ଉତ୍ପନ୍ନ କରିବା ଉଚିତ, ତା'ହେଲେ ଯାଇ ଉତ୍ତମ ସନ୍ତାନ ହୋଇଥା'ନ୍ତି। ଏବେ ଲୋକମାନେ କେବଳ ଭୋଗ ପାଇଁ ବଞ୍ଚୁଛନ୍ତି, ବୋଧହୁଏ। ଭୋଗରେ ଟିକିଏ ଯେମିତି ଅଭାବ ନରହୁ, ସେଥିପାଇଁ ପ୍ରୟାସ କରୁଛନ୍ତି । ସଂସାରରେ ଆଜି ଆପଣମାନେ ଯାହା ଦେଖୁଛନ୍ତି, ସେସବୁ ଈଶ୍ୱରଙ୍କର। ମନୁ ଜଙ୍ଗଲରେ ବୁଲି ବୁଲି ସଂଯମ ଏବଂ ନିୟମ ବ୍ରତ କରିଥିଲେ । ଭଗବାନଙ୍କ ଦୟାରୁ ସେ ମାଗିଥିଲେ ଯିଏ ପରମ ଭଗବାନ ଅଟନ୍ତି, ଯାହାଙ୍କ କାରଣରୁ ସୂର୍ଯ୍ୟ ଏବଂ ଚନ୍ଦ୍ର ଆତଯାତ ହେଉଛନ୍ତି, ଯିଏ ଉଦୟ ଏବଂ ଅସ୍ତ ଯାଉଛନ୍ତି, ଯାହାଙ୍କ ପ୍ରଭାବରୁ ବାୟୁ ନିୟନ୍ତ୍ରିତ ହେଉଛି, ଯାହାଙ୍କ କାରଣରୁ ସମୁଦ୍ର ମର୍ଯ୍ୟାଦା ଉଲ୍ଲଙ୍ଘନ କରୁନାହିଁ, ଯାହାଙ୍କ ଦ୍ୱାରା ସେ ନିୟନ୍ତ୍ରିତ ହୋଇ ରହୁଛି । ଶାସ୍ତ୍ରରେ ଯାହାଙ୍କୁ ସର୍ବତ୍ର ବ୍ୟାପକ ବୋଲି କୁହାଯାଇଛି, ସେହି ନିର୍ମାଣ କରନ୍ତି, ପାଳନ କରୁଛନ୍ତି, ସଂହାର କରୁଛନ୍ତି, କର୍ମ ଫଳ ମଧ୍ୟ ସେ ହିଁ ପ୍ରଦାନ କରୁଛନ୍ତି। ମନରେ ଆସିବା ଦରକାର ଯେ ଆମେ ଭଗବାନଙ୍କୁ ଦେଖିବା। ଆମ ଦୃଷ୍ଟି ଯେତେବେଳେ ବ୍ୟାପକ ହେବ। ସମ୍ପୂର୍ଣ୍ଣ ସଂଯମ-ନିୟମରେ ସଜ୍ଜିତ ହେବ, ସେତେବେଳେ ଆମେ ତା'କୁ ଦେଖିବାର ଯୋଗ୍ୟତା ହାସଲ କରିପାରିପାରିବା । ମହାପୁରୁଷମାନେ କହିଛନ୍ତି ଯେ ଭଗବାନ ଯେତେବେଳେ ପ୍ରସନ୍ନ ହୋଇଥାନ୍ତି, ସେତେବେଳେ ମାଗିବା ଉଚିତ୍ । ଶ୍ରେଷ୍ଠତମ ଜୀବନ ବଞ୍ଚିଥିବା ଲୋକମାନଙ୍କୁ ହିଁ ସୁଯୋଗ ମିଳିଥାଏ। ଭଗବାନ କେବଳ ସେମାନଙ୍କ ଭକ୍ତି ଚାହିଁଥା'ନ୍ତି ।

# ସମ୍ବଲପୁର ଚିପିଲିମା କୃଷି ମହାବିଦ୍ୟାଳୟରେ ନୂତନ ଅଡିଟୋରିୟମ ଉଦଘାଟିତ

## ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବ- ଧର୍ମେନ୍ଦ୍ର ପ୍ରଧାନ

## ବ୍ୟୟ ହେବ ୧୦.୫୦ କୋଟି

ସମ୍ବଲପୁର,୧୬।୦୫(ମହାଭାରତ): ସମ୍ବଲପୁର ସ୍ଥିତ ଓୟୁଏଟି ଚିପିଲିମା କୃଷି ମହାବିଦ୍ୟାଳୟରେ ଉଦଘାଟିତ ନୂତନ ଅତ୍ୟାଧୁନିକ ସଭାଗୃହ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ ବୋଲି ଶୁକ୍ରବାର ଉକ୍ତ ଅଡିଟୋରିୟମକୁ ଉଦଘାଟନ କରିବା ଅବସରରେ କହିଛନ୍ତି କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ।



ଶ୍ରୀ ପ୍ରଧାନ କହିଛନ୍ତି ଯେ, ଓୟୁଏଟିର ଏହି ଚିପିଲିମା ଓୟୁଏଟି କ୍ୟାମ୍ପସ ହୀରା ସଦୃଶ ନୂଆ। ନୂଆ। ମେଧାବୀ ଛାତ୍ରୀଛାତ୍ରୀଙ୍କୁ ତିଆରି କରେ । ଏହି ଚିପିଲିମା କ୍ୟାମ୍ପସର ଭିତ୍ତିଭୂମିକୁ ଆହୁରି ଅଧିକ ମଜଭୁ କରିବା ପାଇଁ ରାଜ୍ୟ ସରକାର ଅତିରିକ୍ତ ୮୦ କୋଟି ଟଙ୍କା ଅନୁଦାନର ବ୍ୟବସ୍ଥା କରିଛନ୍ତି। ଏହି ଅର୍ଥ ହଷ୍ଟେଲ, ଏକାଡେମିକ ଏବଂ ପ୍ରଶାସନିକ ବ୍ଲକ ସହ ଛାତ୍ରଛାତ୍ରୀଙ୍କୁ ସୁବିଧା ହେବା ଭଳି ବିଭିନ୍ନ ଭିତ୍ତିଭୂମିର ବିକାଶ ଦିଗରେ ଖର୍ଚ୍ଚ କରାଯିବ। ଏହାବ୍ୟତୀତ ଆଜି ପ୍ରାୟ ୧୦ କୋଟି ୫୦ ଲକ୍ଷ ଟଙ୍କା ନିବେଶରେ ଅଡିଟୋରିୟମର ଲୋକାର୍ପଣ ହୋଇଛି, ଯେଉଁ ସଭାଗୃହ ଅଧ୍ୟୟନରତ ଛାତ୍ରଛାତ୍ରୀଙ୍କ ବୌଦ୍ଧିକ ବିକାଶ କରିବା ସହ ସମ୍ବଲପୁର ସମେତ ଆଖପାଖ ଜିଲ୍ଲାର ଚାଷୀମାନଙ୍କ ଦକ୍ଷତା ବୃଦ୍ଧି କରିବାରେ ବେଶ୍ ସହାୟକ ହେବ। ଓୟୁଏଟି, ଚିପିଲିମା 'ବିକଶିତ ଓଡ଼ିଶା' ଏବଂ 'ବିକଶିତ ଭାରତ'ର ସେତୁବନ୍ଧ ହେବ। ଆଜିର ପଦକ୍ଷେପ ପାଇଁ ଶ୍ରୀ ପ୍ରଧାନ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ତଥା ରାଜ୍ୟ ସରକାରଙ୍କୁ ଧନ୍ୟବାଦ ଜଣାଇଛନ୍ତି।

ସେ ଆହୁରି କହିଛନ୍ତି ଯେ ସମ୍ବଲପୁର କୃଷି ହେଉଛି ଆଞ୍ଚଳିକ ଅର୍ଥନୀତିର ମେରୁଦଣ୍ଡ। କୃଷି ହିଁ ଏଠାକାର ସାଂସ୍କୃତିକ ଓ ସାମାଜିକ ଏକତାର ମୂଳ ଉପାଦାନ। ଚାଷ ଓ ଚାଷୀଙ୍କୁ ଅଧିକରୁ ଅଧିକ ସଶକ୍ତ କରିବା ପାଇଁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ସରକାରଙ୍କ ପ୍ରାଥମିକତାରେ ରହିଛି। ଆଗାମୀ ଦିନରେ ସମ୍ବଲପୁର କୃଷି ମହାବିଦ୍ୟାଳୟରେ ଚାଷରେ ପ୍ରଯୁକ୍ତିବିଦ୍ୟାର ବ୍ୟବହାର ନେଇ ନୂଆ। ପାଠ୍ୟକ୍ରମ ପ୍ରସ୍ତୁତ କରିବା ପାଇଁ ଯୋଜନା ହେବ। ଚାଷୀମାନଙ୍କୁ ପ୍ରଶିକ୍ଷଣ, ଧାନଚାଷ ସମେତ ଅନ୍ୟାନ୍ୟ ଫସଲ ସାମଗ୍ରୀ ଉତ୍ପାଦନ ବୃଦ୍ଧି କରିବା, ଫସଲର କ୍ଷୟକ୍ଷତିକୁ ହ୍ରାସ କରିବା ତଥା ସମ୍ବଲପୁର ଜିଲ୍ଲାରେ କୃଷିଭିତ୍ତିକ ଅର୍ଥନୀତିକୁ ସୁଦୃଢ କରିବା ଦିଗରେ ଆମ ସରକାରଙ୍କ ପକ୍ଷରୁ ଯୋଜନା କରାଯିବ। ଏଠାରେ କୃଷିର ବିଭିନ୍ନ କ୍ଷେତ୍ରରେ ନୂଆ। ବିଭାଗ ଖୋଲିବା ପାଇଁ ଉଦ୍ୟମ ହେବ। ଡବଲ ଇଞ୍ଜିନ ସରକାରରେ ଧାନର ସର୍ବନିମ୍ନ ସହାୟକ ମୂଲ୍ୟ ବା ଏମଏସପି ବାବଦ ଚାଷୀମାନଙ୍କୁ କୁଇଣ୍ଟାଲ ପିଛା ୩୧୦୦ ଟଙ୍କା ପ୍ରଦାନ କରାଯାଉଛି। ଖରିଫ ଋତୁରେ ପ୍ରାୟ ୭୦ ଲକ୍ଷରୁ ଅଧିକ କୁଇଣ୍ଟାଲ ଧାନ ରାଜ୍ୟ ସରକାର କ୍ରୟ କରିଛନ୍ତି। ରବି ଋତୁରେ ମଧ୍ୟ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇସାରିଛି। ଚାଷୀମାନଙ୍କ ପାଇଁ ଏତେ ଦାୟିତ୍ୱ କେଉଁ ସରକାର ନେଇନଥିଲେ। ଡବଲ ଇଞ୍ଜିନ ସରକାରରେ ଏଠାରେ ଧାନ ମଣ୍ଡିକୁ ସୁବ୍ୟବସ୍ଥା କରାଯିବ। ଭାରତ ସରକାରଙ୍କ ସହଯୋଗରେ ଏହି ଅଞ୍ଚଳରେ ପ୍ରାୟ ୧୦୦ କୋଟି ଟଙ୍କା ବ୍ୟୟରେ ଅତ୍ୟାଧୁନିକ ମତ୍ସ୍ୟ ପ୍ରକ୍ରିୟାକରଣ ପ୍ରଶିକ୍ଷଣ କେନ୍ଦ୍ର ପ୍ରତିଷ୍ଠା କରାଯିବ। ଏଠାରେ ଓମଫେଡରୁ କେବଳ ଖୀର ନୁହେଁ ବରଂ ଖୀର ପାଉଡର ଓ ଚକୋଲେଟ ଭଳି ଅନ୍ୟ ଉତ୍ପାଦିତ ଜିନିଷ ତିଆରି କରାଯିବ। କୁଚିଣ୍ଡାର ଲଙ୍କା, ସମ୍ବଲପୁରର ଧାନ, ଡାଲିଜାତୀୟ ଦ୍ରବ୍ୟ, ପନିପରିବା ଓ ଦୁଗ୍ଧ ଏବଂ ପଶୁପାଳନ ଚାଷର ଯେଉଁ ସମ୍ଭାବନା ଅଛି, ସେହି ସମ୍ଭାବନାକୁ ଉପଯୋଗ କରିବା ପାଇଁ ପ୍ରୟାସ ହେବ। ଆମ ଅଞ୍ଚଳରୁ ସ୍ଥାନୀୟ ଫସଲ ସାମଗ୍ରୀକୁ ବିଶ୍ୱ ବଜାରକୁ ପଠାଇବା ପାଇଁ ଯୋଜନା କରିବା ଦିଗରେ ଶ୍ରୀ ପ୍ରଧାନ ଆଲୋକପାତ କରିଥିଲେ। କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ମନ୍ତ୍ରୀ ରବି ନାୟକ ପ୍ରମୁଖ ଉପସ୍ଥିତ ଥିଲେ ।

# ଏମ୍ସରେ ଜାତୀୟ ଡେଙ୍ଗୁ ଦିବସ ପାଳିତ

ଭୁବନେଶ୍ୱର, ୧୬।୦୫ (ସ୍ୱାଧିକାର ନ୍ୟୁଜ) : ଏମ୍ସ ଭୁବନେଶ୍ୱରରେ ଆଜି ଜାତୀୟ ଡେଙ୍ଗୁ ଦିବସ ପାଳିତ ହୋଇଯାଇଛି। ସଚେତନ ହେଲେ ଡେଙ୍ଗୁ ଭଳି ପ୍ରାଣଘାତୀ ଶତ୍ରୁ କବଳରୁ ମୁକ୍ତି ମିଳିପାରିବ। ଏନେଇ ଆଜି ଏମ୍ସ ପକ୍ଷରୁ ବ୍ୟାପକ ଜନଜାଗରଣ କାର୍ଯ୍ୟକ୍ରମ ଆୟୋଜିତ ହେବା ସହିତ ଜନସାଧାରଣଙ୍କୁ ଉଭୟ ଓଡ଼ିଆ। ଓ ଇଂରାଜୀରେ ସଚେତନତାଧର୍ମୀ ପ୍ରଚାରପତ୍ର ବଣ୍ଟନ କରାଯାଇଥିଲା।

ଭାରତ ସରକାରଙ୍କ ସ୍ୱାସ୍ଥ୍ୟ ସେବା ମହାନିର୍ଦ୍ଦେଶାଳୟର ଜାତୀୟ ଭେକ୍ଟର ବର୍ଣ୍ଣ ରୋଗ ନିୟନ୍ତ୍ରଣ କେନ୍ଦ୍ର ଦ୍ୱାରା ପ୍ରକାଶିତ ତଥ୍ୟ ଅନୁଯାୟୀ, ମାର୍ଚ୍ଚ ୨୦୨୫ ସୁଦ୍ଧା ସାରା ଦେଶରେ ମୋଟ ୧୨,୦୪୩ ଡେଙ୍ଗୁ ମାମଲା ଏବଂ ୬ ଜଣଙ୍କର ମୃତ୍ୟୁ ରିପୋର୍ଟ ହୋଇଛି, ଯେଉଁଥିରେ ତାମିଲନାଡୁରୁ ସର୍ବାଧିକ ମାମଲା ରହିଛି।

ଡେଙ୍ଗୁ ଓ ଭୂତାଣୁବାହୀ ରୋଗ କ୍ଷେତ୍ରରେ ଅନ୍ତର୍ଜାତୀୟ ବିଶେଷଜ୍ଞ ତଥା ଏମ୍ସ ଭୁବନେଶ୍ୱର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସ ଡେଙ୍ଗୁ ମଶା ପ୍ରଜନନକୁ ରୋକିବା ନିମନ୍ତେ ଘର ଓ ପରିବେଶକୁ ପରିଷ୍କାର ରଖିବା ଏବଂ ପାଣି ନଜମିବା ଉପରେ ଗୁରୁତ୍ୱାରୋପ କରିଥିଲେ।ଯ ଡେଙ୍ଗୁ ଲାର୍ଭା ସ୍ଥିର କିମ୍ବା ବିଶୁଦ୍ଧ ପାଣିରେ ଦୀର୍ଘ ସମୟ ଯାଏଁ ବଞ୍ଚିରୁହେ। ତେଣୁ ଡେଙ୍ଗୁରୁ ରକ୍ଷା ପାଇବାକୁ ହେଲେ ଘର ଚାରିପାଖରେ ଯେପରି ପାଣି ଜମା ହୋଇ ନରୁହେ ସେନେଇ ଦୃଷ୍ଟି ଦେବାକୁ ହେବ।ସେହିପରି ଆଗକୁ ଆସୁଥିବା ମୌସୁମୀ ସମୟରେ ମଶାରୀ ବ୍ୟବହାର, ପୁରା ହାତ ପୋଷାକ ପିନ୍ଧିବା ଭଳି ନାନା ପ୍ରତିଷେଧକ ବ୍ୟବସ୍ଥା ଉପରେ ଗୁରୁତ୍ୱାରୋପ କରିଥିଲେ ଡ. ବିଶ୍ୱାସ। ଏମ୍ସ୍ ଭୁବନେଶ୍ୱର ମେଡିସିନ୍ (ଭେଷଜ) ବିଭାଗ ପକ୍ଷରୁ ଓପିଡି ପରିସରରେ ଆୟୋଜିତ ଡେଙ୍ଗୁ ସଚେତନତା କାର୍ଯ୍ୟକ୍ରମରେ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଡ. ଆଶୁତୋଷ ବିଶ୍ୱାସଙ୍କ ସମେତ ମେଡିକାଲ ଅଧୀକ୍ଷକ ଡ. ଦିଲ୍ଲୀପ କୁମାର ପରିଡ଼ା, ଭେଷଜ ବିଭାଗ ମୁଖ୍ୟ ଡ. ଅନୁପମ ଦେ, ଡ. ଦେବାନନ୍ଦ ସାହୁ, ଡ. ଅନୁପମା ବେହେରା, ଡ. ଧୃତି ସୁନ୍ଦର ଦାସ, ଶିଶୁ ବିଭାଗର ଡ. ରଶ୍ମୀ ରଂଜନ ଦାସ, ସିଏମ୍ଏଫଏମ୍ ବିଭାଗର ଡ. ବିନୋଦ ବେହେରା ପ୍ରମୁଖ ଯୋଗଦେଇଥିଲେ।

ଡେଙ୍ଗୁ ସଂକ୍ରମଣକୁ ଚିହ୍ନଟ କରିବା ଏବଂ ସଠିକ୍ ସମୟରେ ଚିକିତ୍ସା କରିବା ନିହାତି ଆବଶ୍ୟକୟ ନଚେତ ଏହା ଗୁରୁତର ଜଟିଳତା ସୃଷ୍ଟି କରିଥାଏ। ଏଥିସହିତ ଡେଙ୍ଗୁ ଜନସ୍ୱାସ୍ଥ୍ୟର ଗୁରୁତ୍ୱ, ମହାମାରୀ ସମ୍ବନ୍ଧୀୟ ବିପଦ ଏବଂ ପ୍ରତିଷେଧକ ବ୍ୟବସ୍ଥା ଗ୍ରହଣ କରିବାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିବା ବିଶେଷଜ୍ଞ ମଣ୍ଡଳୀୟ ଉଭୟ ବୟସ୍କ ଏବଂ ପିଲାମାନଙ୍କଠାରେ ଡେଙ୍ଗୁ ରୋଗର ନିରାକରଣ ଏବଂ ଚିକିତ୍ସା ବିଷୟରେ ମଧ୍ୟ ସେମାନେ ସୂଚନା ପ୍ରଦାନ କରିଥିଲେ।

# ମୁଖ୍ୟମନ୍ତ୍ରୀଙ୍କୁ ଓବିସି ମୋର୍ଚ୍ଚାର କୃତଜ୍ଞତା

ଭୁବନେଶ୍ୱର,୧୬।୦୫(ମହାଭାରତ): : ପଛୁଆ ବର୍ଗର ବିକାଶ ପାଇଁ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏକ ଐତିହାସିକ ନିଷ୍ପତି ନେଇଛନ୍ତି। ସାମାଜିକ ଓ ଆର୍ଥୀକ ଭାବେ ପଛୁଆ ବର୍ଗ ଏବଂ ଏସ୍ଇବିସି ବର୍ଗର ଛାତ୍ରୀଛାତ୍ରଙ୍କ



ପାଇଁ ଶିକ୍ଷା କ୍ଷେତ୍ରରେ ୧୧.୨୫% ସଂରକ୍ଷଣ ବ୍ୟବସ୍ଥା ଲାଗୁ କରିଛନ୍ତି। ଓଡ଼ିଶାରେ ବିଜେପି ପ୍ରଥମ ଥର ପାଇଁ ଏକାକୀ ସରକାର ଗଠନ କରିବା ପରେ ପଛୁଆ ବର୍ଗଙ୍କ ପାଇଁ ଶିକ୍ଷା କ୍ଷେତ୍ରରେ ସଂରକ୍ଷଣ ବ୍ୟବସ୍ଥା ଲାଗୁ କରାଯାଇଥିବାରୁ ଆଜି ଓବିସି ମୋର୍ଚ୍ଚା ରାଜ୍ୟ ସଭାପତି ଶ୍ରୀ ସୁରଥ ବିଶ୍ୱାଳଙ୍କ ନେତୃତ୍ୱରେ ଶତାଧିକ ଓବିସି ବର୍ଗ ନେତୃବୃନ୍ଦ ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଭେଟି ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି। ଆଜି ରାଜ୍ୟ ଅତିଥି ଭବନଠାରେ ପଛୁଆ ବର୍ଗଙ୍କୁ ସାମ୍ବିଧାନିକ ଅଧିକାର ଦେଇଥିବା ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପଛୁଆ ଜାତି ସମାଜ ତରଫରୁ ଉଚ୍ଛ୍ୱସିତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମରେ ରାଜ୍ୟର ବିଭିନ୍ନ ସ୍ଥାନରୁ ୧୫ରୁ ଉର୍ଦ୍ଧ୍ୱ ପଛୁଆ ବର୍ଗ ଜାତି ସଂଗଠନର ନେତୃବୃନ୍ଦ ଏବଂ ଶିକ୍ଷାବିତ, ବୁଦ୍ଧିଜୀବିମାନେ ଉପସ୍ଥିତ ରହି ମାନ୍ୟବର ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ ଓ କୃତଜ୍ଞତା ଜ୍ଞାପନ କରିଛନ୍ତି।

ଏହି ଐତିହାସିକ ନିଷ୍ପତି କାରଣରୁ ପଛୁଆ ବର୍ଗର ଛାତ୍ରଛାତ୍ରୀମାନେ ବିଶେଷ ଉପକୃତ ହେବେ। ଅତୀତରେ ପୂର୍ବ ସରକାରମାନଙ୍କ ନିକଟରେ ଅନେକ ଥର ଦାବୀ କରାଯାଇଥିଲେ ସୁଦ୍ଧା କୌଣସି ସରକାର କର୍ଣ୍ଣପାତ କରିନଥିଲେ। ପଛୁଆ ବର୍ଗର ଅନେକ ଛାତ୍ରଛାତ୍ରୀ ଉଚ୍ଚ ଶିକ୍ଷା ପ୍ରାପ୍ତିରୁ ବଂଚିତ ହେଉଥିଲେ। ଏହି ଐତିହାସିକ ଏବଂ ଯୁଗାନ୍ତକାରୀ ନିଷ୍ପତି ପଛୁଆ ବର୍ଗ ଛାତ୍ରଛାତ୍ରୀଙ୍କ ଭବିଷ୍ୟତକୁ ଉଜ୍ଜ୍ୱଳମୟ କରିବ ବୋଲି ଶ୍ରୀ ବିଶ୍ୱାଳ କହିଛନ୍ତି।ରାଜ୍ୟର ୫୪ ପ୍ରତିଶତ ପଛୁଆ ବର୍ଗଙ୍କ ସାମଗ୍ରିକ ବିକାଶ ପାଇଁ ବିଜେପି ସରକାର ପ୍ରତିଶ୍ରୁତିବଦ୍ଧ। ଆଗକୁ ଆହୁରି ଅନେକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନିଆଯିବ ବୋଲି ମୁଖ୍ୟମନ୍ତ୍ରୀ ଏହି ଅବସରରେ କହିଥିବାର ଶ୍ରୀ ବିଶ୍ୱାଳ ସୁଚନା ଦେଇଛନ୍ତି। ଏହି ଅବସରରେ ବିଜେପି ରାଜ୍ୟ ଉପସଭାପତି ତଥା ଓବିସି ମୋର୍ଚ୍ଚା ରାଜ୍ୟ ପ୍ରଭାରୀ ଲଲିତେନ୍ଦୁ ବିଦ୍ୟାଧର ମହାପାତ୍ର, ବିଧାୟକ ଦୁର୍ଗାପ୍ରସନ୍ନ ନାୟକ, ରାଜ୍ୟ ମୁଖପାତ୍ର ଅନିଲ ବିଶ୍ୱାଳ, ମନୋଜ ମହାପାତ୍ର, ଜ୍ଞାନେନ୍ଦ୍ର ସ୍ୱାଇଁ, ସୁକାନ୍ତ ବିଶ୍ୱାଳ, ସୁବାସ ଜେନା, ସିଦ୍ଧାର୍ଥ ଶଂକର ପତି, ବିବେକାନନ୍ଦ ଜେନା ପ୍ରମୁଖଙ୍କ ସମେତ ରାଜ୍ୟର ବିଭିନ୍ନ ଜିଲ୍ଲାରୁ ଆସିଥିବା ମୋର୍ଚ୍ଚାର ଶତାଧିକ ନେତୃବୃନ୍ଦ ଉପସ୍ଥିତ ଥିଲେ।

# ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସରେ ଅଧିକ କୋଚ୍ ସଂଯୋଗ

ଭୁବନେଶ୍ୱର,୧୬।୦୫(ମହାଭାରତ): ହାଓଡ଼ା ଏବଂ ପୁରୀ ମଧ୍ୟରେ ଦ୍ରୁତ ଏବଂ ଅଧିକ ଆରାମଦାୟକ ରେଳ ଯାତ୍ରା ଉପଲବ୍ଧ କରାଇବା ପାଇଁ ବର୍ଦ୍ଧିତ ଚାହିଦାକୁ ଦୃଷ୍ଟିରେ ରଖି ଭାରତୀୟ ରେଳ ୨୨୮୯୫/୨୨୮୯୬ ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସରେ ୨୫% କୋଚ୍ ବୃଦ୍ଧି ଘୋଷଣା କରିଛି। ଆଜିଠାରୁ, ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ପୂର୍ବ ଗଠନ ୧୬ କୋଚ୍ ବଦଳରେ ୨୦ କୋଚ୍ ସହିତ ଚଳାଚଳ କରୁଛି ଯେଉଁଥିରେ ୪ଟି ଅତିରିକ୍ତ ଏସି ଚେୟାର କାର୍ କୋଚ୍ ଯୋଡାଯାଇଅଛି। ଏହି କୋଚ ସଂଯୋଗ ବୃଦ୍ଧିରେ ଚାରୋଟି ଏସି ଚେୟାର କାର୍ କୋଚ୍ ଯୋଡାଯାଇଅଛି ଯାହାର ଲକ୍ଷ୍ୟ ଏହି ପ୍ରତିଷ୍ଠିତ ସେମି-ହାଇ-ସ୍ପିଡ୍ ଟ୍ରେନ୍ ସେବାରେ ଯାତ୍ରା କରୁଥିବା ଯାତ୍ରୀଙ୍କ ସଂଖ୍ୟା ବୃଦ୍ଧିକୁ ଦୃଷ୍ଟିରେ ରଖି କରାଯାଇଛି। ଅପଗ୍ରେଡ୍ ରେକ୍ କମ୍ପୋଜିସନ୍ରେ ଏବେ ୧୬ଟି ଏସି ଚେୟାର କାର୍ କୋଚ୍, ୨ଟି ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚ୍ ଏବଂ ୨ଟି କ୍ରିୟୁ ଏବଂ ଏସି ଚେୟାର କାର୍ କୋଚ୍ ରହିବ।

ଯାତ୍ରୀଙ୍କ ପସନ୍ଦ ଏବଂ ଯାତ୍ରା ଚାହିଦାର ସମୀକ୍ଷା ପରେ ହାଓଡ଼ା-ପୁରୀ-ହାଓ୍ୱଡ଼ା ବନ୍ଦେ ଭାରତ ଏକ୍ସପ୍ରେସ ରେ କୋଚ ସଂଜୟକୁ ବୃଦ୍ଧି କରିବାର ନିଷ୍ପତ୍ତି ନିଆଯାଇଛି। ଯାହା ଉଭୟ ଯାତ୍ରୀ ଏବଂ ପର୍ଯ୍ୟଟକଙ୍କ ପାଇଁ ସବୁଠାରୁ ଅଧିକ ପସନ୍ଦିତ ରୁଟ୍ ଭାବରେ ପରିଚିତ କରାଇଅଛି ବର୍ଦ୍ଧିତ କ୍ଷମତା ଦ୍ୱାରା ଯାତ୍ରା ସୁବିଧାରେ ଉନ୍ନତି ଆସିଥିବାବେଳେ ପ୍ରତୀକ୍ଷା ତାଲିକା ହ୍ରାସ ହେବ ଏବଂ ଏହି ପ୍ରିମିୟମ୍ ଟ୍ରେନ୍ ସେବାକୁ ଆହୁରି ଲୋକପ୍ରିୟ କରାଯିବ ବୋଲି ଆଶା କରାଯାଉଛି। ହାଓଡ଼ା-ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସର ପ୍ରଚଳନ ପରଠାରୁ ଟ୍ରେନ୍ର ପସନ୍ଦରେ ଉଲ୍ଲେଖନୀୟ



ଯାତ୍ରୀ ବୃଦ୍ଧି ଘଟିଛି। ପ୍ରାରମ୍ଭିକ ଭାବରେ ୭୦-୮୦% ର ଚାହିଦା ହାର ସହିତ ପରିଚାଳିତ ହେଉଥିବା ଏହି ଟ୍ରେନ୍ଟି ବର୍ତ୍ତମାନ ୧୧୦% ରୁ ଅଧିକ ପ୍ରଭାବଶାଳୀ ଯାତ୍ରୀ ଚାହିଦା ସ୍ତରରେ ପହଞ୍ଚିଛି। ବର୍ତ୍ତମାନ, ଟ୍ରେନ୍ ନମ୍ବର ୨୨୮୯୫ (ହାଓ୍ୱଡ଼ା-ପୁରୀ) ୧୧୦.୯% ଚାହିଦା ରେକର୍ଡ କରିଛି, ଯେତେବେଳେ ଟ୍ରେନ୍ ନମ୍ବର ୨୨୮୯୬ (ପୁରୀ-ହାଓ୍ୱଡ଼ା) ୧୦୯.୨% ଚାହିଦା ଦେଖୁଛି । ବିଶେଷକରି, ଏସି ଚେୟାର କାର୍ ଶ୍ରେଣୀରେ ୧୧୦.୬୫% ଏବଂ ଏକଜିକ୍ୟୁଟିଭ୍ ଚେୟାର କାର୍ କୋଚରେ ୧୦୩.୧୯% ଚାହିଦା ରହିଛି।

ଯାତ୍ରୀମାନେ ଏହି ବୃଦ୍ଧିକୁ ଅତ୍ୟନ୍ତ ସ୍ୱାଗତ କରିଛନ୍ତି, କାରଣ ଅଧିକ ସଂଖ୍ୟକ ଯାତ୍ରୀ ଏବେ ଏହି ମର୍ଯ୍ୟାଦାଜନକ ଟ୍ରେନ୍ର ସେବା ପାଇପାରିବେ। ଅନେକ ନିୟମିତ ଯାତ୍ରୀ ଏବଂ ପର୍ଯ୍ୟଟକ ସୋସିଆଲ ମିଡିଆ। ଏବଂ ରେଳବାଇ ମତାମତ ପୋର୍ଟାଲରେ ସକାରାତ୍ମକ ପ୍ରତିକ୍ରିୟା ଦେଇଛନ୍ତି, ଯାହା ଭାରତୀୟ ରେଳବାଇର ସେବା ପ୍ରତି ପ୍ରତିକ୍ରିୟାଶୀଳତା ଏବଂ ସମ୍ବେଦନଶୀଳତାକୁ ପ୍ରଶଂସା କରିଛି।ବର୍ଦ୍ଧିତ କୋଚ୍ କ୍ଷମତାକୁ ଜନପ୍ରତିନିଧିମାନେ ମଧ୍ୟ ପ୍ରଶଂସା କରିଛନ୍ତି ଯେଉଁମାନେ ଗତ କିଛି ମାସ ମଧ୍ୟରେ ଏହି ଅପଗ୍ରେଡ୍ ପାଇଁ ସକ୍ରିୟ ଭାବରେ ମତାମତ ପ୍ରଦାନ କରିଥିଲେ।

ପୁରୀ-ହାଓଡ଼ା ବନ୍ଦେ ଭାରତ ଏକ୍ସପ୍ରେସ୍ ଏକ ଅର୍ଦ୍ଧ-ହାଇ-ସ୍ପିଡ୍ ଟ୍ରେନ୍ ଯାହା ପଶ୍ଚିମବଙ୍ଗର ହାଓଡ଼ା ଜଙ୍କସନକୁ ଓଡ଼ିଶାର ପୁରୀ ସହିତ ସଂଯୋଗ କରୁଛି।ଏହି ଟ୍ରେନ ପ୍ରାୟ ୬.୫ ଘଣ୍ଟାରେ ୫୦୦ କିଲୋମିଟର ଦୂରତା ଯାତ୍ରା କରିଥାଏ। ଏହି ଟ୍ରେନ୍ ଗୁରୁବାର ବ୍ୟତୀତ ସପ୍ତାହରେ ଛଅ ଦିନ ଚଳାଚଳ କରୁଥିବାବେଳେ ହାଓଡ଼ାରୁ ସକାଳ ୬ଘ.୧୦ ମିରେ ଏବଂ ପୁରୀରୁ ଅପରାହ୍ନ ୧ଘ.୫୦ ମିରେ ଛାଡ଼ିଥାଏ। ଏହି ଟ୍ରେନ୍ ସାତଟି ଷ୍ଟେସନରେ ଅର୍ଥାତ ଖୋର୍ଦ୍ଧା ରୋଡ୍ ଜଙ୍କସନ୍, ଭୁବନେଶ୍ୱର, କଟକ, ଯାଜପୁର କେଉଁଝର ରୋଡ୍, ଭଦ୍ରକ, ବାଲେଶ୍ୱର ଏବଂ ଖଡ଼ଗପୁର ଜଙ୍କସନ୍ ଠାରେ ରହଣି ପ୍ରଦାନ କରେ। ବନ୍ଦେ ଭାରତ ଏକ୍ସପ୍ରେସ୍ ରେ ଅତ୍ୟାଧୁନିକ ସୁବିଧା ରହିଛି, ଯେଉଁଥିରେ ଅନ୍-ବୋର୍ଡ ଓ୍ୱାଇ-ଫାଇ, ଇନଫୋଟେନମେଣ୍ଟ ସିଷ୍ଟମ୍, ବାୟୋ-ଭାକ୍ୟୁମ୍ ଶୌଚାଳୟ ଏବଂ ଆରାମଦାୟକ ବସିବା ବ୍ୟବସ୍ଥା ଅନ୍ତର୍ଭୁକ୍ତ। ଯାତ୍ରୀମାନଙ୍କ ପାଇଁ ଏକ ନିରାପଦ ଏବଂ ଆରାମଦାୟକ ଯାତ୍ରା ଅଭିଜ୍ଞତା ପ୍ରଦାନ କରିବା ପାଇଁ ଏହି ଟ୍ରେନଟି ଡିଜାଇନ୍ କରାଯାଇଛି।

# ରାଜା ଚକ୍ରଙ୍କ ଜାମିନ ଆବେଦନ ଖାରଜ

ଭୁବନେଶ୍ୱର, ୧୬।୦୫(ମହାଭାରତ): ବହୁଚର୍ଚ୍ଚିତ ଗନ୍ଧମାର୍ଦ୍ଦନ ଲୋଡିଂ ମାମଲାରେ ରାଜା ଚକ୍ରଙ୍କ ଜାମିନ ଆବେଦନକୁ ଓଡ଼ିଶା ହାଇକୋର୍ଟ ଖାରଜ କରିଦେଇଛନ୍ତି। ହାଇକୋର୍ଟ ରାଜାଙ୍କ ୩ ସହଯୋଗୀଙ୍କ ଜାମିନ ଆବେଦନ ମଧ୍ୟ ଖାରଜ କରିଦେଇଛନ୍ତି। ଏହି ମାମଲାରେ ୫ ଗିରଫ ଅଭିଯୁକ୍ତଙ୍କ ମଧ୍ୟରୁ ମାନସ ବାରିକ, ଉତ୍କଳ ଦାସ, ସୁଶାନ୍ତ ସାମଲଙ୍କ ଜାମିନ ଖାରଜ କରାଯାଇଛି। ଗନ୍ଧମାର୍ଦ୍ଦନ ଖଣି ଲୋଡିଂ ଏଜେନ୍ସି ଦୁର୍ନୀତି ମାମଲାରେ ରାଜା ଚକ୍ରଙ୍କ ସହଯୋଗୀ ମାର୍ଚ୍ଚ ୨୦ ତାରିଖରେ ଗିରଫ ହୋଇଥିଲା। ସୂଚନାଯୋଗ୍ୟ, ଗନ୍ଧମାର୍ଦ୍ଦନ ଲୋଡିଂ ଏଜେନ୍ସି ମାମଲାରେ ରାଜା ଚକ୍ରଙ୍କୁ କ୍ରାଇମବ୍ରାଞ୍ଚ ଗିରଫ କରିଥିଲା। ୪ ବର୍ଷରେ ଗାଁ ଲୋକଙ୍କୁ ରାଜା ୩୩ କୋଟି ଟଙ୍କା ବାଣ୍ଟିଥିବା ତଦନ୍ତରୁ ଜଣାପଡ଼ିଥିଲା। ମା' କାଳୀ ନାମକ ଏକ ପେଟ୍ରୋଲ ପମ୍ପକୁ ୯.୧ କୋଟି ଟଙ୍କା ପ୍ରଦାନ କରାଯାଇଛି। ଶ୍ରମିକମାନଙ୍କୁ ପାଉଣା ନାଁରେ ମଧ୍ୟ ଠକେଇ କରିଥିବା ଅଭିଯୋଗ ହୋଇଛି। ପୂର୍ବରୁ ରାଜାଙ୍କୁ ମିଳୁଥିବା ଅନ୍ତରୀଣ ସୁରକ୍ଷାକୁ ହାଇକୋର୍ଟ ଉଠାଇ ଦେଇଥିବା ବେଳେ ହାଇକୋର୍ଟ ବର୍ତ୍ତମାନ ରାଜା ଚକ୍ରଙ୍କ ଜାମିନ ଆବେଦନ ଖାରଜ କରିଛନ୍ତି।

# ଦୁଇ ଦିନିଆ ବିଡ଼ିଓ ସମ୍ମିଳନୀ ଉଦ୍ଯାପିତ

ଭୁବନେଶ୍ୱର,୧୬।୦୫(ମହାଭାରତ): ଭୁବନେଶ୍ୱରସ୍ଥିତ ଲୋକସେବା ଭାବନ ସମ୍ମେଳନ କକ୍ଷଠାରେ ଚାଲିଥିବା ରାଜ୍ୟସ୍ତରୀୟ ଦ୍ୱି- ଦିବସୀୟ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ମିଳନୀ ଆଜି ଉଦ୍ଯାପିତ ହୋଇଛି। ପ୍ରଶାସନକୁ କାର୍ଯ୍ୟାଳୟ ମଧ୍ୟରେ ସଙ୍କୁଚିତ ନ ରଖି ଜନସାଧାରଣଙ୍କ ନିକଟରେ ସମସ୍ତ ସରକାରୀ ସେବା ପହଞ୍ଚାଇବା ଓ ସେମାନଙ୍କ ସମସ୍ୟାର ସମାଧାନ କରିବା ସହ ତୃଣମୂଳସ୍ତରରୁ ଲୋକଭିମୁଖୀ ଶାସନ ବ୍ୟବସ୍ଥାକୁ ସୁଦୃଢ଼ କରିବାର ଲକ୍ଷ୍ୟ ନେଇ ଏହି ସମ୍ମିଳନୀ ସମାପ୍ତ ହୋଇଛି । ସମ୍ମିଳନୀର ଦ୍ୱିତୀୟ ଦିବସରେ ଆଜି ବିଭିନ୍ନ ସମ୍ପାନରେ ପଞ୍ଚାୟତିରାଜ ଓ ପାନୀୟ ଜଳ ସଙ୍କ୍ରାନ୍ତୀୟ ବିଷୟବସ୍ତୁ ଉପରେ ଆଲୋଚନା ହୋଇଥିଲା। ବିଭିନ୍ନ ସମ୍ପାନରେ ପାନୀୟଜଳ ଓ ପରିମଳ ନିର୍ଦ୍ଦେଶକ ଶ୍ରୀ ଭିନିତ ଭରଦ୍ୱାଜ, ଏସ୍ଆଇଆର୍ଡିର ନିର୍ଦ୍ଦେଶକ ଶ୍ରୀ ସୁରେନ୍ଦ୍ର ମୀନା, ଓର୍ମାସ୍ର ମୁଖ୍ୟ କାର୍ଯ୍ୟନିର୍ବାହୀ ଅଧିକାରୀ ଚକ୍ରବର୍ତ୍ତୀ ସିଂହ ରାଠୋର, ପଞ୍ଚାୟତିରାଜ ନିର୍ଦ୍ଦେଶକ ଡ. ମହେଶ୍ୱର ସ୍ୱାଇଁ ଓ ଅନ୍ୟ ବରିଷ୍ଠ ଅଧିକାରୀମାନେ



ଗ୍ରାମୀଣ ଗୃହନିର୍ମାଣ ଯୋଜନା, ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନା, ବିକଶିତ ଗାଁ ବିକଶିତ ଓଡ଼ିଶା, ପଞ୍ଚାୟତ ପ୍ରୋଜେକଫ ମ୍ୟାନେଜମେଣ୍ଟ ସିଷ୍ଟମ (ପିପିଏମ୍ଏସ୍), କେନ୍ଦ୍ର/ରାଜ୍ୟ ଅର୍ଥ ଆୟୋଗ ଅନୁଦାନର ସୁପରିଚାଳନା, ଅନ୍ଲାଇନ୍ ଅଡିଟ, ପ୍ରଯୁକ୍ତିବିଦ୍ୟା ପ୍ରୟୋଗରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପ ତଥା ଯୋଜନାର କାର୍ଯ୍ୟନ୍ୱୟନ ଏବଂ ପଞ୍ଚାୟତ ବିକାଶ ଯୋଜନା, ମଡ଼େଲ ପଞ୍ଚାୟତ ଗଠନ ପାଇଁ ଆଇଏସ୍ଓ ପ୍ରମାଣପତ୍ର, ପଞ୍ଚାୟତ ଲର୍ଣ୍ଣିଙ୍ଗ ସେଣ୍ଟର ଆଦି ବିଷୟରେ ବିସ୍ତୃତ ଆଲୋଚନା କରିଥିଲେ। ବିଭାଗ ଦ୍ୱାରା କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ଯୋଜନା ଯେପରିକି ପାନୀୟ ଜଳ, ପରିମଳ, ଓର୍ମାସ୍ ତତ୍ତ୍ୱାବଧାନରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ କାର୍ଯ୍ୟକ୍ରମ ଏବଂ ଅନ୍ୟାନ୍ୟ ବିଭାଗ ସମନ୍ୱୟରେ ସଂଯୋଜନ ମାଧ୍ୟମରେ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡିକ ସମ୍ବନ୍ଧରେ ବିସ୍ତୃତ ଆଲୋଚନା କରାଯାଇଥିଲା।ଜଲ୍ ଜୀବନ ମିଶନ୍ ଏବଂ ବସୁଧା ଯୋଜନା ଅଧୀନରେ ଗ୍ରାମାଞ୍ଚଳର ପ୍ରତ୍ୟେକ ଘରକୁ ପାଇପ ଯୋଗେ ସ୍ୱଚ୍ଛ ଓ ନିରାପଦ ପାନୀୟ ଜଳ ଯୋଗାଣ (ଏଫ୍ଏଚ୍ଟିସି) ସହ ପ୍ରତ୍ୟେକ ଜିଲ୍ଲା ଓ ବ୍ଲକରେ ହର୍ ଘର ଜଳ ପ୍ରମାଣପତ୍ରର ଆବଶ୍ୟକତା, ଜଳ ଅପଚୟକୁ ରୋକିବା ସହ ଜଳ ସଂରକ୍ଷଣ, ନଳକୂପ ଖନନ ଓ ଗ୍ରାମ୍ୟ ଜଳ ଓ ପରିମଳ କମିଟିର ଭୂମିକା ଉପରେ ଆଲୋଚନା ହେବା ସହ ଗ୍ରାମାଞ୍ଚଳରେ ସ୍ୱଚ୍ଛ ପାନୀୟ ଜଳ ସମ୍ବନ୍ଧୀୟ ବିଭିନ୍ନ ସୂଚନା, ଶିକ୍ଷାଭିତ୍ତିକ କାର୍ଯ୍ୟକ୍ରମର ପ୍ରଚାରପ୍ରସାର ଉପରେ ଗୁରୁତ୍ୱ ଦେବା ପାଇଁ ଉପସ୍ଥିତ ମୁଖ୍ୟ ଉନ୍ନୟନ ଅଧିକାରୀ ଓ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ପରାମର୍ଶ ଦିଆଯାଇଥିଲା । ସେହିପରି ସ୍ୱଚ୍ଛ ଭାରତ ମିଶନ ଦ୍ୱିତୀୟ ପର୍ଯ୍ୟାୟ ଅନ୍ତର୍ଗତ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ପ୍ରକଳ୍ପଗୁଡିକୁ ସଠିକ ସମୟସୀମା ମଧ୍ୟରେ ସମ୍ପୂର୍ଣ୍ଣ କରିବା ସହ ଗ୍ରାମାଞ୍ଚଳରେ ବାହ୍ୟ ବର୍ଜ୍ୟମୁକ୍ତ (ଓଡିଏଫ୍ ପ୍ଲସ୍) ସ୍ଥିତିକୁ ବଜାୟ ରଖିବା ଏବଂ ଓଡିଏଫ୍ ପ୍ଲସ୍ ମଡେଲ ଭିଲେଜର ଯେଉଁ ଦୃଷ୍ଟିକୋଣ ରହିଛି ସେଗୁଡିକୁ କିପରି ଶତ ପ୍ରତିଶତ ହାସଲ କରିହେବ ସେ ଦିଗରେ ମଧ୍ୟ ଆଲୋଚନା କରାଯାଇଥିଲା। ପ୍ରତ୍ୟେକ ବିଦ୍ୟାଳୟ, ଅଙ୍ଗନବାଡି କେନ୍ଦ୍ର, ସର୍ବସାଧାରଣ ସ୍ଥାନମାନଙ୍କରେ ଶୌଚାଳୟ ସୁବିଧା ସହ ଗୋଷ୍ଠୀ ଶୌଚାଳୟ, ଗ୍ରାମାଞ୍ଚଳରେ ବର୍ଜ୍ୟ ପୃଥକୀକରଣ, ପ୍ଲାଷ୍ଟିକ ମୁକ୍ତ ଗ୍ରାମ ଗଢିବା ସହ ବର୍ଜ୍ୟ ସୁପରିଚାଳନା ଉପରେ ପ୍ରାଧାନ୍ୟ ଦେବା ପାଇଁ ସମସ୍ତ ଜିଲ୍ଲା ଓ ବ୍ଲକମାନଙ୍କୁ ପରାମର୍ଶ ଦିଆଯାଇଥିଲା।

# ଭାରତୀୟ ସେନାର ପରାକ୍ରମ ପାଇଁ ଦେଶବାସୀ ଗର୍ବିତ : ଧର୍ମେନ୍ଦ୍ର

ସମ୍ବଲପୁର,୧୬।୦୫(ମହାଭାରତ): କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ସମ୍ବଲପୁର ଠାରେ 'ଅପରେସନ ସିନ୍ଦୂର'ର ସଫଳତା ତଥା ଭାରତର ସେନାବାହିନୀଙ୍କୁ ସମ୍ମାନ ଜଣାଇବା ଉଦ୍ଦେଶ୍ୟରେ ଆୟୋଜିତ 'ପରାକ୍ରମ ଶୋଭାଯାତ୍ରା'ରେ ସାମିଲ ହୋଇଛନ୍ତି। ଶ୍ରୀ ପ୍ରଧାନ କହିଛନ୍ତି ଯେ ଦଳର କାର୍ଯ୍ୟକର୍ତ୍ତା ଏବଂ ଜନସାଧାରଣଙ୍କ ସହ 'ପରାକ୍ରମ ଶୋଭାଯାତ୍ରା'ରେ ସାମିଲ ହୋଇ ମୁଁ ଗର୍ବ ଅନୁଭବ କରୁଛି । ଏହି ଶୋଭାଯାତ୍ରା ଅପରେସନ ସିନ୍ଦୂରର ସଫଳତା, ଦେଶର ସୈନ୍ୟଶକ୍ତିର ଶୌର୍ଯ୍ୟ ଓ ପରାକ୍ରମକୁ ସମ୍ମାନ ଜଣାଇବାର ମହାନ ଅବସର। 'ଅପରେସନ ସିନ୍ଦୂର' ଜରିଆରେ ଭାରତର ପରାକ୍ରମକୁ ସାରା ବିଶ୍ୱ ଦେଖିଛି। ଭାରତର ସୈନିକ ଶକ୍ତି ନିଜର ପରାକାଷ୍ଠା ଦେଖାଇଛି। ଆମର ଭାରତୀୟ ସେନାମାନେ ନିପୁଣତାର ସହ ଆତଙ୍କବାଦୀ ତଥା ସେମାନଙ୍କୁ ପ୍ରଶ୍ରୟ ଦେଉଥିବା ପାକିସ୍ତାନକୁ ଉଚିତ୍ ଜବାବ୍ ଦେଇଛି। 'ଅପରେସନ ସିନ୍ଦୂର'ରେ ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଥିବା ବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସାମରିକ ଶକ୍ତି କ୍ଷେତ୍ରରେ ବିଶ୍ୱରେ ନୂଆ।



ପରିଚୟ ତିଆରି କରିଛି। ପ୍ରଧାନମନ୍ତ୍ରୀ ମୋଦୀଙ୍କ ଦୃଢ ନେତୃତ୍ୱ ଏବଂ ଭାରତୀୟ ସେନାର ଅଦମ୍ୟ ସାହସ ପାଇଁ ଶ୍ରୀ ପ୍ରଧାନ ଧନ୍ୟବାଦ ଜଣାଇଛନ୍ତି।

'ପରାକ୍ରମ ଶୋଭାଯାତ୍ରା' ରେ ଯୋଗଦେବା ପୂର୍ବରୁ ଶ୍ରୀ ପ୍ରଧାନ ମହାନ ସ୍ୱାଧୀନତା ସଂଗ୍ରାମୀ ତଥା ଓଡ଼ିଶାର ବରପୁତ୍ର ବୀର ସୁରେନ୍ଦ୍ର ସାଏଙ୍କ ପ୍ରତିମୂର୍ତ୍ତି ଏବଂ ଶହୀଦ ସ୍ତମ୍ଭରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେ କହିଥିଲେ, ବୀର ସୁରେନ୍ଦ୍ର ସାଏ ଓଡ଼ିଶାର ଶୌର୍ଯ୍ୟମୟ ପରିଚୟର ଅନନ୍ୟ ପ୍ରତୀକ। ତାଙ୍କର ଅଦ୍ୱିତୀୟ ସାଂଗଠନିକ ଶକ୍ତି ଓ ରଣକୌଶଳ ଓଡିଆ। ଜାତିର ବୀରତ୍ୱର ପ୍ରତିଫଳନ ଯ ତାଙ୍କର ତ୍ୟାଗ, ଶୌର୍ଯ୍ୟ ଓ ପରାକ୍ରମ ସର୍ବଦା ଆମର ଯୁବପିଢିମାନଙ୍କୁ ପ୍ରେରିତ କରିବ।

କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନଙ୍କ ସହ ଓଡ଼ିଶାର ଉପମୁଖ୍ୟମନ୍ତ୍ରୀ କେଭି ସିଂହଦେଓ ଏବଂ ଓଡ଼ିଶାର ଗ୍ରାମୀଣ ବିକାଶ, ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାୟକ, ବିଜେପି କାର୍ଯ୍ୟକର୍ତ୍ତା ଓ ଜନସାଧାରଣମାନେ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ। 'ଜୟ ହିନ୍ଦ' ଏବଂ 'ଭାରତ ମାତା କୀ ଜୟ' ସ୍ଲୋଗାନରେ ସମ୍ବଲପୁର ଗୁଞ୍ଜରିତ ହୋଇଥିଲା।

# ରାଜଭବନରେ ସିକିମ ରାଜ୍ୟର ପ୍ରତିଷ୍ଠା ଦିବସ ପାଳିତ

ଭୁବନେଶ୍ୱର,୧୬।୦୫(ମହାଭାରତ): ରାଜଭବନରେ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ବିବିଧତାରେ ଏକତାର ବନ୍ଧନକୁ ସୁଦୃଢ଼ କରୁଛି ବୋଲି ମାନ୍ୟବର ରାଜ୍ୟପାଳ ଡ. ହରି ବାବୁ କମ୍ଭମ୍ପାଟି କହିଛନ୍ତି। ଚଳିତ ମଇ ୧୬ ତାରିଖରେ ରାଜଭବନର ନ୍ୟୁ ଅଭିଷେକ ହଲ୍ଠାରେ ସିକିମ୍ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ଅବସରରେ ଆୟୋଜିତ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ସିକିମ ରାଜ୍ୟର ଅଧିବାସୀମାନଙ୍କୁ ଅଭିନନ୍ଦନ ଓ ଶୁଭେଚ୍ଛା ଜଣାଇ ରାଜ୍ୟପାଳ କହିଥିଲେ ଯେ ଏ ପ୍ରକାର କାର୍ଯ୍ୟକ୍ରମ ମାନ୍ୟବର ରାଷ୍ଟ୍ରପତି ଏବଂ ମାନ୍ୟବର ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପରିକଳ୍ପିତ 'ଏକ ଭାରତ – ଶ୍ରେଷ୍ଠ ଭାରତ' ଭାବନାକୁ ଅଧିକ ଋଦ୍ଧିମନ୍ତ କରୁଛି। ଆମକୁ ଏକତାର



ସୂତ୍ରରେ ବାନ୍ଧିଥିବା ଏବଂ ବିବିଧତାକୁ ସମ୍ମାନ ଜଣାଇ ଅନ୍ୟ ରାଜ୍ୟର ପ୍ରତିଷ୍ଠା ଦିବସ ପାଳନ ପରଂପରାର ସଂରକ୍ଷକ ଭାବେ ରାଜଭବନ ଗର୍ବ ଅନୁଭବ କରେ।

ନିଜ ଉଦ୍ବୋଧନରେ ରାଜ୍ୟପାଳ କହିଥିଲେ ଯେ, ୫୦ ବର୍ଷ ପୂର୍ବେ ୧୯୭୫ ମସିହା ମଇ ୧୬ ତାରିଖ ଦିନ ଭାରତର ୨୨ତମ ରାଜ୍ୟ ଭାବେ ଗଠିତ ହୋଇଥିବା ସିକିମର ଦେଶ ପ୍ରତି ମହାନ ଅବଦାନ ରହିଛି। ସିକିମ ହିମାଳୟ କୋଳରେ କେବଳ ଏକ ଭୌଗଳିକ ଅଂଚଳ ନୁହେଁ ବରଂ ଦେଶର ସୁରକ୍ଷା ଦୃଷ୍ଟି କୋଣରୁ ଏହା ଏକ ଗୁରୁତ୍ୱପୂର୍ଣ୍ଣ ଅଂଚଳ। ସିକିମ୍ ଏହାର ମନୋରମ ସୌନ୍ଦର୍ଯ୍ୟ ପାଇଁ ପ୍ରସିଦ୍ଧ। ଶୋଭନୀୟ କାଂଚନଜଙ୍ଘା ଗିରିଶୃଙ୍ଗ, ଗ୍ଲାସିୟର, ମନୋରମ ହ୍ରଦ ଏବଂ ଜୀବ' ସାଂସ୍କୃତି ଐତିହ୍ୟ, ଅନନ୍ୟ ବନ୍ୟ ଫୁଲ, ହିମାଳୟ ପ୍ରାଣୀ ଉଦ୍ୟାନ ସମେତ ବିବିଧ ଉଦ୍ଭିଦ ପାଇଁ ସିକିମ ପ୍ରସିଦ୍ଧ। ଟ୍ରେକିଂ, ଦୁଃସାହସିକ କାର୍ଯ୍ୟକଳାପ ପାଇଁ ମଧ୍ୟ ଏହା ପର୍ଯ୍ୟଟକ / ଆଗନ୍ତୁକମାନଙ୍କୁ ଆକୃଷ୍ଟ କରେ। ସଂସ୍କୃତି, ଐତିହ୍ୟ, ପରମ୍ପରା, କଳାତ୍ମକ ଉତ୍କୃଷ୍ଟତା ଏବଂ ଗଭୀର ମୂଲ୍ୟବୋଧରେ ଗନ୍ତାଘର ସିକିମ । ସିକିମର ଅଧିବାସୀମାନେ ସେମାନଙ୍କର ଉଲ୍ଲେଖନୀୟ ଶୃଙ୍ଖଳା ଭାବନା, ପ୍ରକୃତି ପ୍ରତି ସମ୍ମାନ ଏବଂ ପ୍ରଗତି ପାଇଁ ପ୍ରତିବଦ୍ଧତା ସହିତ ଦେଶର ଅଭିବୃଦ୍ଧିରେ ମହନୀୟ ଅବଦାନ ରଖିଛନ୍ତି ବୋଲି ରାଜ୍ୟପାଳ କହିଥିଲେ। ପୁଣି ରାଜ୍ୟପାଳ କହିଥିଲେ ଯେ, ଓଡିଶା ଏବଂ ସିକିମ ଉଭୟ ରାଜ୍ୟ ଭୌଗଳିକ ସ୍ଥିତି, ସଂସ୍କୃତି ଓ ପରଂପରା, ଐତିହ୍ୟ ଦୃଷ୍ଟିରୁ ପୃଥକ ହେଲେ ମଧ୍ୟ ଓଡିଶାରେ ରହୁଥିବା ସିକିମର ଲୋକମାନେ ଓଡିଶାକୁ ଦ୍ୱିତୀୟ ଘର ବୋଲି ବିବେଚନା କରନ୍ତି ।

## ଅସ୍ତ୍ରବିରତି

ଦୀର୍ଘ ଚାରି ଦିନ ଧରି ସୀମା ପାର ସାମରିକ କାର୍ଯ୍ୟାନୁଷ୍ଠାନ ପରେ ଗତ ରବିବାର ଠାରୁ ଭାରତ-ପାକିସ୍ତାନ ମଧ୍ୟରେ ଅସ୍ତ୍ରବିରତି ପାଇଁ ସହମତି ଦୁଇ ପଡୋଶୀ ଦେଶରେ ଶାନ୍ତି ପ୍ରତିଷ୍ଠାର ପଥ ପରିଷ୍କାର ହୋଇଛି। ଯୁଦ୍ଧ ଉତେଜନା ହ୍ରାସ କରିବା ପାଇଁ ଦୁଇଦେଶର ସାମରିକ ମହାନିର୍ଦ୍ଦେଶକ (ଡିଜିଏମଓ) ସ୍ତରୀୟ କଥାବାର୍ତ୍ତାରେ ସହମତି ପ୍ରକାଶ ପାଇବା ନିଶ୍ଚିତ ଭାବେ ସ୍ୱାଗତଯୋଗ୍ୟ। ଆହୁରି ମଧ୍ୟ ସୀମାରୁ ସେନା ହ୍ରାସ କରିବା ସହ କେହି କାହା ଉପରେ ଗୁଳିମାଡ ନକରିବା ପାଇଁ ନିଷ୍ପତି ହୋଇଥିବାବେଳେ ଗତ ଦୁଇଦିନ ଧରି ସୀମାନ୍ତ ପରିସ୍ଥିତି ଶାନ୍ତ ରହିଛି। ତେବେ ଶନିବାର ଦିନ ଅସ୍ତ୍ରବିରତି ଘୋଷଣାର ୩ଘଂଟା ପରେ ପାକିସ୍ଥାନ ପଟୁ ଯେଭଳି କିଛି ସମୟ ପାଇଁ ଗୁଳିମାଡ ହୋଇଥିଲା, ଏହାର ସ୍ଥାୟିତ୍ୱ ନେଇ ପ୍ରଶ୍ନବାଚୀ ସୃଷ୍ଟି ହେବା ସ୍ୱାଭାବିକ। କହିବା ବାହୁଲ୍ୟ ଯେ, ଦୁଇଦେଶ ମଧ୍ୟରେ ୭୦ଦଶକରେ ଅସ୍ତ୍ରବିରତି ରାଜିନାମା ପରଠାରୁ ପାକିସ୍ଥାନ ପ୍ରତିବର୍ଷ ଶହଶହ ଥର ଏହାକୁ ଲଂଘନ କରିଥିବା ବହୁ ଉଦାହରଣ ରହିଛି। କିନ୍ତୁ ଏବେ ପାକିସ୍ଥାନ ଆଉ ଅସ୍ତ୍ରବିରତି ଉଲଂଘନ ନେଇ ସେପରି ଦୁଃସାହସ କରିନପାରେ। ଗଲା ମାସ ୨୨ତାରିଖରେ ପହଲଗାମରେ ୨୬ଜଣ ହିନ୍ଦୁ ପର୍ଯ୍ୟଟକଙ୍କୁ ଆତଙ୍କବାଦୀଙ୍କ ହତ୍ୟା ଘଟଣାରେ ପ୍ରତିଶୋଧପୂର୍ବ ଭାରତ ଗ୍ରହଣ କରିଥିବା ସାମରିକ କାର୍ଯ୍ୟକାନୁଷ୍ଠାନରେ ପାକିସ୍ଥାନର ମେରୁଦଣ୍ଡ ଭାଙ୍ଗି ଯାଇଥିବା କହିଲେ ହୁଏତ ଅତିରଂଜିତ ହୋଇନପାରେ। ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ପାକିସ୍ଥାନର ୧୦ଟି ବାୟୁସେନା ଘାଟି ସହ ଆତଙ୍କବାଦୀଙ୍କ ୯ଟି ଆଡ୍ଡା ତଥା ତାଲିମ ସ୍ଥାନ ସମ୍ପୂର୍ଣ୍ଣ ଧ୍ୱଂସ ହୋଇଯାଇଛି। କେବଳ ଏତିକି ନୁହେଁ ପାକିସ୍ଥାନର ୪୦ଜଣ ଯବାନ ନିହତ ହୋଇଛନ୍ତି, ଯାହାକି ଅସ୍ତ୍ରବିରତି ପାଇଁ ପଡୋଶୀ ରାଷ୍ଟ୍ରକୁ ବାଧ କରିଥିଲା। ଏଥିଲାଗି ପାକିସ୍ଥାନ ଆମେରିକା ରାଷ୍ଟ୍ରପତି ଡୋନାଲଡ୍ ଟ୍ରମ୍ପଙ୍କ ଶରଣାପନ୍ନ ହୋଇଥିଲା। ତେବେ ଭାରତ ଅସ୍ତ୍ରବିରତି ପାଇଁ ସହମତି ହେବା ସହ ଯେଉଁ ସ୍ୱଷ୍ଟ ବାର୍ତ୍ତା ଦେଇଛି, ସେଥିରେ ପାକିସ୍ଥାନ ଆଉ ଯୁଦ୍ଧବିରତି ଉଲଂଘନ କରିବାକୁ ସାହାସ କରିବ ନାହିଁ। ଭାରତ ସ୍ୱଷ୍ଟ ଭାବେ କହିଛି ଯେ, ପାକିସ୍ଥାନ ଯଦି ଅସ୍ତ୍ରବରିତି ଉଂଲଘନ କରି ଗୁଳି ବର୍ଷଣ କରେ, ତେବେ କଠୋର ସାମରିକ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବ। ଏଥିସହ ଏଣିକି ଭାରତ ପ୍ରତି ଆତଙ୍କବାଦୀ ଆକ୍ରମଣକୁ ଯୁଦ୍ଧ ବୋଲି ଘୋଷଣା କରିବା ସହ ଏହାକୁ ଏକ ନୂତନ ଧାରା ବୋଲି ଘୋଷଣା କରିଛି। ଉଲ୍ଲେଖଯୋଗ୍ୟ ଯେ, ୨୦୧୬ରେ ଉରି ସାମରିକ ଘାଟି ଆତଙ୍କବାଦୀଙ୍କ ହମଲା ଘଟଣାରେ ପାକିସ୍ଥାନ ବିରୁଦ୍ଧରେ ସର୍ଜିକାଲ ଷ୍ଟାଇକ୍ ଆରମ୍ଭ କରି ଆତଙ୍କବାଦିଙ୍କ ଆଡ୍ଡାସ୍ଥଳୀ ଧ୍ୱଂସ କରିଦେଇଥିଲା। ସେହିପରି ୨୦୧୯ରେ ଫୁଲଓ୍ୱାମା ଆକ୍ରମଣ ଘଟଣାରେ ପାକିସ୍ଥାନର ବାଲାକୋଟରେ ସର୍ଜିକାଲ ଷ୍ଟ୍ରାଇକ କରିଥିଲା। ଭାରତର ଏହି କାର୍ଯ୍ୟନୁଷ୍ଠାରେ ସାରା ବିଶ୍ୱ ସ୍ତମ୍ଭିଭୂତ ଯାହାକୁ ଏବେ ନୂତନ ଧାରା ଭାବେ ନୂଆଦିଲ୍ଲୀ ବର୍ଣ୍ଣନା କରିଛି। ପହଲଗାମ୍ ଆତଙ୍କୀଙ୍କ ନରସଂହାର ପରେ ଭାରତୀୟ ସେନା ଲାହୋରଠାରୁ ସାରଗୋଧା, ଚକଓ୍ୱାଲାଠାରୁ ଜାକୋବବାଦ, ପିଓକେ ଠାରୁ ପଞ୍ଜାମ ପ୍ରେଭିନସ୍ ପର୍ଯ୍ୟନ୍ତ ୯ଟି ଆତଙ୍କବାଦୀଙ୍କ ଶିବିର ଏବଂ ୧୦ଟି ବାୟୁସେନା ଘାଟି ଉପରେ ଆକ୍ରମଣ କରି ଧ୍ୱଂସ କରିଦେବା ସହ ନିଜର ସାମରିକ ସାମର୍ଥ୍ୟ ପ୍ରଦର୍ଶନ କରିପାରିଛି। ଭାରତର ଆକ୍ରମଣରେ ଅପେରସନ ସିନ୍ଦୂର ସାମରିକ କାର୍ଯ୍ୟାନୁଷ୍ଠାନରେ ୧୦୦ରୁ ଉର୍ଦ୍ଧ୍ୱ ଆତଙ୍କବାଦୀଙ୍କ ମୃତ୍ୟୁ ଘଟିଛି। କହିବା ବାହୁଲ୍ୟ ଯେ, ଆତଙ୍କବାଦୀ ୨୬ଜଣ ହିନ୍ଦୁ ମହିଳାଙ୍କ ମଥାରୁ ସିନ୍ଦୂର ପୋଛି ଉଡାଇ ଦେଇଛି। ଏଥିରୁ ଆତଙ୍କବାଦ ବିରୁଦ୍ଧରେ ଭାରତର କାର୍ଯ୍ୟାନୁଷ୍ଠାନ କେତେ ଭୟଙ୍କର ତାହା ସ୍ୱଷ୍ଟ ଅନୁମାନ କରାଯାଇପାରେ। ଏହା ହିଁ ଆତଙ୍କବାଦ ବିରୁଦ୍ଧରେ ଭାରତର 'ନୂଆ ଧାରା'। ଆହୁରି ମଧ୍ୟ ଆତଙ୍କବାଦ ବିରୁଦ୍ଧରେ ଭାରତର ନୂଆଧାରା ଲଢେଇ ପ୍ରତି ବିଶ୍ୱବ୍ୟାପୀ ଯେଉଁ ସମର୍ଥନ ମିଳିଛି, ତାହା ଅଦ୍‌ଭୂତ ପୂର୍ବ। ଭାରତର ଏଭଳି କାର୍ଯ୍ୟାନୁଷ୍ଠାନ ଭବିଷ୍ୟତରେ ବିଶ୍ୱର ଯେକୌଣସି କୋଣରେ ଆତଙ୍କବାଦୀ ଆକ୍ରମଣ ବିରୁଦ୍ଧରେ ପଥ ପ୍ରଦର୍ଶକ ବା ମଡେଲ ହେବ, ଏଥିରେ ସନ୍ଦେହ ନାହିଁ, ସେହିପରି ଆତଙ୍କବାଦୀ ହମଲା ଓ ଭାରତର ସାମରିକ କାର୍ଯ୍ୟାନୁଷ୍ଠାନରେ ଦେଶବ୍ୟାପୀ ଯେଉଁଭଳି ଏକତା ପ୍ରକାଶ ପାଇଥିଲା, ତାହା ମଧ୍ୟ ଅଦଭୂତପୂର୍ବ। ବିରୋଧି ରାଜନୈତିକ ଦଳଗୁଡିକ ମଧ୍ୟ ସରକାରଙ୍କ ପଛରେ ଛିଡା ହୋଇଥିଲେ। ଯବାନଙ୍କ ମନୋବଳ ବୃଦ୍ଧି ପାଇଁ ଦେଶବ୍ୟାପୀ ଜାତି, ଧର୍ମ, ଦଳ ନିର୍ବିଶେଷରେ ତ୍ରିରଙ୍ଗା ଶୋଭାଯାତ୍ରା ଅଦଭୂତ୍ ଦେଶପ୍ରେମ ଭାବନାର ପ୍ରତୀକ ଥିଲା। ଏହି ଏକତା ହିଁ ହେଉଛି ଭାରତର ବଳ, ଶାନ୍ତି। ସମସ୍ତ ରାଜନୈତିକ ଦଳ ଏବଂ ସୋସାଇଟ୍ ଏହାକୁ ବଜାୟ ରଖିବା ଉଚିତ୍। ଏଥିସହ ପହଲଗାମ୍ ଆତଙ୍କି ହମଲା ପରେ ପାକିସ୍ଥାନକୁ ସରକାର ଯେଉଁ କଠୋର ସନ୍ଦେଶ ଦେଇଛନ୍ତି, ତାହା ମଧ୍ୟ ସର୍ବେତଭାବେ ସ୍ୱାଗତଯୋଗ୍ୟ। ଭାରତ ସରକାର ପାକ୍ ଅଧିକୃତ କାଶ୍ମୀର (ପିଓକେ) ଏବଂ ଆତଙ୍କବାଦୀଙ୍କୁ ହସ୍ତାନ୍ତର ବ୍ୟତୀତ ଅନ୍ୟ କୌଣସି ପ୍ରସଙ୍ଗ ଉପରେ ପାକିସ୍ଥାନ ଉପରେ ଆଲୋଚନା କରିବେ ବୋଲି ଦୃଢ ଓ ବଜ୍ର କଣ୍ଠରେ ଘୋଷଣା କରିବା ଦେଶର ଆଭିମୁଖ୍ୟକୁ କେବଳ ସ୍ୱଷ୍ଟ କରିନାହିଁ, ପଡୋଶୀ ରାଷ୍ଟ୍ର ପାଇଁ ଏକ କଡା ସନ୍ଦେଶ ସଦୃଶ ହୋଇଛି। ଏହା ନିସନ୍ଦେହ ଯେ, ଅସ୍ତ୍ରବିରତି ପତି ସହମତି ପ୍ରକାଶ କରି ଭାରତ ବିଶ୍ୱକୁ ଶାନ୍ତି'ର ବାର୍ତ୍ତା ଦେଇଛି।

# କ୍ଷୀର ସମୁଦ୍ରରୁ ସମ୍ଭୂତ


### ଉତ୍କଳାନନ୍ଦ ଅଜୟ କୁମାର ବେହେରା


ଆମେ ପିଲାଦିନରୁ ଜହ୍ନକୁ ମାମୁଁ ବୋଲି କହି ଆସୁଛେ। ମାଆଙ୍କର ଭାଇ ହିଁ ମାମୁଁ। ମାମୁଁଘର ସମସ୍ତଙ୍କର ଖୁସି ଆନନ୍ଦର ଘର। ମଉଳା ନିମନ୍ତ୍ରଣ ନ ହେଲେ କେବେ କାହାର ଶୁଭ ପରିଣୟ ଆମ ହିନ୍ଦୁ ପରିବାରରେ ଓଡ଼ିଶାରେ ହେଉନାହିଁ। ସାଗର ମନ୍ଥନ ଦେବତା ଓ ଅସୁର ଶକ୍ତି ମିଶି ଏକ ଯୌଥ ଚେଷ୍ଟାରେ କରିଥିଲେ ସେଥିରୁ ଅନେକ ଦ୍ରବ୍ୟ ମିଳିଥିଲା। ଏ ମଧ୍ୟରେ ମହାଲକ୍ଷ୍ମୀ ଓ ଚନ୍ଦ୍ର ମିଳିଥିଲେ। ଆହୁରି ବହୁ ଜିନିଷ ମିଳିଥିଲା। ଚନ୍ଦ୍ରଙ୍କ କାରଣରୁ ଏବେ ବି ସମୁଦ୍ରରେ ଜୁଆର ଭଟ୍ଟା ହେଉଛି। ଏହା ତିଥି ଅନୁସାରେ ଚନ୍ଦ୍ରଙ୍କ ଉଦୟ ପ୍ରଭାବରୁ ଘ୬/୬ଣ୍ଟଶ ବ୍ୟବଧାନରେ ଜୁଆର ହେଉଛି, ପୂର୍ଣ୍ଣିମା ଅମାବାସ୍ୟାରେ ପ୍ରବଳ ଜୁଆର ଉଠିଥାଏ। ପୂର୍ଣ୍ଣିମାରେ ପୃଥିବୀରୁ ନିକଟରେ ଓ ଅମାବାସ୍ୟାରେ କିଛି ଦୂରରେ ରହିଥାନ୍ତି ଏହାର ଅର୍ଥ ଚନ୍ଦ୍ର ପୃଥିବୀକୁ ଏକ ବୃତ୍ତ ପଥରେ ପରିକ୍ରମା କଲେ ବି ଠିକ କେନ୍ଦ୍ର ବିନ୍ଦୁରେ ପୃଥିବୀର ସ୍ଥିତି ନାହିଁ କରାନ୍ତରେ ଏପରି ପୃଥିବୀ ସୂର୍ଯ୍ୟଙ୍କୁ ଏକ ବୃତ୍ତ ପଥରେ ପରିକ୍ରମା କରୁଥିଲେ ବି ସେ ବୃତ୍ତର କେନ୍ଦ୍ରବିନ୍ଦୁରେ ଥିବା ସୂର୍ଯ୍ୟଙ୍କ ଠାରୁ ବୃତ୍ତ ପରିଧିକୁ କିଛି ବ୍ୟାସାର୍ଦ୍ଧ ଟାଣିଲେ ସବୁ କ୍ଷେତ୍ରରେ ଏହା ସମାନ ମାପର ହେବନାହିଁ। ଏଥିପାଇଁ ଚିନ୍ତନ କରାଯାଏ ଏ ବୃତ୍ତଟିକୁ ୩୬୦ ଅଂଶ କୁହାଗଲେ ବି ଏହା ଚେପଟା ଆକାରରେ ନିଶ୍ଚେ ଅଛି। ପୃଥୀରେ ଋତୁ ପରିବର୍ତ୍ତନ ଦିନରାତ୍ରୀର ହ୍ରାସ ବୃଦ୍ଧି ଏ ପାଇଁ ଏକ ଏକ କାରଣ।

ଆମର କୁମାର ପୂର୍ଣ୍ଣିମାରେ କୁମାରୀ ଝିଅମାନେ ଚାନ୍ଦ ପୂଜା ପୂର୍ବ ମୁହାଁ ହୋଇ ନିଜର ବୃନ୍ଦାବତୀଙ୍କ ପାଖରେ କରିଥାନ୍ତି। ଚାନ୍ଦ ପୂଜାରେ ଚାନ୍ଦ ଚକଟା, ଯହିଁରେ ଖଇ ଓ ଦୁଗ୍ଧାଦି ମିଶିଥାଏ। ଚାନ୍ଦ ପାଇଁ ଜହ୍ନିଫୁଲର କୋଠି ପ୍ରସ୍ତୁତ କରାଯାଇଥାଏ। ଚାନ୍ଦ ପ୍ରତି ଦିନ ଘଡ଼ି ମାରି ଉଦୟ ହୁଅନ୍ତି। ଘଡ଼ିମାନେ ଦଣ୍ଡ, ଦଣ୍ଡ ଅର୍ଥ ପ୍ରାୟ ୨୪ ମିନିଟ ଦିନ ୧୫ ଘଡ଼ି ବା ଘଟିକା। ରାତ୍ରିକ ବି ସେହି ସମୟ ୧୫ ଘଡି, ୧ ଦିନ ମାନ ୩୦ ଘଡ଼ି ବା ୬୦ ଦଣ୍ଡ ୪୮ ମିନିଟ ୧ ଘଡି। ପୂର୍ଣ୍ଣିମାର ଉଦୟ ଚନ୍ଦ୍ର ଦିଗବଳୟରୁ ଦୃଶ୍ୟ ହେଲା ବେଳଠାରୁ ୪୮ ମିନିଟ ମଧ୍ୟରେ ଚନ୍ଦ୍ର ପୂଜା କୁମାର ପୂର୍ଣ୍ଣିମାରେ କରାଯିବା ବିଧେୟ। ଚାନ୍ଦ ପୂଜା ବିଳମ୍ବ ହେଲେ କନ୍ୟାମାନେ ଓ ତାଙ୍କ ମାଆ ମାଉସୀ ଓ ଗୁରୁଜନମାନେ ବିବ୍ରତ ହୁଅନ୍ତି ଯାହାଙ୍କର ବୁଢ଼ାକର କାକେ ମିଳିଯିବ ଯାହା ବିଳମ୍ବ ବା ପୂର୍ବ ଦିଗବଳୟରୁ ଘୁଞ୍ଚି ଘୁଞ୍ଚି ଆଗକୁ ଆଗମନ ବଢ଼ିବେ। ପୂର୍ବଦିଗ ବଳୟରୁ ପଶ୍ଚିମ ଦିଗବଳୟ ଏକ ୧୮୦ ଅଂଶର ଗୁଣଭିଡ଼ା ଧନୁର ଫଳଙ୍କା ଭଳି ଆକାଶରେ ପଥ। ଧନୁରେ ଯେଉଁଠି ତୀର ଭିଡ଼ାଯାଇ ଉତକ୍ଷେପଣ ହୁଏ ସେହି ସ୍ଥାନ ଏହି କଳ୍ପିତ ଧନୁର ପୃଥିବୀ ପୃଷ୍ଠରୁ ଚନ୍ଦ୍ରଙ୍କର ସିଧା ସ୍ଥିତି, ଯାହା ପୂର୍ଣ୍ଣିମାର ମଧ୍ୟ ରାତ୍ର ଯାହା ଚନ୍ଦ୍ର ଉଦୟରୁ ୬ ଘଣ୍ଟା ସମୟ ଏହିପରି ଆମର ଇସଲାମିକ ଭାଇମାନେ ଚନ୍ଦ୍ରପୂଜା ବି ଶୁକ୍ଳ୨ୟା ତିଥିରେ ପ୍ରତିମାସରେ ୨ୟା ଚାନ୍ଦରେ କୃଷ୍ଣ ଅମାବାସ୍ୟା ପରେ ପ୍ରଥମେ ସୁଦୃଶ୍ୟ ଚନ୍ଦ୍ର। ପୂର୍ଣ୍ଣିମାରେ ପୂର୍ବ ଆକାଶରେ ଚନ୍ଦ୍ର ପୂର୍ଣ୍ଣିମା ଦେଖାଯାଇ ଅମାବାସ୍ୟାରେ ପଶ୍ଚିମ ଆକାଶରେ ଦେଖାଯାଇ ନଥାନ୍ତି ମାତ୍ର ଶୁକ୍ଳ ଦ୍ୱିତୀୟାରେ ଏ ଦୃଶ୍ୟ ହୁଅନ୍ତି ପଶ୍ଚିମ ଆକାଶରେ ଆମର ଭଗବାନ ଶଙ୍କର ମସ୍ତକରେ ଚନ୍ଦ୍ର ଅଛନ୍ତି ତାଙ୍କର ନାମ ସେଥିପାଇଁ ଚନ୍ଦ୍ରଶେଖର। ଏ ଚନ୍ଦ୍ର ଶୁକ୍ଳ ୨ୟାର ଚନ୍ଦ୍ର। ଜ୍ୟୋତିଷ ଶାସ୍ତ୍ରରେ ଅଛି ଚନ୍ଦ୍ରର ଶୃଙ୍ଗୋନ୍ନତି ଦର୍ଶନ। ଯେମିତି ଚନ୍ଦ୍ର ଏକ ମଟ ସାଇକେଲ ହେଣ୍ଡଲ ପରି ଆକାଶରେ ଦୁଇ ପଟରେ ଦୁଇ ଶୃଙ୍ଗ ଆକାରରେ ରହିଥାନ୍ତି। ହେଲେ ସବୁ ମାସରେ ଏକାପରି ଅବସ୍ଥାରେ ରହିନଥାନ୍ତି। କେବେ ବାମପଟ ଉଚ୍ଚତ କେବେ ଦକ୍ଷିଣ ପଟ ଉଚ୍ଚ, ଏହା ପ୍ରକୃତରେ ପୃଥିବୀର ଛାୟା ଯୋଗୁଁ ହିଁ ହୋଇଥାଏ। ଏହି ଚନ୍ଦ୍ରର ଶୃଙ୍ଗୋନ୍ନତି ଦର୍ଶନରେ ପୃଥିବୀରେ କଣ କଣ ପରିବର୍ତ୍ତନରେ ମାସରେ ହୋଇପାରେ ତାର ଭାବନା କଳ୍ପନା କରାଯାଏ।

ପୃଥିବୀର ଯେମିତି ମାଧ୍ୟାକର୍ଷଣ ଶକ୍ତି ଅଛି ଏମିତି ସବୁ ଗ୍ରହଙ୍କର ଶକ୍ତି ଅଛି। ଏପରିକି ପୃଥିବୀର ଉପଗ୍ରହ ଏହି ଚନ୍ଦ୍ର ବି ଅଛି। ଚନ୍ଦ୍ରର କେନ୍ଦ୍ରିକ ଶକ୍ତି ଓ ପୃଥିବୀର କେନ୍ଦ୍ରିକ ଶକ୍ତି ଉଭୟ ଟାଣ ପୃଥିବୀରେ ଥିବା ବହୁ ବ୍ୟାପକ ସାଗର ଜଳ ଉପରେ ପଡୁଛି। ଏହା ସହିତ ବୃକ୍ଷଲତା ଜୀବ ଜଗତ ସବୁରେ ପଡୁଛି। ସମୁଦ୍ର ଜୁଆରିଆ ସମୁଦ୍ରଜଳ ଲବଣ ମନୁଷ୍ୟର ରକ୍ତ ବି ଲବଣ। ଖୋଦ ଚନ୍ଦ୍ର ଲବଣାକ୍ତ ଦ୍ରବ୍ୟର ମାଲିକ ଯେତେ ପ୍ରକାର ଅଘଟଣ ମନୁଷ୍ୟମାନେ କରୁଛନ୍ତି ଏହି ଚନ୍ଦ୍ରାଦି ଗ୍ରହଙ୍କର ଆକର୍ଷଣରୁ ହିଁ କରୁଛନ୍ତି। ବେଶୀ ଚନ୍ଦ୍ର ଯୋଗୁଁ ମନୁଷ୍ୟ ଭୋଗୁଛନ୍ତି। ପାଗଳାମି ବ୍ୟକ୍ତିକୁ ଲୁନାଷ୍ଟିକ ପେସେଣ୍ଟ କୁହାଯାଏ। ହିନ୍ଦୁ ଧର୍ମଶାସ୍ତ୍ର ପୁରାଣ ତଥ୍ୟ ଅନୁସାରେ ସାତ ପ୍ରକାର ସମୁଦ୍ର ଅଛି। କ୍ଷାର ସମୁଦ୍ର, କ୍ଷୀର ସମୁଦ୍ର, ଦଧି ସମୁଦ୍ର, ଘୃତ ସମୁଦ୍ର, ଇକ୍ଷୁର ସମୁଦ୍ର, ମଦ୍ୟ ସମୁଦ୍ର ଓ ଶୁଦ୍ଧଜଳ ସମୁଦ୍ର। ଜ୍ଞାନୀମାନେ କଳ୍ପନା ଚକ୍ଷୁରେ ଏମିତି ସଂସାରରେ କିଛି ଅସରନ୍ତି ତରଳ ଦ୍ରବ୍ୟର କଳ୍ପନା କରି ଏସବୁର ଏକକ ସମୁଦ୍ର ନାମରେ ନାମକରଣ କରିଛନ୍ତି। କ୍ଷୀର ତ ଦୁଗ୍ଧ ଗୋ ମହିଷି ପରି ଜୀବକୁ ଲୋକେ ଗୃହପାଳିତ ପଶୁ ରୂପେ ଗ୍ରହଣ କଲା ଦିନରୁ ଯେତେ ଦୁଗ୍ଧ ସଂଗ୍ରହ ହୋଇସାରିଛି ଓ ଆଗକୁ ହେବ ଏହା ଏକ ଏକ ସମୁଦ୍ର ପରି ଭଣ୍ଡାର ହେବ ନାହିଁ କି। ଏପରି ଦଧି, ଘୃତ ବି ହୋଇପାରେ ରସରେ ସ୍ୱାଦିଷ୍ଟ ରସ, ଆଖୁରସ ଏହି ତୃଣଟି ମନୁଷ୍ୟ ମାନଙ୍କ ଗୋଚରରେ ଆସିବା ଦିନୁ ଓ ଏଥିରୁ ନିଷ୍କାସିତ ରସ କଣ ଏପରି ସମୁଦ୍ର ଏକକର ହେବନାହିଁ। ଠିକ ସେହିପରି ମଦ୍ୟ ବିଶ୍ୱାସ କରାଯାଉଛି ମଦ୍ୟର ସୃଷ୍ଟି ଏହି ସମୁଦ୍ର ମନ୍ଥନରୁ। ମଦ୍ୟ ବି ପ୍ରସ୍ତୁତ ବିଭିନ୍ନ ଦ୍ରବ୍ୟରୁ ହେଉଛି। ମହୁଲରୁ ଗୁଡ଼ରୁ ହୋଇଥିବା ସମସ୍ତେ ଜାଣନ୍ତି ଏମିତି ଚାଉଳରୁ ହାଣ୍ଡିଆ ହେଉଛି। ଗୁଡ଼ କହିଲେ ଆଖୁଗୁଡ଼ କେବଳ ନୁହଁ ଖଜୁରୀ, ତାଳ, ନଡ଼ିଆ ଆଦିର ଗଛର ରସରୁ ହୋଇଥାଏ। ଆର୍ୟୁବେଦରେ ଶାସ୍ତ୍ରୀୟ ମଦ୍ୟ ଅଛି ତାକୁ ଆସବ ଓ ଅରିଷ୍ଟ କହନ୍ତି ଏ ମଧ୍ୟ ଉପଯୁକ୍ତ ବନୌଷଧିରୁ ନିର୍ଦ୍ଦିଷ୍ଟ ପଦ୍ଧତିରେ ପ୍ରସ୍ତୁତ ହୁଏ। ସୁରାସାର କହିଲେ ହୋମିଓପ୍ୟାଥିକ ଔଷଧର ଏକ ବିଶେଷ ଅଙ୍ଗ ଏହା ବି ମଦ୍ୟ।

ଜଳ ସହିତ ଚନ୍ଦ୍ରଙ୍କର ବହୁ ସମ୍ପର୍କ। ଜଳରାଶି ରାଶି ଚକ୍ରରେ ତିନଟି ଅଛି। ଚଳଜଳ, ସ୍ଥିର ଜଳ, ଦ୍ୱାତ୍ମିକ ଜଳ। ଚଳଜଳ ରାଶିରେ ଆସେ କର୍କଟ ରାଶି ଏହି ରାଶିରେ ରବି ପ୍ରବେଶ ପ୍ରାୟ ଜୁଲାଇ ୧୪ରୁ ଅଗଷ୍ଟ ୧୫ ପର୍ଯ୍ୟନ୍ତ ଏ ସମୟରେ ଓଡ଼ିଶାରେ ପ୍ରବଳ ବର୍ଷା ସମୟ। କକଡ଼ା ମାସ ବର୍ଷା ୧ ଦିନ ନହେଲେ କୁହାଯାଏ ଲକ୍ଷେ ଭରଣ ଧାନ ତୁଟି। ସବୁ ଜଳ ରାଶି ବ୍ରାହ୍ମଣ ରାଶିର ଅର୍ନ୍ତଭୁକ୍ତ। ବ୍ରାହ୍ମଣ ଗ୍ରହଣ ବୃହସ୍ପତି ଏଇ କର୍କଟ ରାଶିରେ ହିଁ ଅଧିକ ବଳଶାଳୀ ସ୍ଥାନ ବାଛିଛନ୍ତି ଯାହା ତାଙ୍କର ଉଚ୍ଚ ସ୍ଥାନ। ପରମ ରହସ୍ୟ ବିଦ୍ୟା ଗର୍ଭଧାନ ବିଦ୍ୟା, ଜ୍ୟୋତିଷରେ ଆଗକୁ ଭବିଷ୍ୟତ ଜାଣିବା ପାଇଁ ବର ଓ କନ୍ୟାଙ୍କର ମେଳକ ବିଚାର କରାଯାଏ। ଏଥିରେ ଚନ୍ଦ୍ର ସ୍ଥିତ ରାଶି ଓ ନକ୍ଷତ୍ର ଦୁଇଟିକୁ ବିଭିନ୍ନ କୌଶଳ ଆଶ୍ରାରେ ଧାର୍ଯ୍ୟ କରାଯାଏ। ନାରୀ ମାନଙ୍କର ମାସିକ ରଜୋସ୍ରାବ ଚନ୍ଦ୍ରମାନ ମାସ ନର ଧାର୍ଯ୍ୟ ଦି୨୭-୨୮ନ ଜନ୍ମ ସମସ୍ତଙ୍କର ଏକ ତିଥିରେ ହେଲେ ଏକ ଚନ୍ଦ୍ରମାସ ଆରମ୍ଭ ଋତୁଚକ୍ରରେ ହୋଇପାରନ୍ତା। ଭିନ୍ନ ତିଥି ଓ ଚାନ୍ଦ ନକ୍ଷତ୍ର ପାଇଁ ୧୦-୧୨ କର୍କଟ ମଧ୍ୟରେ ନାରୀଙ୍କର ଋତୁସ୍ରାବ ଆରମ୍ଭ ପ୍ରକ୍ରିୟା ଚାଲେ। ଏ ପାଇଁ ସର୍ବଦା ଚନ୍ଦ୍ର ହିଁ ଦାୟୀ। ଅଦ୍ଭୂତ ପ୍ରକ୍ରିୟା ଚନ୍ଦ୍ରଙ୍କ ସହିତ ମଙ୍ଗଳଙ୍କର ରହିଛି। ପୃଥିବୀର ପାଖରେ ଚନ୍ଦ୍ର ଥିବାବେଳେ ମଙ୍ଗଳ ବି ଅଛନ୍ତି। ଚନ୍ଦ୍ର ପୃଥିବୀକୁ ପରିକ୍ରମା କରିବାବେଳେ ମଙ୍ଗଳ ପୃଥିବୀ ସହିତ ସୂର୍ଯ୍ୟଙ୍କୁ ଘୁରୁଛନ୍ତି। ହେଲେ ଚନ୍ଦ୍ର ମଙ୍ଗଳ ପୃଥିବୀ ସହିତ ବିଭିନ୍ନ କୌଣସି ନତ୍ୟ ସୃଷ୍ଟି କରନ୍ତି। ଏହି କୌଣିକ ସ୍ଥିତି ପୃଥିବୀରେ ବହୁ ପ୍ରକାର ପରିବର୍ତ୍ତନ କରିଥାନ୍ତି। ମଙ୍ଗଳକୁ ଲୋହିତ ଗ୍ରହ କୁହାଯାଏ। ବ୍ୟକ୍ତିର ରକ୍ତ ସହିତ ଡବ୍ଲ୍ୟୁବିସି ଓ ଆରବିସି ଏମିତି ଏହି ଦୁଇ ଗ୍ରହଙ୍କର ପ୍ରତ୍ୟେକ୍ଷ ସମ୍ବନ୍ଧ। ନାରୀଙ୍କ ଦେହରୁ ରକ୍ତ ଆର୍ତ୍ତକ ଆକାରରେ ଯାହା ନିର୍ଗତ ହେଉଛି ତାହା ମଙ୍ଗଳ ଯୋଗୁଁ ହିଁ ହେଉଛି। ମଙ୍ଗଳ ମନୁଷ୍ୟକୁ ବଳ ସାହାସ ଦେଉଛନ୍ତି। ଚନ୍ଦ୍ର ମାନସିକ ଶକ୍ତିକୁ ନିୟନ୍ତ୍ରଣ କରୁଛନ୍ତି। ସପ୍ତ ସମୁଦ୍ରର ବିଚାର ସପ୍ତାଂଶ କୁଣ୍ଡଳୀ ଜ୍ୟୋତିଷମାନେ କରିଥାନ୍ତି। ତାହା ସୁସନ୍ତାନ ବା କୁସନ୍ତାନ ବା ସନ୍ତାହୀନ ବିଚାର ପୁରୁଷ ଓ ନାରୀଙ୍କ କୁଣ୍ଡଳୀରୁ ଧାର୍ଯ୍ୟ କରାଯାଏ। ଏପରି ପୁରୁଷର ବୀଜସ୍ଫୁଟ ଓ ନାରୀଙ୍କର କ୍ଷେତ୍ର ସ୍ଫୁଟ ଜ୍ୟୋତିଷରେ ମେଳକ ବେଳେ ଖୋଜ କରାଯାଏ। ଏହା କଷ୍ଟସାଧ ଗାଣିତିକ ବିଦ୍ୟା ଯାହା ସବୁ ଜ୍ୟୋତିଷ ଏପରି କରିବା ସହଜ ନୁହେଁ। ପ୍ରତିବର୍ଷ ପାଞ୍ଜି ଗୁଡ଼ିକ ଦୁଇ ପ୍ରକାର ସମୟ ଏକକରେ ଗଣନା କରାଯାଏ କିନ୍ତୁ ଏହା ସହିତ ଅନ୍ୟ ସମୟ ଏକକ ରହିଯାଇଥାଏ। ପ୍ରତିବର୍ଷ ଓଡ଼ିଶାରେ ଶକାବ୍ଦ ଆରମ୍ଭ ଦିନରୁ ବର୍ଷକର ଭବିଷ୍ୟତ ନିର୍ଦ୍ଧାରଣ କରାଯାଏ। ଏଥିରେ ପ୍ରତି ଚାରି ବର୍ଷର ଚନ୍ଦ୍ରରେ ୧ ନିର୍ଦ୍ଦିଷ୍ଟ ମେଘ ବର୍ଷଣ କରିଥାଏ। ଏମିତି ଗଣନା ଦୃଷ୍ଟେ କେଉଁ ସମୁଦ୍ରରୁ କେଉଁ ବର୍ଷ ଜଳ ଉତ୍ତୀଳନ ହୋଇ ବର୍ଷଣ ମୁଖର ହେବ ଏହାର ସୂଚନା ଦିଆଯାଏ।

ପ୍ରତି ସଂକ୍ରାନ୍ତିରୁ ମାସର ପାଣିପାଗ ନିର୍ଦ୍ଧାରଣ ଧାରା ବି ଅଛି। ବର୍ଷା ଦିନେ କେଉଁ ଦିନ ବର୍ଷା ହୋଇପାରେ ଏହା ବି ସୂଚନା ଅଛି। ମାତ୍ର ଏସବୁ ଚନ୍ଦ୍ରଙ୍କର ୨୭ ନକ୍ଷତ୍ର ଗତି ଉପରେ ହିଁ ଏସବୁ ସବୁ ଋତୁରେ ଭିନ୍ନ ଭିନ୍ନ ପ୍ରକାରରେ ଧାର୍ଯ୍ୟ ରହିଛି। ଜଳକୁ ଛାଡ଼ି, ଚନ୍ଦ୍ର ରହି ନପାରନ୍ତି। ତାଙ୍କର ନାମ ଅମୃତାଂଶୁ, ସୁଧାକର, ଔଷଧିଶ, ଜଳ ହିଁ ପ୍ରାଣରକ୍ଷା ସୁଧା ଜଳ ହେଉଛି ବିଶେଷ ଔଷଧ ଓ ଜଳ ବିନା ଔଷଧ ପ୍ରସ୍ତୁତ ସମ୍ଭବ ନୁହଁ। ବର୍ଷରେ ଯେଉଁ ୩/୩ କ୍ରମ ଶୁଖ ଠକ ଠକ ପୁଞ୍ଜିଏ ନୁସୁରୁ ପୁସୁରୁ ପୁଞ୍ଜିଏ କୁଙ୍କୁରୀ କାଙ୍କୁରୀ ପୁଞ୍ଜିଏ ଏ ପ୍ରତି ଚାରି ମାସ ଏକରେ ୧୨୦ ଦିନ ବ୍ୟବଧାନ ମଧ୍ୟରେ ଆସିଥାଏ। ଆର୍ଦ୍ର ରବି ପ୍ରବେଶରୁ ଚିତ୍ରରବି ଶେଷ ଯାଏ ସ୍ୱାତୀ ରବି ପ୍ରବେଶରୁ ଧନିଷ୍ଠା ରବି ଶେଷ ଯାଏ ଶତଭିଷା ରବିରୁ ଆର୍ଦ୍ରତାର ପ୍ରବେଶ ପର୍ଯ୍ୟନ୍ତ ଏହି ତିନି ଭାଗରେ ଆମର ପାଣିପାଗ ନିର୍ଦ୍ଧାରଣ ଏଥିରେ ଚନ୍ଦ୍ର ସ୍ଥିତି ହିଁ ସମୟକୁ ଶୁଖିଲା, ଭିଜା, ଶୀତୁଆ କରାଇଥାଏ। ସପ୍ତନାଡ଼ୀ ଚକ୍ରରେ ଅମୃତନାଡ଼ୀ ଚନ୍ଦ୍ର ଦ୍ୱାରା ଚାରି ନକ୍ଷତ୍ର ପ୍ରଭାବି, ଏହି ନାଡ଼ୀର ବହୁଗ୍ରହ ଚନ୍ଦ୍ର ସମ୍ବନ୍ଧ ପ୍ରଚୁର ବର୍ଷା କରାଏ। ପିତୃପୁରୁଷଙ୍କୁ ଶ୍ରାଦ୍ଧ ବର୍ଷରେ ଥରେ ତାଙ୍କର ଅପ୍ରକଟ ଦିବସ ତିଥିରେ କରାଯାଏ। ଏହା ପିତୃପୁରୁଷ ଚନ୍ଦ୍ରଙ୍କର ଯେଉଁପଟ ମାନବ ଗୋଚର ନୁହଁ ସେହି ପଟରେ ହିଁ ବାସ କରନ୍ତି। ପିତୃ ତର୍ପଣ ସବୁ ହିନ୍ଦୁ ଜନତା ଜଳାର୍ଘ୍ୟ ଦିଅନ୍ତି। ଏହି ଜଳ ହିଁ ସେହି ଚନ୍ଦ୍ରର ଅଦୃଶ୍ୟ ଭାଗସ୍ଥିତ ପିତୃଙ୍କୁ ତର୍ପଣରେ ଉତ୍ସର୍ଗ କରଯାଏ।


ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ,
କଟକ, ଦୂରଭାଷ : ୯୪୩୭୦୩୧୨୫୩


# ମନ ତା'ର ମାଟି କଣ୍ଢେଇ


### ଡକ୍ଟର ସୁରେଶ କୁମାର ନାୟକ


ସ୍କୁଲ ପଢ଼ା କରି ନଥିଲା ସୁଜିତ। ତେଣୁ ସ୍କୁଲ ଯିବାକୁ ଡରୁଥିଲା ସେ। ଏକ ପବ୍ଲିକ ବୁଥରୁ ସେ ଫୋନ୍ କରି ତାର ସାଙ୍ଗମାନଙ୍କୁ କହିଲା - ସ୍କୁଲରେ କେହି ଜଣେ ବୋମା ଖଞ୍ଜି ଦେଇଛି। ଏଭଳି କରିବା ପଛରେ ତାର ମାନସିକତା ଥିଲା - ସ୍କୁଲ ବନ୍ଦ ହୋଇଯାଉ। କେହି ସ୍କୁଲକୁ ନଯାଆନ୍ତୁ। ଗତ ସପ୍ତାହରେ ନୂଆଦିଲ୍ଲୀରେ ଏପରି ଘଟଣାଟି ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ଅନେକ ଚର୍ଚ୍ଚା ଆରମ୍ଭ ହୋଇଥିଲା। ଏପରି ଘଟଣା ଯେ ନୂଆ ତାହା ନୁହେଁ, କାରଣ ଅନେକ ଘଟଣା ପୂର୍ବରୁ ମଧ୍ୟ ଏହିପରି ଘଟିଛି। କିନ୍ତୁ କଥା ହେଉଛି ଏପରି ଏକ ସାମୟିକ ବିଭ୍ରାଟ ସ୍କୁଲ ପିଲାଟି କାହିଁକି କରିଥାଏ? ଏ ସବୁ କରିବା ପଛରେ ତାହାର ପାଠପଢ଼ା ବୋଝ ଥାଇପାରେ। କିନ୍ତୁ ତାହା କ'ଣ ଏକମାତ୍ର କାରଣ। ମନସ୍ତତ୍ତ୍ୱବିତ୍‌ଙ୍କ ମତରେ ଏସବୁ ହେଉଛି ଭାବଗତ ବିଶୃଙ୍ଖଳା ବା ଇମୋଶନାଲ ଡିଜଅର୍ଡ଼ରର ଗୋଟିଏ ଗୋଟିଏ ଉଦାହରଣ।

କାହିଁକି ଏମିତି ହୁଏ : ମାତାପିତାଙ୍କ ଭାବନା ସହିତ ପିଲାମାନଙ୍କର ମାନସିକତାର ତାଳମେଳ ନରହିବା ହିଁ ଏଭଳି ଭାବଗତ ବିଶୃଙ୍ଖଳା ମୁଖ୍ୟ କାରଣ। ତେବେ ଆଉ ଗୋଟିଏ ବ୍ୟତିକ୍ରମ ହେଉଛି ଅନେକ ପିଲାଙ୍କ ପରିବାରରେ ବାପା-ମାଆଙ୍କ ଭିତରେ ସୁସମ୍ପର୍କର ମାନସିକତା ରହିନଥାଏ। ଅନେକ କଥାର ତୁତୁ ମେମେ ପରିସ୍ଥିତିଟିକୁ ପିଲା ନିଜେ ତାହା ଆଖି ସାମ୍ନାରେ ଦେଖିଥାଏ। ସେହିପରି ସମ୍ପ୍ରତି ପ୍ରତ୍ୟେକ ମାତାପିତା ଚାହୁଁଛନ୍ତି ସେମାନଙ୍କ ପିଲାମାନେ ସବୁକ୍ଷେତ୍ରରେ ପାରଦର୍ଶିତା ଲାଭ କରନ୍ତୁ। ପ୍ରତିଯୋଗିତାପୂର୍ଣ୍ଣ ଦୁନିଆରେ ପ୍ରତିଷ୍ଠିତ ହେବାକୁ ହେଲେ ପାରଦର୍ଶିତା ଲାଭ କରିବା ନିତାନ୍ତ ଦରକାର। କିନ୍ତୁ ମାତାପିତାଙ୍କ ଭାବନାର ପ୍ରତିଫଳନ ପିଲାମାନଙ୍କ ଠାରେ ଘଟୁନାହିଁ। ଯାହାଦ୍ୱାରା ମାତାପିତା ପିଲାମାନଙ୍କ ପ୍ରତି କଠୋର ହେଉଛନ୍ତି ଓ ଏହାର କୁପ୍ରଭାବ ପିଲାମାନଙ୍କ ମାନସିକତା ଉପରେ ପଡୁଛି। ଉଭୟେ ଉଭୟଙ୍କ ପ୍ରତି ନକରାତ୍ମକ ମନୋଭାବ ପୋଷଣ କରୁଛନ୍ତି।

ସକାରାତ୍ମକ ଭାବନା ଜରୁରୀ : ପିଲାମାନଙ୍କର ଭାବଗତ ବିଶୃଙ୍ଖଳତାକୁ ଦୂର କରିବା ପାଇଁ ସକାରାତ୍ମକ ଭାବନାର ଶତପ୍ରତିଶତ ଆବଶ୍ୟକତା ରହିଛି। ମାତାପିତା ପ୍ରଥମେ ପିଲାର ବୌଦ୍ଧିକତା ସାମର୍ଥ୍ୟ ଉପରେ ଗୁରୁତ୍ୱ ଦେବା ଦରକାର। ଜଣକର ମାନସିକତାକୁ ଠାବ କରି ସାରିବା ପରେ ତାର ବୌଦ୍ଧିକ ବିକାଶ ପାଇଁ ସହଜରେ ଉପଚାର କରାଯାଇ ପାରିବ। ବିଶ୍ୱ ସ୍ତରୀୟ ସ୍ୱାସ୍ଥ୍ୟ ଗବେଷଣା ଭିତ୍ତିକ ଖ୍ୟାତନାମା ପତ୍ରିକା 'ଲାନ୍‌ସେଟ୍'ର ଏକ ବିଶେଷଜ୍ଞ ଦଳଙ୍କ ଗବେଷଣା ଅନୁଯାୟୀ ପିଲା ଜନ୍ମ ହେବାର କିଛି ମାସ ପରେ ବ୍ରେନ୍‌ରେ ଥିବା ଇମୋଶନାଲ ସର୍କିଟସ୍ ସମ୍ବେଦନଶୀଳ ହୋଇଥାଏ। ଏହା ବ୍ରେନ୍‌ରେ ଇମୋଶନାଲ ବିକାଶ କରାଇଥାଏ। ତେଣୁ ପ୍ରଥମରୁ ପିଲାର ଆଇକ୍ୟୁ ବିକାଶ ପ୍ରତି ଧ୍ୟାନ ଦେବା ଆବଶ୍ୟକ। ଏ ସବୁ ଯେ କୁହୁକ ଯାଦୁ ପରି ରାତାରାତି ବା ଗୋଟିଏ ସପ୍ତାହ ଭିତରେ ସମ୍ଭବ ହୋଇପାରିବ ତାହା ଆଦୌ ନୁହଁ। ପିଲାଟିକୁ ସକରାତ୍ମକ ଭାବରେ ଗଢ଼ି ତୋଳିବା ପାଇଁ ପିତାମାତାଙ୍କ ମୂଳ ଓ ପ୍ରଥମ ଧୈର୍ଯ୍ୟପୂର୍ଣ୍ଣ ପ୍ରେରଣାର ଅବଦାନ ରହିଛି। ସେମାନେ ଅଧୈର୍ଯ୍ୟ ନ ହୋଇ ପିଲାଟିର ମାନସିକ ସ୍ଥିତି ଓ ତାର ପରିପାର୍ଶ୍ୱିକ କାର୍ଯ୍ୟକଳାପ ତଥା ଭାବନାକୁ ମଧ୍ୟ ଦୂରରୁ ନିରୀକ୍ଷଣ କରି ଉପଯୁକ୍ତ ସଠିକ ମାର୍ଗ ନିରୂପଣ କରନ୍ତୁ।

ପିଲାର ପ୍ରବୃତ୍ତି ପରଖନ୍ତୁ : ନିଜେ ଯେମିତି, ପିଲାଙ୍କୁ ସେମିତୀ ଭାବରେ ଗଢ଼ିବାକୁ ଚେଷ୍ଟା କରିବା ପ୍ରକାଶ ଭୁଲ। ବୁଝିବା ଉଚିତ ଯେ, ପ୍ରତ୍ୟେକ ପିଲା ନିଜସ୍ୱ ପ୍ରବୃତ୍ତି ବା ବ୍ୟକ୍ତିତ୍ୱ ନେଇ ଦୁନିଆକୁ ଆସିଛି। ତାର ପ୍ରବୃତ୍ତି ଉପରେ ନିୟନ୍ତ୍ରଣ ଜାହିର କରାଯାଇ ପାରିବ ନାହିଁ କି ତାହାକୁ ଇଚ୍ଛାମତେ ପରିବର୍ତ୍ତନ କରାଯାଇ ପାରିବ ନାହିଁ। ବରଂ ପିଲାଙ୍କର ଦୃଷ୍ଟିଭଙ୍ଗୀ ପ୍ରମାଦଯୁକ୍ତ ବୋଲି ମନେକଲେ ନିଜସ୍ୱ ଅଭିଜ୍ଞତା କଥା କହି ତାହା ସୁଧାରିବାକୁ ଚେଷ୍ଟା କରନ୍ତୁ।

ପିଲାଠାରୁ ବି ଶିଖନ୍ତୁ : ଶିକ୍ଷକ ସାଜି ସବୁବେଳେ ପିଲାଙ୍କୁ ସବୁ କଥା ଶିଖାନ୍ତୁ ନାହିଁ। କେବେ କେବେ ତାଙ୍କ ଠାରୁ କିଛି ଶିଖନ୍ତୁ, ତାଙ୍କୁ ସମ୍ମାନ ଦିଅନ୍ତୁ ଓ ତାଙ୍କ ସଙ୍ଗେ ଖେଳନ୍ତୁ। ବେତ ଧରି ଏଇଟା କରନି, ସେଇଟା କରନି କହିଲେ ଫଳ ଭଲ ହେବନାହିଁ। ବରଂ ପରୋକ୍ଷରେ ପ୍ରଭାବିତ କରିବାକୁ ତାଙ୍କୁ ମଜାଦାର କାହାଣୀ କହନ୍ତୁ। ଆକଟ ଭିତରେ ସେ ଆପଣଙ୍କ ଶ୍ରଦ୍ଧା ଯେପରି ପାଇବାରେ ଊଣା ନ ହୁଏ ସେ ଦିଗକୁ ଲକ୍ଷ୍ୟ ରଖିଥାନ୍ତୁ।

ମାତାପିତାଙ୍କ ଭୂମିକା : ଶୈଶବ ବା ପିଲା କାଳକୁ କଞ୍ଚାମାଟି ବୋଲି କୁହାଯାଇଥାଏ। ସେମାନଙ୍କୁ ଯେମିତି ଗଢ଼ିବ ସେମିତି ଗଢ଼ି ହେବେ। ଏ କ୍ଷେତ୍ରରେ ଅଭିଭାବକଙ୍କ ଭୂମିକା ଯଥେଷ୍ଟ ଗୁରୁତ୍ୱପୂର୍ଣ୍ଣ। ପ୍ରଥମେ ପିଲାମାନଙ୍କ କଥା ଶୁଣନ୍ତୁ। ମାତ୍ର ଗୁଣ ତଥା ବ୍ୟବହାରକୁ ଖୁବ୍ ସହଜରେ ଗ୍ରହଣ କରିନିଏ। ଲୋକମାନଙ୍କ ସହ କେମିତି ବ୍ୟବହାର କରାଯିବ ସେ କଥା ପିଲାଙ୍କୁ ଶିଖାନ୍ତୁ। ପିଲା ମଧ୍ୟରେ କ୍ରୋଧ, ଈର୍ଷା ଆଦି ଭାବନା ଆସୁଥିବା ସମୟରେ ସେମାନଙ୍କ ଉପରେ ଦୃଷ୍ଟି ରଖନ୍ତୁ। ପିଲାର ମାନସିକ ସ୍ଥିତି ଯେମିତି ବିଗିଡ଼ି ନଯାଏ ସେଥିପ୍ରତି ଯଥେଷ୍ଟ ଧ୍ୟାନ ଦିଅନ୍ତୁ। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ହେଉଛି ଶୈଶବବସ୍ଥାରୁ ଏସବୁ ଉପରେ ଗୁରୁତ୍ୱ ଦେବା ଦରକାର। ଶିଶୁର ସମସ୍ତ ଦାବି ପୂରଣ କରିବା ଉଚିତ ନୁହେଁ। କିନ୍ତୁ ମଝିରେ ମଝିରେ ସେମାନଙ୍କର କିଛି ଦାବି ପୂରଣ କରି ଅନ୍ୟକିଛି ସ୍ନେହର ସହ ଏଡ଼ାଇ ଯାଆନ୍ତୁ। ତେବେ ମନେରଖିବା ଉଚିତ ଯେ, ଏଥିରେ ଶିଶୁ ଯେଭଳି ବିରକ୍ତ କି ଅସନ୍ତୁଷ୍ଟ ନ ହୁଏ। ପିଲାଟିକୁ ତାର ଅନୁଭବ କରିବା ସମୟରୁ ହିଁ ମିତବ୍ୟୟୀ ଅଭ୍ୟାସ ଶିଖାନ୍ତୁ। ବଦ ଖର୍ଚ୍ଚ ଓ ଖୋଲା ହାତ ଖର୍ଚ୍ଚ ଅଭ୍ୟାସ ଆଦୌ ଭଲ ନୁହଁ ବରଂ ପିଲାଟିକୁ ସଞ୍ଚୟ କରିବାର ସୁ ଅଭ୍ୟାସର ଶିକ୍ଷା ଦିଅନ୍ତୁ। ସେହିପରି ଯଦି ତା ଭିତରେ ଆପଣଙ୍କ ପ୍ରତି ଅସନ୍ତୁଷ୍ଟି ବା ଚିଡ଼ିଚିଡ଼ା ଭାବ ଦେଖାଯାଏ ତାହାଲେ ତାହାର ପ୍ରଭାବ ଭବିଷ୍ୟତରେ ପ୍ରତିଫଳିତ ହୁଏ।

ଭାବନା ବୁଝନ୍ତୁ : ପିଲାମାନଙ୍କର ମାନସିକତା ବୁଝିବାକୁ ମାତାପିତାଙ୍କ ନିକଟରେ ସବୁବେଳେ ସମୟ ନଥାଏ। ତେବେ ଯେ କୌଣସି ପରିସ୍ଥିତିରେ ମାତାପିତା ନିଜର ସମୟ କାଢ଼ି ପିଲାଟିର ଭାବନାକୁ ଅନୁଭବ କରନ୍ତୁ। ତାର ଭାବନାତ୍ମକ ବିକାଶ ଏମିତି ଭାବରେ କରନ୍ତୁ ଯେମିତି ଜୀବନର ପ୍ରତିଟି ମୋଡ଼ରେ ସେ ଉଚିତ ମାର୍ଗ ବାଛି ନେଇପାରୁଥିବ। ନିଜ ଜୀବନକୁ ଠିକ୍ ଭାବରେ ଚଳାଇ ପାରିବର କ୍ଷମତା ପିଲାର ଆସିବା ଦରକାର। କେବଳ ଏତିକି ନୁହେଁ ଆପଣଙ୍କ ପିଲା ଯେପରି ପ୍ରତିଯୋଗିତାରେ ଆଗକୁ ଯାଇପାରିବ ସେଭଳି ବ୍ୟବସ୍ଥା କରନ୍ତୁ। ସେହିଭଳି ଅନ୍ୟକୁ ଉପକାର କରିବାର ଭାବନା ମଧ୍ୟ ଶିଶୁ ମନରେ ଭର୍ତ୍ତି କରିବାର ଦାୟିତ୍ୱ ମାତାପିତାଙ୍କର।

ଭାବନାର ବିକାଶ କରେ ଖେଳ : ପିଲା ପାଇଁ ଖେଳ ଜରୁରୀ। ଖେଳକୁଦ ଦ୍ୱାରା କେବଳ ଶରୀର ସୁସ୍ଥ ରହେ ନାହିଁ ଏହା ତାର ଭାବନାତ୍ମକ ବିକାଶ ଦିଗରେ ମଧ୍ୟ ସାହାଯ୍ୟ କରିଥାଏ। ସେହିପରି ଖେଳକୁଦ, ଧାଁ ଧଉଡ଼ ଓ ଶାରୀରିକ କୁସ୍ତି କସରତ ଉଭୟ ଶାରୀରିକ ଓ ମାନସିକ କ୍ଷେତ୍ର ପାଇଁ ପିଲାଟି ପାଇଁ ଅତ୍ୟନ୍ତ ଉପଯୋଗୀ ଓ ମହତ୍ୱପୂର୍ଣ୍ଣ। କୌଣସି ପିଲା ଏକୁଟିଆ ଖେଳି ନଥାଏ। ଏଥିପାଇଁ ସେ ସାଙ୍ଗ ଖୋଜିଥାଏ। ସାଙ୍ଗମାନଙ୍କ ସହ ଖେଳିବା ଦ୍ୱାରା ତା ମଧ୍ୟରେ ସୃଷ୍ଟି ହେଉଥିବା ନିରାଶା ଭାବ ଚାପି ହୋଇଯାଏ ଓ ସେ ଖେଳ ମାଧ୍ୟମରେ ଆନନ୍ଦ ପାଏ। ସମୟ ସମୟରେ ପିଲା ପିଲା ମଧ୍ୟ ଝଗଡ଼ା ହୁଏ ସତ ମାତ୍ର ଏହା କ୍ଷଣସ୍ଥାୟୀ। ପିଲାଟି ତାର ସାଙ୍ଗ ମାନଙ୍କ ସହିତ ଉତ୍ତମ ଓ ଶିକ୍ଷଣୀୟ ବନ୍ଧୁତ୍ୱ କିପରି ରଖି ପାରିବ ସେ ଦାୟିତ୍ୱ ମାତାପିତାମାନେ ନିଜେ ନିର୍ବାହ କରି ଏପରି କ୍ଷେତ୍ରରେ ତାର ସାଙ୍ଗସାଥୀ ସହିତ ମଧ୍ୟ ନିଜେ କିଛି ସମୟ ଅତିବାହିତ କରନ୍ତୁ।

ବନ୍ଧୁ ହୁଅନ୍ତୁ ପିଲାର : ପିଲାର ମାନସିକତାକୁ ବୁଝିବା ପାଇଁ ପ୍ରଥମେ ତାର ସାଙ୍ଗ ହୁଅନ୍ତୁ। ତା ସହିତ କୋମଳ ବ୍ୟବହାର କରନ୍ତୁ। ଏହାଦ୍ୱାରା ପିଲା ମଧ୍ୟରେ ଆପଣଙ୍କ ପ୍ରତି ଥିବା ନକାରାତ୍ମକ ଧାରଣା ପରିବର୍ତ୍ତନ ହୋଇଯାଏ। ପିଲାର ସାଙ୍ଗ ହେବା ଦ୍ୱାରା ତା ଆଶା ଆକାଙ୍କ୍ଷା ବିଷୟରେ ଆପଣ ଅବଗତ ହୋଇଯିବେ। ପିଲାକୁ କେତେବେଳେ କେଉଁ କ୍ଷେତ୍ରରେ ସହଯୋଗ କଲେ ସେ ସଫଳ ହେବ ତାହା ଭଲ ଭାବରେ ଜାଣି ପାରିବେ। ତେଣୁ ତାକୁ ପ୍ରଥମେ ଜଣାନ୍ତୁ ସେ ଆପଣଙ୍କ ପାଇଁ କ'ଣ? ତାକୁ ପ୍ରଶଂସା ତଥା ଉତ୍ସାହିତ କଲେ ତା ଭିତରେ ଥିବା ସକାରାତ୍ମକ ଭାବନାର ବିକାଶ ହୋଇପାରିବ। ଆଉ ପିଲା ଭିତରେ ଥରେ ସକାରାତ୍ମକ ଭାବନାର ଉଦୟ ହେଲେ ସହଜରେ ନଷ୍ଟ ହୋଇନଥାଏ। ଏହା ଫଳରେ ତା ମଧ୍ୟରେ ଆପେ ଆପେ ନକରାତ୍ମକ ଗୁଣସବୁ ନଷ୍ଟ ହୋଇଯାଇଥାଏ। ଯାହାକିଛି କରୁଛନ୍ତି ସେଥିରେ ପିଲାକୁ ସାମିଲ କରନ୍ତୁ। ଏହାଦ୍ୱାରା ତା ଭିତରେ ଥିବା ଜୀବନ ପ୍ରତି ଭାବନା ସମ୍ପୂର୍ଣ୍ଣ ବଦଳିଯିବ। ଭାବନା ସହ ଜଡ଼ିତ ହୋଇ ରହିଥିବା ସବୁ ପ୍ରକାର ସ୍ଥିତି ପିଲର ତୀକ୍ଷ୍ଣ ବୁଦ୍ଧିର ବିକାଶ କରାଇଥାଏ।

ପ୍ରାୟତଃ ସବୁ ବାପା-ମାଆ ଏୟା ହିଁ ଚାହାଁନ୍ତି ଯେ ସେମାନଙ୍କ ପିଲାଟି ପୃଥିବୀରେ ସବୁଠାରୁ ଶ୍ରେଷ୍ଠ ମଣିଷ ହେଉ। ସେମାନେ ଆସକ୍ତି ବଶତଃ ନିଜ ଅନୁସାରେ ସମ୍ଭବତଃ ପିଲାଟିକୁ ପରିଚାଳିତ କରନ୍ତି। ତା ମନ କଥା ବୁଝିପାରି ନଥାନ୍ତି ଯାହାଦ୍ୱାରା ବେଳେ ବେଳେ ସବୁ ଭଲ କରୁ କରୁ ଭେଲ ହୋଇଯାଏ। ଆମ ଓଡ଼ିଆରେ ଏକ କଥାଟି ନାହିଁ 'ଦିଅଁ ଗଢୁ ଗଢୁ ମାଙ୍କଡ଼'। ପିଲାଟି ବିକଶିତ ହେବା ଲାଗି ସ୍ୱାଭାବିକ ବାତାବରଣ ଯେପରି ସଠିକ ଭାବେ ପାଇବ ଏ ଦିଗକୁ ଆପଣଙ୍କ ଜୀବନଧର୍ମ ବୋଲି ହିତାକାଂକ୍ଷୀ ପିତାମାତାମାନେ ଏହାର ଗୁରୁତ୍ୱ ବୁଝିଲେ ପିଲାଟିର ଜୀବନ ଆନନ୍ଦମୟ ହେବ।


ଅଧକ୍ଷ, ଏସେଲ୍ସ ପବ୍ଲିକ ସ୍କୁଲ, ସେକ୍ଟର-୯,
ସିଡିଏ, କଟକ, ଦୂରଭାଷ :
୯୪୩୭୨୨୫୫୯୨


# ସୁସ୍ଥ ହୃତପିଣ୍ଡ ଲାଗି ସରଳ ସୂତ୍ର


### ପ୍ରଫେସର ଡାକ୍ତର ଚନ୍ଦ୍ରକାନ୍ତ ମିଶ୍ର


କମିବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥାଏ। ସେଥିପାଇଁ ଦୈନିକ ଦାନ୍ତ ଘଷିଲେ ହୃତପିଣ୍ଡ ସୁସ୍ଥ ରହିଥାଏ।

ଧୂମପାନ ବର୍ଜନ କରନ୍ତୁ : ସିଗାରେଟ, ଇ-ସିଗାରେଟ ଠାରୁ ଆରମ୍ଭ କରି ସମସ୍ତ ପ୍ରକାରର ଧୂମ ପାନ ବର୍ଜନ କରନ୍ତୁ। ଧୂମପାନ କେବଳ ହୃଦରୋଗ ନୁହେଁ, ପକ୍ଷାଘାତ, ଫୁସଫୁସ ଓ କର୍କଟ ରୋଗର କାରଣ ହୋଇଥାଏ। କେବଳ ଧୂମ୍ରପାନ ନୁହେଁ ସମସ୍ତ ପ୍ରକାର ନିଶା ଦ୍ରବ୍ୟ ଠାରୁ ଦୂରେଇ ରୁହନ୍ତୁ ଏପରିକି ଆପଣ ନିୟମିତ ନିଦ ବଟିକା ଖାଉଥିଲେ ଏହା ମଧ୍ୟ ଦୀର୍ଘକାଳୀନ ପାଇଁ ହୃତପିଣ୍ଡ କ୍ଷେତ୍ରରେ ସହାୟକ ନୁହେଁ ବରଂ କିଛି ପରିପାର୍ଶ୍ୱିକ ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟି କରିବାକୁ ସମର୍ଥ ହୋଇଥାଏ। ଅପରାହ୍ଣରେ ଫଳାହାର କରନ୍ତୁ : ଅପରାହ୍ଣରେ ମୁଠାଏ ବାଦାମ ଅଥବ ଅଖରୋଟ ଖାଆନ୍ତୁ। ନତୁବା ତନ୍ତୁଭରା ଫଳ ଯେମିତି ସେଓ, ଅଙ୍ଗୁର, ଷ୍ଟବେରୀ ଏବଂ ଲେମ୍ବୁ ଆଦି ଖାଆନ୍ତୁ। ଏହା କୋଲେଷ୍ଟରଲ ମାତ୍ରା ହ୍ରାସ କରିଥାଏ, ଯାହା ହୃତପିଣ୍ଡ ଲାଗି ଉପକାରୀ। ସକାଳ ବ୍ରେକଫାଷ୍ଟରେ ଫଳ ଖାଇବାରେ ମନା ନାହିଁ କିନ୍ତୁ ଏହା ଆପଣଙ୍କ ଶରୀରକୁ ଓଜନିଆ ହୋଇଗଲା ପରି ଲାଗିବ। ଫଳ ଭିତରେ ସବୁଠାରୁ ଭଲ ଋତୁକାଳୀନ ଆଉ ଟଟକା ଦେଶୀ ଫଳ। ଅଧିକ ସମୟ ଶୁଅନ୍ତୁ : ପ୍ରାପ୍ତ ବୟସ୍କମାନେ ଦୈନିକ ସାତରୁ ଏକ ଘଣ୍ଟା ଶୋଇବା ଉଚିତ। ଯଥେଷ୍ଟ ନିଦ ନହେଲେ ଦିନରେ କ୍ଳାନ୍ତ ଲାଗେ ଏବଂ ଅସ୍ୱାସ୍ଥ୍ୟକର ଭୋଜନ ଖାଇବାକୁ ଇଚ୍ଛାହୁଏ। ଫଳରେ ଓଜନ ବୃଦ୍ଧି ହୁଏ। ଖରାଦିନେ ବୟସ୍କମାନେ ଶୋଇବାରେ ମନା ନାହିଁ। ତେବେ ଆପଣ ସୁସ୍ଥ ସବଳ ଥିଲେ ଦିନରେ ଶୋଇବାକୁ ଏଡ଼ାଇ ଯାଆନ୍ତୁ ଏବଂ ରାତିରେ ଶୋଇବା ପୂର୍ବରୁ ନିଦ ବଟିକାର ସାହାରା ନ ନେଇ ବରଂ କିଛି ସମୟ ପଦ ଚାଳନା କରନ୍ତୁ। ଅନାବଶ୍ୟକ ମୋବାଇଲରେ ନିଜକୁ ବ୍ୟସ୍ତ ନରଖି ଏକାଗ୍ର ଚିତ୍ତରେ ଶୋଇବାର ଅଭ୍ୟାସ କରନ୍ତୁ। ଉତ୍କଣ୍ଠା ହ୍ରାସ କରନ୍ତୁ : ଚିନ୍ତା ବା ଉଦବିଗ୍ନତା ଉଚ୍ଚ ରକ୍ତଚାପ କରାଇପାରେ। ଉଚ୍ଚରକ୍ତ ଚାପ ହୃଦରୋଗ ସହ ଜଡ଼ିତ। ତେଣୁ ଯଥା ସମ୍ଭବ ଚିନ୍ତାମୁକ୍ତ ରୁହନ୍ତୁ। ବ୍ୟାୟାମ, ଯୋଗ, ଧ୍ୟାନ ଓ ବନ୍ଧୁବାନ୍ଧବଙ୍କ ସହିତ ସକାରାତ୍ମକ ଭାବ ବିନିମୟ ମଧ୍ୟ ଉଦବିଗ୍ନତା ହ୍ରାସ କରାଥାଏ। ଏହି ନକାରାତ୍ମକ ଅନ୍ୟ ମନସ୍କତା, ଉଦବେଗ ଓ ଉତ୍ତେଜନା ଆପଣଙ୍କ ହୃତପିଣ୍ଡ ଉପରେ ଅନାବଶ୍ୟକ ଚାପ ସୃଷ୍ଟି କରିଥାଏ। ହୃତପିଣ୍ଡ ଆମ ଶରୀରର ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ଅଙ୍ଗ। କାରଣ ଏହିଠାରେ ହିଁ ଆମ ମାନଙ୍କର ଜୀବନ ରହିଛି। ଶରୀରର ମୂଲ୍ୟବାନ ଅଙ୍ଗକୁ ଯତ୍ନଶୀଳ ଓ ଶ୍ରଦ୍ଧାଶୀଳ ରଖିବାର ଦାୟିତ୍ୱ ଆପଣଙ୍କ ପାଇଁ ଆଦୌ କଠିନ କିମ୍ବା ଆହ୍ୱାନଭରା ନୁହଁ। ଚିନ୍ତାମୁକ୍ତ ହୋଇ ସକାରାତ୍ମକ ଓ ପ୍ରଫୁଲ୍ଲିତ ମାନସିକତା ରଖନ୍ତୁ ଏହା ହିଁ ସୁସ୍ଥ ହୃତପିଣ୍ଡର ସଞ୍ଜିବନୀ।


ପ୍ରଫେସର, ହୃଦ୍‌ରୋଗ ବିଭାଗ, ଶ୍ରୀରାମଚନ୍ଦ୍ର ଭଞ୍ଜ ମେଡ଼ିକାଲ କଲେଜ, କଟକ



# ରାଇଜ କଥା

ଆଖି ଦେଖୁଥା କାନ ଶୁଣୁଥା
ପ୍ରତିଟି ଖବରରେ ଟଳୁଛି ମଥା






## ଦନ୍ତା ହାତୀ ଆକ୍ରମଣରେ ବୃଦ୍ଧ ମୃତ

ଯୋଡା, (ମହାଭାରତ) : କେନ୍ଦୁଝର ଜିଲ୍ଲା ଚମ୍ପୁଆ ରେଞ୍ଜ ବାମେ ବାରି ସେକ୍ସନ ର ଦୁବୁନା ଓ ଏମ ସି ଖଣି ନିକଟ ଜଙ୍ଗଲ ରେ ଏକ ଗୋଠ ଛଡ଼ା ଦନ୍ତା ହାତୀ ଆକ୍ରମଣରେ ଜଣେ ପ୍ରାୟ ସତୁରୀ ବୟସ୍କ ବୃଦ୍ଧଙ୍କ ମୃତ୍ୟୁ ଘଟିଛି । ମିଳିଥିବା ସୂଚନା ଅନୁଯାୟୀ,ଗୁରୁବାର ସକାଳ ସମୟରେ ଉକ୍ତ ଅଂଚଳରେ କାଠ ବିକି ଜୀବିକା ନିର୍ବାହ କରିଥିବା ଝାଡ଼ଖଣ୍ଡ ଅଞ୍ଚଳ ର ଜଣେ ବୃଦ୍ଧ ଜଙ୍ଗଲ କୁ କାଠ ଆଣିବା ପାଇଁ ଯାଇଥିଲେ । ଦିନ ପ୍ରାୟ ୧୦ ଘଟିକା ସମୟରେ ଜଙ୍ଗଲ ରେ ଗୋଠୋ ଛଡ଼ା ଦନ୍ତା ହାତୀ ହାବୁଡରେ ବୃଦ୍ଧ ଜଣକ ପଡ଼ି ଯାଇଥିଲେ ।ହାତୀ ଟି ବୃଦ୍ଧ ଙ୍କୁ କିଛି ଦୂର ଘୋଷାଡି ନେଇ ଫୋପ ।ଡି ଦେଇ ଥିଲା । ପରେ ଅଣ୍ଟାରେ ଦଳି ଦେବାରୁ ଘଟଣାସ୍ଥଳରେ ତାଙ୍କ ମୃତ୍ୟୁ ଘଟିଥିଲା ।ଏହି ଘଟଣା ନିକଟରେ ଥିବା କିଛି ଲୋକ ଦେଖିବାକୁ ପାଇ ବନ ବିଭାଗ କୁ ଜଣାଇ ଥିଲେ ।ବାମେବ ।ରି ବନପାଳ ରାଜେନ୍ଦ୍ର ଜେନା ଘଟଣାସ୍ଥଳରେ ପହଂଚି ଶବ ଜବତ କରି ବ୍ୟବଚ୍ଛେଦ ନିମନ୍ତେ ପଠାଇ ଥିଲେ । ମୃତ ବୃଦ୍ଧ ଙ୍କ ପରିଚୟ ମିଳି ନ ଥିବା ବେଳେ ସେ ଝ ।ଡ଼ଖଣ୍ଡ ଅଞ୍ଚଳ ର ଓ ସେ ଅସହାୟ ତଥା ନିରାଶ୍ରୟ ହୋଇ ଉକ୍ତ ଅଂଚଳରେ ଦୀର୍ଘ ବର୍ଷ ହେବ ରହି କାଠ ବିକି ତଥା ଅନ୍ୟାନ୍ୟ କାର୍ଯ୍ୟ କରି ଚଳୁ ଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି । ବନ ବିଭାଗ ର ଏତଲା କ୍ରମେ ବ ।ମେବାରି ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଥିବା ଆଇ ଆଇ ସି ଜୋସ କେତନ ଭୋଇ କହିଛନ୍ତି ।

## ଦଧିଚି ପବ୍ଲିକ ସ୍କୁଲ ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷାରେ ଶତ ପ୍ରତିଶତ ସଫଳତା ହାସଲ କରିଛି

କଣ୍ଟାପଡ଼ା( ମହାଭାରତ):ପ୍ରକାଶ ପାଇଛି ସିବିଏସଇ ଦଶମ ଓ ଦ୍ୱାଦଶ ପରୀକ୍ଷା ଫଳ । ଦୁଇଟି ଯାକ ପରୀକ୍ଷାରେ କଟକ ଜିଲ୍ଲା କଣ୍ଟାପଡ଼ା ବ୍ଲକ ସୁନ୍ଦରଗ୍ରାମ ଠାରେ ଥିବା ଦଧିଚି ଗ୍ରୁପ ଅଫ୍ ଇନଷ୍ଟିଟ୍ୟୁସନ୍ ଅଧିନରେ ଥିବା ଦଧିଚି ପବ୍ଲିକ ସ୍କୁଲ ଶତ ପ୍ରତିଶତ ସଫଳତା ହାସଲ କରିଛି ।ଦଶମ ଶ୍ରେଣୀରେ ମୋଟ ୯୩ ଜଣ ପରୀକ୍ଷାର୍ଥୀଙ୍କ ମଧ୍ୟରୁ ୬ ଜଣ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ୩୦ ଜଣ ପରୀକ୍ଷାର୍ଥୀ ୮୦ ପ୍ରତିଶତରୁ ଅଧିକ ଓ ଅବଶିଷ୍ଟ ୬୦ ପ୍ରତିଶତ ନମ୍ବର ରଖିଛନ୍ତି । ସିବିଏସଇ ଦଶମ ବୋର୍ଡ ପରୀକ୍ଷାରେ ମାହେଜବିନ ଆରା ୯୪% ମାର୍କ ସହ ପ୍ରଥମ ସ୍ଥାନ ଅଧିକାର କରିଥିବା ବେଳେ ପ୍ରିୟାଂଶୁ ଶେଖର ସାହୁ ୯୧% ମାର୍କ ହାସଲ କରି ଦ୍ୱିତୀୟ ସ୍ଥାନପାଇଛନ୍ତି ଏବଂ ଜୟଦୀପ ପଟେଲ ଓ ବିଶ୍ୱରୁପା ସ୍ୱାଇଁ ୯୦% ମାର୍କ ସହ ଯୁଗ୍ମ ତୃତୀୟ ସ୍ଥାନ ଅଧିକାର କରିଛନ୍ତି ।ସେହିପରି ସିବିଏସି ଦ୍ୱାଦଶ ଶ୍ରେଣୀରେ ମୋଟ ୯୪ ଜଣ ପରୀକ୍ଷାର୍ଥୀ ମଧ୍ୟରୁ ୪ ଜଣ ପରୀକ୍ଷାର୍ଥୀ ୯୦ ପ୍ରତିଶତରୁ ଅଧିକ ନମ୍ବର ରଖିଥିବା ବେଳେ ଅନ୍ୱେଷା ୯୬% ମାର୍କ ସହ ପ୍ରଥମ ସ୍ଥାନ ଅଧିକାର କରି ଦଧିଚି ଗ୍ରୁପ ଅଫ୍ ଇନଷ୍ଟିଟ୍ୟୁସନ୍ ତଥା ଦଧିଚି ପବ୍ଲିକ ସ୍କୁଲ ଶିକ୍ଷା ଅନୁଷ୍ଠାନର ଗୌରବ ବଢାଇଛନ୍ତି । ଏହି ସଫଳତା ପାଇଁ ଦଧିଚି ଗ୍ରୁପ ଅଫ୍ ଇନଷ୍ଟିଟ୍ୟୁସନ୍ ର ଅଧ୍ୟକ୍ଷ ଡ଼ଃ. ମନୋଜ କୁମାର ଦାଶ ଏବଂ ମ୍ୟାନେଜିଂ ଟ୍ରଷ୍ଟି ଶ୍ରୀମତୀ ବବିତା ଦାଶ କୃତିତ୍ୱ ଅର୍ଜନ କରିଥିବା ଏବଂ ଉତ୍ତୀର୍ଣ୍ଣ ହୋଇ ହୋଇଥିବା ସମସ୍ତ ବିଦ୍ୟାର୍ଥୀଙ୍କୁ ଶୁଭେଚ୍ଛା ଜଣାଇବା ସହିତ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଛନ୍ତି । ତତ୍ ସହିତ ବିଦ୍ୟାଳୟର ସମସ୍ତ ଶିକ୍ଷକ ଓ ଶିକ୍ଷୟତ୍ରୀମାନଙ୍କୁ ସେମାନଙ୍କର ନିଷ୍ଠାପର ଉଦ୍ୟମ ପାଇଁ ଅଭିନନ୍ଦନ ଜଣାଇଛନ୍ତି ।

## ଉଚ୍ଚ ଶିକ୍ଷା କ୍ଷେତ୍ରରେ 'ଏସଇବିସି' ବିଦ୍ୟାର୍ଥୀଙ୍କ ପାଇଁ ଆରକ୍ଷଣ ଦାବୀ କଲା ଏବିଭିପି

କେନ୍ଦୁଝର, (ମହାଭାରତ) : ଓଡ଼ିଶାରେ ଉଚ୍ଚ ଶିକ୍ଷା କ୍ଷେତ୍ରରେ 'ଏସଇବିସି' ବିଦ୍ୟାର୍ଥୀଙ୍କ ପାଇଁ ଆରକ୍ଷଣ ଦାବୀ ନେଇ ଏବିଭିପି ର କେନ୍ଦୁଝର ଜିଲ୍ଲା ଶାଖା ପକ୍ଷରୁ ଏକ ପ୍ରତିନିଧି ଦଳ ଯାଇ ଅତିରିକ୍ତଜିଲ୍ଲାପାଳଙ୍କ ଜରିଆରେ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡା ଓ ଯୁବସେବା ମନ୍ତ୍ରୀଙ୍କ ଉଦେଶ୍ୟ ରେ ଏକ ଦାବୀ ପତ୍ର ପ୍ରଦାନ କରିଥିଲେ। ଓଡ଼ିଶା ରାଜ୍ୟର ଅନେକ ଅନୁନ୍ନତ ଏବଂ ସାମାଜିକ ଭାବେ ପଛୁଆ ଉପବର୍ଗ (ଝରଇଉ) ର ଛାତ୍ରଛାତ୍ରୀମାନେ ତାଙ୍କର ଅର୍ଥନୈତିକ ଏବଂ ସାମାଜିକ ଅବସ୍ଥାର ଦୁର୍ବଳତା କାରଣରୁ ଉଚ୍ଚ ଶିକ୍ଷାରେ ପ୍ରବେଶ କରିପାରୁନାହାନ୍ତି। ଯାହା ରାଜ୍ୟର ଶିକ୍ଷା ଓ ବିକାଶ ଗତିକୁ ଅବରୋଧ କରୁଛି। ଏହି ସମୁଦାୟର ନିଜ ସାମର୍ଥ୍ୟ ବିକାଶ ପାଇଁ ଓ ସାମାଜିକ ନ୍ୟାୟ ପ୍ରତିଷ୍ଠା ପାଇଁ ଆରକ୍ଷଣ ବ୍ୟବସ୍ଥାର ଆବଶ୍ୟକତା ରହିଅଛି । ଉଚ୍ଚତମ ନ୍ୟାୟାଳୟ ଏବଂ କେନ୍ଦ୍ର ସରକାର ଦ୍ୱାରା ନିର୍ଦ୍ଦିଷ୍ଟ ମାନଦଣ୍ଡ ଅନୁସାରେ ଏହି ବର୍ଗ ପାଇଁ ଆରକ୍ଷଣ ଦିଆଯିବାକୁ ପ୍ରସ୍ତାବ ରହିଛି। ଦେଶର ଅନ୍ୟାନ୍ୟ ରାଜ୍ୟ ଯଥା ମହାରାଷ୍ଟ୍ର, ଆନ୍ଧ୍ରପ୍ରଦେଶ, ତାମିଲନାଡୁ ପଛୁଆ ବର୍ଗକୁ ଶିକ୍ଷାକ୍ଷେତ୍ରରେ ଆରକ୍ଷଣ ପ୍ରଦାନ କରିଛନ୍ତି । ଓଡ଼ିଶାରେ ଏସଇବିସି ଙ୍କ ପାଇଁ ଚାକିରିକ୍ଷେତ୍ରରେ ଆରକ୍ଷଣ ବ୍ୟବସ୍ଥା ରହିଥିବା ବେଳେ, ଶିକ୍ଷାକ୍ଷେତ୍ରରେ ଏହି ବ୍ୟବସ୍ଥା ନଥିବା ଏକ ବିରୋଧାଭାସ ସୃଷ୍ଟି କରୁଛି। ଏହି ବିଷୟରେ ଦୀର୍ଘ ଦିନ ଧରି ଦାବି ହେଉଛି ଯେ, ଶିକ୍ଷା ସହିତ ଚାକିରି ମିଳିବାର ମୂଳ ଆଧାର ଅତୁଟ ଭାବେ ଜଡିତ ଥାଏ । ସେହିପରି ଶିକ୍ଷା ଅନୁପାତରେ ମିଳୁଥିବା ଆରକ୍ଷଣ ଅନ୍ୟାୟ ଓ ଅସମାନତା ସୃଷ୍ଟି କରୁଛି । ଏହା ଆମ ରାଜ୍ୟରେ ଲାଗୁ କରିବା ଦ୍ୱାରା ଅନୁନ୍ନତ ବର୍ଗ ଅନ୍ତର୍ଗତ ଛାତ୍ରଛାତ୍ରୀଙ୍କୁ ଉଚ୍ଚ ଶିକ୍ଷା ପାଇଁ ସମାନ ଅବସର ଦେବ। ରାଜ୍ୟରେ ସାମାଜିକ ନ୍ୟାୟ ଏବଂ ସମାନତା ପ୍ରତିଷ୍ଠିତ ହେବ। ରାଜ୍ୟର ମାନବ ସମ୍ପଦ ବିକାଶରେ ଏହା ଗୁରୁତ୍ୱପୂର୍ଣ୍ଣ ଭୂମିକା ନେବ। ଏନଇପି ୨୦୨୦ ର ଲକ୍ଷ୍ୟ ଅନୁଯାୟୀ ଗ୍ରୋସ୍ ଏନ୍ ?ରୋଲମେଣ୍ଟ ରେସିଓ (ଏରଜ) ବୃଦ୍ଧି କରିବାକୁ ଏହି ପଦକ୍ଷେପ ଗୁରୁତ୍ୱପୂର୍ଣ୍ଣ ହେବ । ଓଡ଼ିଶାର ଲୋକସଂଖ୍ୟାର ଏକ ବଡ଼ ଅଂଶ ପଛୁଆ ବର୍ଗ ଅନ୍ତର୍ଗତ ହୋଇଥିବାରୁ , ଏହି ଶ୍ରେଣୀ ପାଇଁ ଶିକ୍ଷାରେ ଆରକ୍ଷଣ ରାଜ୍ୟର ସାମୁହିକ ଉନ୍ନତି ପାଇଁ ଆବଶ୍ୟକ ବୋଲି ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ଦାବୀ କରିଛି। ଏଣୁ ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି, କ୍ରୀଡା ଓ ଯୁବସେବା ମନ୍ତ୍ରୀଙ୍କ ନିକଟରେ ଏହି ଦାବି ରଖିଛି ଏବିଭିପି। ଓଡ଼ିଶାର ଉଚ୍ଚ ଶିକ୍ଷା ପ୍ରଣାଳୀରେ ଏସଇବିସି ଶ୍ରେଣୀ ପାଇଁ ନ୍ୟାୟସମ୍ମତ ଆରକ୍ଷଣ ପ୍ରଦାନ କଲେ ଏହି ବର୍ଗର ଛାତ୍ରଛାତ୍ରୀମାନେ ଏକ ଉଜ୍ଜ୍ୱଳ ଭବିଷ୍ୟତ ଗଢ଼ିପାରିବେ ଏବଂ ରାଜ୍ୟର ସାମାଜିକ ଓ ଅର୍ଥନୈତିକ ଉନ୍ନତିରେ ତାଙ୍କର ମୂଲ୍ୟବାନ ଅବଦାନ ରହିପାରିବ ବୋଲି ଏବିଭିପି ଦାବୀ କରିଛି। ଏହି କାର୍ଯ୍ୟକ୍ରମ ରେ ଏବିଭିପି ର ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ସ୍ୱରାଜକେତନ ମହାନ୍ତ, ରାକେଶ କୁମାର ସେଠୀ, ଓମପ୍ରକାଶ ପାତ୍ର ଏବଂ ହୃଦାନନ୍ଦ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

## ଦୋକାନୀ ଓ ଗ୍ରାହକଙ୍କୁ ଗୁଳି ମାଡ, ଦୁଇ ଗୁରୁତର

ବଣାଇ, (ମହାଭାରତ) : ସୁନ୍ଦରଗଡ଼ ଜିଲ୍ଲା ଚାନ୍ଦିପୋଷ ଥାନାର ତାମଡାରେ ଦୋକାନୀ ଏବଂ ଜଣେ ଗ୍ରାହକଙ୍କୁ ଗୁଳି ମାଡ ହୋଇଛି । ଗୁରୁତର ଅବସ୍ଥାରେ ତାଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି । ଦୁଇ ଜଣ ଏକ ମଟର ସାଇକେଲରେ ପହଂଚି ତାମରାରେ ଥିବା ଶଙ୍କର ସିଂ ରାସନ




ଦୋକାନୀକୁ ପହଁଚି ମଦ ମାଗିଥିଲେ । ଦୋକାନୀ ମନା କରିବାରୁ ଯୁକ୍ତି ତର୍କ ହୋଇଥିଲା। ପରେ ଦୁଇଜଣ ପିସ୍ତଲ ବାହାର କରି ପ୍ରଥମେ ଦୋକାନୀ ଶଙ୍କର ସିଂଙ୍କୁ ଗୁଳି ମାରିଥିଲେ ନଇଁ ପଡିବାରୁ ପ୍ରଥମ ଗୁଳି ବାଜିନଥିଲା । ପରେ ଦ୍ୱିତୀୟ ଗୁଳି ମାରିବାରୁ ପାଖରେ ଥିବା ଗ୍ରାହକ ଓ ଦୋକାନୀ ଏଥରେ ଆଘାତପ୍ରାପ୍ତ ହୋଇଥିଲେ । ଦୁର୍ବୃତ୍ତ ଦୁଇଜଣ ଗୁଳି ମାରି ମଟରସାଇକେଲରେ ରାଉରକେଲା ଅଭିମୁଖେ ଫେରାର ହୋଇ ଯାଇଥିଲେ । ଦୁଇ ଗୁରୁତରଙ୍କୁ ରାଉରକେଲା ସ୍ଥାନାନ୍ତରିତ କରାଯାଇଛି । ପୋଲିସର ଏକ ଟିମ ଖୋଜା ଖୋଜି କରିବା ସହ ତଦନ୍ତ ଜାରି ରଖିଛି ।

# ଖୋଲୁନି ନିଲାମ ଘାଟ ଆବାସ ଧାରୀ ହତାଶ

ହାଟଡିହି, (ମହାଭାରତ) : କେନ୍ଦୁଝର ଜିଲାର ଆନନ୍ଦପୁର ଉପଖଣ୍ଡରେ ବୈତରଣି ନଦୀରେ ବାଲିର ଗଚ୍ଛିତ ଭଣ୍ଡାର ରହିଛି। ଏହି ବାଲିକୁ ପରିବହନ ପାଇଁ ଖଣି ବିଭାଗ ପକ୍ଷରୁ ନିଲାମ ଦିଆଯାଇଛି । କିନ୍ତୁ ପ୍ରଶାସନର ଅବହେଳା ଓ ଦୁର ଦୃଷ୍ଟି ଅଭାବ ସହିତ କୋଟି କୋଟି ଟଙ୍କା ରାଜସ୍ୱ ହାନି ହେବା ସହିତ ନିଲାମ ଧାରୀ ଓ ଚୋରା ବେପାରୀ ରୋଜଗାର କରି ସାରିବା ପରେ ଜିଲା ପ୍ରଶାସନ ଓ ଖଣି ବିଭାଗର ଚେତା ପଶିଥିଲା । ନିଲାମ ଧାରିଙ୍କୁ ନିତି ନିୟମରେ ଖଣି ଚାଲିବାକୁ ତାଗିଦ କରିବା ସହିତ ଅଙ୍କୁଶ ଲଗେଇବା ପରେ ମାର୍ଚ୍ଚ ମାସ ଠାରୁ ବାଲି ପରିବହନ ବନ୍ଦ ଦେଖାଦେଇଥିଲା। ଯାହା କି ନିଲାମ ବନ୍ଦ ଲାମ ଘାଟ ଓ ଚୋର ଚାଲାଣ ଘାଟ ଗୁଡିକ ବ ହୋଇଯାଇଥିଲା। କିନ୍ତୁ କିଛି ଦିନ ପରେ ଯାଜପୁର ଜିଲା କଣ୍ଟାବଣିଆ ଘାଟରେ ବାଲି ପରିବହନ ହେଉଥିଲା।। ଏହାକୁ ନେଇ ଯାଜପୁର ଓ ଭଦ୍ରକ ଦେଇ କେନ୍ଦୁଝର ସୀମାନ୍ତ ହାଟଡିହି ବ୍ଲକ ଅଞ୍ଚଳରେ ୧୦ ଚକିଆ ଓ ୧୨ ଚକିଆ ୨୫ ୩୫ ହଜାର ପର୍ଯ୍ୟନ୍ତ ମୂଲ୍ୟରେ ବ୍ରିକି ହୋ ହୋଇଥିଲା। । ମଉକା ନେଇ ହାଟଡିହି ବ୍ଲକର ଅମୃତପୁର ଘାଟରେ ନିଲାମ ଧାରୀ ବାଲି ପରିବହନ ପାଇଁ ଅନୁମତି ଆଣିଥିଲେ । କେବଳ ଟ୍ରାକ୍ଟର ଓ ୬ ଚକିଆ ଗାଡିରେ ପରିବହନ କରିବାକୁ ଅନୁମତି ରହିଥିଲା। କିନ୍ତୁ ନିଲାମ ଧା ସରକାରୀ ନିତି ନିୟମକୁ ଉଲଙ୍ଘନ କରୁଥିଲେ ବି ସେଥି ?ପ୍ରତି କାହାର ଦୃଷ୍ଟି ପଡୁନାହିଁ ।ଏବେ ଆଇପିଏସ ଅଧିକାରୀ ପଳାଇଯିବା ପରେ ବାଲି ମାଫିଆ ଓ ଚୋରା ଚାଲାଣ କାଟ ସକ୍ରିୟ ହୋଇ ପଡ଼ିଥିବା ବେଳେ କିଛି ଗାଡି ମାଲିକ ଯାଜପୁର ଜିଲା କଣ୍ଟା ବଣୀଆ ବାଲି ଘାଟରୁ ବାଲି ଧରି ହାଟଡିହି ବ୍ଲକର ବିଭିନ୍ନ ଅଞ୍ଚଳକୁ ପରିବହନ କରୁଛନ୍ତି । ବାଲି ଗାଡି ଗୁଡିକ ମୁଖ୍ୟ ରାସ୍ତାରେ ନଯାଇ କେ ନାଲ ରାସ୍ତାରେ ଯାତାୟାତ କରୁଛନ୍ତି । ପୁଲିସ ଓ ଖଣି ବିଭାଗ ନିଷ୍କ୍ରିୟ ବାରୁ ଯାହାକୁ ନେଇ ଚୋରା ଚାଲାଣ ବୃଦ୍ଧି ଆରମ୍ଭ ହୋଇଯାଇଛି। ଏପରି ପରିସ୍ଥିତିରେ ହାଟଡିହି ବ୍ଲକ ନିଲାମ ଧାରୀ ଥିବାବେଳେ ବାଲି ଗଚ୍ଛିତ ହୋଇ ରହିଛି। କିନ୍ତୁ ପ୍ରଶାସନର ଅବହେଳା ପାଇଁ ବାଲିର ଘୋର ଅଭାବ ହୋଇଥିବ ରୁ ଗରିବ ପରିବାର ଓ ଆବା ବାସ ହିତାଧିକାରୀ ଅଧିକ ମୂଲ୍ୟରେ ବାଲି କିଣି ଘର କରିବାକୁ ସାହାସ କରି ପାରୁନାହାନ୍ତି।

## ଫ୍ରିଡ଼ମ୍ ସ୍କୁଲର ଦଶମ ଓ ଦ୍ୱାଦଶ ପରିକ୍ଷାରେ ଛାତ୍ରଛାତ୍ରୀମାନଙ୍କର ଶତ ପ୍ରତିଶତ ସଫଳତା




ସାଲେପୁର, (ମହାଭାରତ): ସାଲେପୁର ଆଜି ସିବିଏସି ମାଟ୍ରିକ ଓ ଦ୍ୱାଦଶ ପରିକ୍ଷା ଫଳ ପ୍ରକାଶ ପାଇଛି। ଏଥିରେ ସାଲେପୁରର ନାନ୍ଦୋଳ ଠାରେ ଥିବା ଫ୍ରିଡ଼ମ୍ ଇଣ୍ଟରନେସନାଲ ସ୍କୁଲର ଛାତ୍ରୀଛାତ୍ର ମାନେ ଶତପ୍ରତିଶତ ସଫଳତା ହାସଲ କରିଥିବା ଜଣାଯାଇଛି। ଚଳିତ ବର୍ଷ ମାଟ୍ରିକ ପରୀକ୍ଷାରେ ଏହି ବିଦ୍ୟାଳୟର ମୋଟ ୯୫ଜଣ ଛାତ୍ରୀ ଛାତ୍ର ପରିକ୍ଷା ଦେଇଥିବା ବେଳେ ସେଥିମଧ୍ୟରୁ ୬ଜଣ ଛାତ୍ରୀ ଛାତ୍ର ୯୫%, ୧୯ଜଣ ଛାତ୍ରୀଛାତ୍ର ୯୦%, ୪୪ଜଣ ଛାତ୍ରୀଛାତ୍ର ୮୦%ନମ୍ବର ରଖି ପାସ୍ ହୋଇଥିବା ବେଳେ ଶାଇସ୍ମୃତି ନାୟକ, ଅଜକୀୟା ଫତିମା, ଶୁଭଶ୍ମିତା ନାୟକ, ଅମତୁଶ ସୁବୁ ସିଦ୍ରା, ସାଦିକ ଅଲ୍ଲୀ ଓ ଦିଗବିଜୟ ଦାସ ୯୬%ନମ୍ବର ରଖି ପାସ୍ ହୋଇଥିବା ବେଳେ। ସାଇସ୍ମୃତି ନାୟକ, ଅଜକୀୟା ଫତିମା ଓ ଶୁଭସ୍ମିତା ନାୟକ ବିଦ୍ୟାଳୟର ପ୍ରଥମ, ଦ୍ୱିତୀୟ ଓ ତୃତୀୟ ସ୍ଥାନ ଅଧିକାର କରିଥିବା ବେଳେ ସିବିଏସି ମାଟ୍ରିକ ପରୀକ୍ଷାରେ ଚତିତ ବର୍ଷ ଏହି ବିଦ୍ୟାଳୟର ଛାତ୍ର ଛାତ୍ରୀ ମାନେ ଶତପ୍ରତିଶତ ସଫଳତା ହାସଲ କରିଛନ୍ତି। ସେହିପରି ଚଳିତ ବର୍ଷ ଦ୍ୱାଦଶ ପରୀକ୍ଷାରେ ଏହି ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନେ ମଧ ସତପ୍ରତିଶତ ସଫଳତା ହାସଲ କରିଥିବା ବେଳେ ବିଦ୍ୟାଳୟର ଛାତ୍ର ଆଦିତ୍ୟ ତ୍ରିପାଠୀ ୯୫% ପ୍ରତିଶତ ନମ୍ବର ରଖି ସଫଳତା ହାସଲ କରିଥିବା ଜଣାଯାଇଛି। ଉଭୟ ପରିକ୍ଷା ରେ ବିଦ୍ୟାଳୟର ଛାତ୍ରୀ ଛାତ୍ର ମାନେ ଶତ ପ୍ରତିଶତ ସଫଳତା ହାସଲକରି ଥିବାରୁ ଅନୁଷ୍ଠାନର ପ୍ରତିଷ୍ଠାତା ସେକ୍ ଅଜଗର ଅଲ୍ଲୀ ଓ ବିଦ୍ୟାଳୟର ଅଧକ୍ଷ ଯୁବ ସମାଜସେବୀ ଇଂ ସେକ ଜାହାଙ୍ଗିର ଅଲ୍ଲୀ ଛାତ୍ରଛାତ୍ରୀ ଓ ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ଅଭିନନ୍ଦନ ଜଣାଇଛନ୍ତି।।

## ଡାକ୍ତରଙ୍କ ପାଳି ଡ୍ୟୁଟିକୁ ନେଇ କମ୍ପିଲା ରୋଗୀକଲ୍ୟାଣ ସଭା

ହାଟଡିହି, (ମହାଭାରତ) : ମଙ୍ଗଳ ବାର ଦିନ ଶାଳନିଆ ରୋଗୀ କଲ୍ୟାଣ ସମିତି ପକ୍ଷରୁ ମେଡିକାଲ ଗୃହ ରେ ଏକ ସାଧାରଣ ସଭାରେ ଅନୁଷ୍ଠିତ ହୋଇଥିଲା। ଏଥିରେ ଚିକିତ୍ସାଳୟ ରେ ଅନେକ ଜିନିଷ ପତ୍ର କିଣିବା କୁ ରହିଥିବା ବେଳେ ମେଡିକାଲ ରେ ଡ୍ରେନ ନଥିବା ରୁ ପାଣି ଜମୁଛିପ୍ରବଳ ମଶା ହେଉଛନ୍ତି, ମାଆ ଗୃହ ରେ ଶୀତତାପ ନିୟନ୍ତ୍ରିତ ନଥିବା ରୁ ଆବଶ୍ୟକୀୟ ସାମଗ୍ରୀ ଓ ଡ଼ାକ୍ତର ମାନଙ୍କ ର ପାଳି ରେ ଚିକିତ୍ସା କରିବା କୁ ନେଇ ଆଲୋଚନା ଜୋରରେ ହୋଇଥିଲା। ସାତ ଜଣ ଡାକ୍ତର ଥିବା ବେଳେ ସପ୍ତାହ କୁ ଦୁଇ ଦିନ ସେବା ଯୋଗାଇ ସମ୍ପୂର୍ଣ୍ଣ ଦରମା କାହିଁକି ନେଉଛନ୍ତି ବୋଲି ସ୍ଥାନୀୟ ଲୋକଙ୍କ ସହ ରୋଗୀ କଲ୍ୟାଣ ସମିତି ର ସଦସ୍ୟ ରଙ୍ଗାଧର ମଲ୍ଲିକପ୍ରଶ୍ନ କରିଥିଲେ। ଯାହାକୁ ମେଡିକାଲ ସୂପରିଟେଣ୍ଡ ପ୍ରଭାତ କୁମାର ନାୟକ କିପରି ପର୍ଯ୍ୟାୟ ଭାବେ କାର୍ଯ୍ୟ କରୁଛନ୍ତି ବୁଝାଇଥିଲେ। ଏହା ଛଡା ମେଡିକାଲ ଥିବା ସଫେଇ କର୍ମଚାରୀ ୬ ଜଣ ରହିଥିବା ବେଳେ କେହି କାର୍ଯ୍ୟ କରୁ ନଥିବା ସହ କକ୍ଷ୍ୟ ଗୁଡ଼ିକ ସଫା କରିବା ପାଇଁ ଫିନାଇଲ, ଝାଡୁ ଏପରି କି କୌଣସି ଗୃହ ସଫା ଜିନିଷ ଦେଉନଥିବା ରୁ ଏହା ଚିନ୍ତା ଜନକ ବିଷୟ ସାଜିଛି। ରୋଗୀମାନଙ୍କୁ ଖାଇବାକୁ ଦେବାକୁ କେହି ରାଜି ହେଉନଥିବା ରୁ ଚାରି ମାସ ହେଲା ରୋଗୀ ଙ୍କ ଖାଦ୍ୟ ବନ୍ଦ। ଏହା କୁ କିପରି ସୁଚାରୁ ରୁପେ କରାଯିବ ସେଥି ପାଇଁ ଉପରିସ୍ଥ ଅଧିକାରୀଙ୍କ ସହ କଥାହେବେ ବୋଲି ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର କଥାଦେଇଥିବା ସହ ବିଧାୟକ ଙ୍କ ପ୍ରତିନିଧି ଭାବରେ ପୂର୍ବତନ ସମିତି ସଭ୍ୟ ବୀରେନ ବିଶ୍ୱାଳ ମଧ ଦାୟିତ୍ୱ ନେଇଛନ୍ତି। ଏହି ସଭା ରେ ବିଡ଼ିଓ ରଞ୍ଜନ କୁମାର ପରିଡ଼ା ମେଡିକାଲ ଅଧିକାରୀ ପ୍ରଭାତ ନାୟକ, ସାଂସଦ ପ୍ରତିନିଧି ଜ୍ଞାନ ରଞ୍ଜନ ସାମନ୍ତ ସିଂହାର,ବିଧାୟକ ପ୍ରତିନିଧିବୀରେନ ବିଶ୍ୱାଳ, ବ୍ଲକ ଅଧ୍ୟକ୍ଷା ସାବିତ୍ରୀ ସେଠୀ , ସରପଞ୍ଚ ଶାଳନିଆ ସୁମତିଜେନା, ଆଇନ ଜିବୀ ରଙ୍ଗାଧର ମଲ୍ଲିକପ୍ରମୁଖ ସଭା ରେ ଉପସ୍ଥିତ ରହି ଥିଲେ। ଶେଷରେ ଏହି ସଭା କେବଳ ଜିନିଷ ପତ୍ର କିଣିବା ପାଇଁ ହେଉଥିବା ଆଲୋଚନା ହୋଇଥିଲା।

## ଦେଶୀ ମଦ ଜବତ, ୭ ଗିରଫ

ମାର୍ଶାଘାଇ, (ମହାଭାରତ) : କେନ୍ଦ୍ରାପଡ଼ା ଅବକାରୀ ବିଭାଗ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଚଢ଼ାଉ। ପାଟକୁରା, ମାର୍ଶାଘାଇ, ଜମ୍ବୁ ମେରାଇନ୍ ଓ ମହାକାଳପଡ଼ା ଥାନା ଅଧୀନ ବିଭିନ୍ନ ସ୍ଥାନରେ ଚୋରା ଦେଶୀ ମଦ ଭାଟି ଉପରେ ଚଢଉ କରିଛି ଅବକାରୀ ବିଭାଗ । ୭୧୩ ଲିଟର୍ ଚୋରା ଦେଶୀ ରନ୍ଧା ମଦ ଓ ପୋଚ ଜବତ କରିବା ସହିତ ସାତ ଜଣଙ୍କୁ ଗିରଫ କରାଯାଇଛି । ଗିରଫ ଅଭିଯୁକ୍ତଙ୍କ ମଧ୍ୟରେ ୫ଜଣ ମହିଳା ଅଛନ୍ତି । ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟଚାଲାଣ କରାଯାଇଥିବା ଅବକାରୀ ଅଧୀକ୍ଷକ ବିପ୍ରଚରଣ ମଣ୍ଡଳ ସୂଚନା ଦେଇଛନ୍ତି । ସୂଚନାନୁଯାୟୀ, ଅବକାରୀ ବିଭାଗ ଗରଜଙ୍ଗା ଗ୍ରାମର ଚନ୍ଦନ ମହାନ୍ତି (୩୫) ଠାରୁ ୨୬ ଲିଟର୍ ଚୋରା ଦେଶୀ ମଦ, ଡିଙ୍କୁଣୀ ଦାସ (୩୮) ଠାରୁ ୨୦ ଲିଟ ? ଚୋରା ଦେଶୀ ମଦ, ଶାନ୍ତିଲତା ଦାସ (୨୫) ଠାରୁ ୧୭ ଲିଟର୍




ଚୋରା ଦେଶୀ ମଦ, ତାଳସଙ୍ଗା ଗ୍ରାମର ସବିତା ଲେଙ୍କା (୪୬) ଠାରୁ ୩୦ ଲିଟର୍ ଚୋରା ଦେଶୀ ମଦ, ପ୍ରଭାକରପୁର ଗ୍ରାମର ସରସ୍ୱତୀ ଖିଲାର (୩୫) ଠାରୁ ୮୫ ଲିଟ ? ଚୋରା ଦେଶୀ ରନ୍ଧା ମଦ, ଚନ୍ଦା ଖିଲାର (୫୧) ଠାରୁ ୩୭୦ ଲିଟ ? ଚୋରା ଦେଶୀ ରନ୍ଧାମଦ ଏବଂ ଗଗନ ସ୍ୱାଇଁ (୬୦) ଠାରୁ ୬୫ ଲିଟର୍ ଚୋରା ଦେଶୀ ରନ୍ଧାମଦ ଜବତ କରାଯାଇଛି।

## ଅପେରସନ ସିନ୍ଦୁର 'ପରାକ୍ରମ' ଶୋଭାଯାତ୍ରା




ଦଶପଲ୍ଲା, (ମହାଭାରତ): ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ମାର୍ଗଦର୍ଶନରେ ଭାରତୀୟ ସେନା ବାହିନୀ ଦ୍ୱାରା ଅପରେସନ ସିନ୍ଦୂର ସଫଳ ହୋଇଛି। ଏହି ସଫଳତାକୁ ପାଳନ କରିବା ପାଇଁ ତଥା ସେନାଙ୍କର ମନୋବଳ ବୃଦ୍ଧି କରିବା ପାଇଁ ଦଶପଲ୍ଲା ଏନ ଏ ସି ପକ୍ଷରୁ 'ପରାକ୍ରମ ଶୋଭାଯାତ୍ରା' କରାଯାଇଥିଲା। ପ୍ରଶାସନ ତରଫରୁ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଏନ ଏ ସି ଅଧକ୍ଷା ପୁନମ ପ୍ରିୟଦର୍ଶିନୀ, କନ୍ଧମାଳ ସାଂସଦ ଙ୍କ ଏନ ଏ ସି ପ୍ରତିନିଧି ଅଞ୍ଜନ ଦାସ, ତହସିଲଦାର ସ୍ମୃତି ରଞ୍ଜନ ଶତପଥୀ, ଭାରପ୍ରାପ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ ଚନ୍ଦ୍ରଶେଖର ବାରିକ, ଏନ ଏ ସି ସମସ୍ତ କର୍ମଚାରୀ, ସମସ୍ତ କାଉନସିଲରଙ୍କ ସହିତ ଆଇନ ଶୃଙ୍ଖଳା ରକ୍ଷା କରୁଥିବା ପୋଲିସ ବାହିନୀ ଯୋଗଦେଇଥିଲେ। ଯୁବଶକ୍ତିଙ୍କୁ ଭାରତ ମାତାଙ୍କ ସୁରକ୍ଷାରେ ସକ୍ରିୟ ଭାଗୀଦାର ହେବାକୁ ଉତ୍ସାହିତ କରିବା ସହିତ ଅପରେସନ ସିନ୍ଦୂର ବ୍ୟାପକ ରୂପରେ ଭାରତର ରାଷ୍ଟ୍ରୀୟ ସୁରକ୍ଷା ଯାଞ୍ଚ ଓ ଆତ୍ମନିର୍ଭର ସେନା ଶକ୍ତିର ପ୍ରତୀକ ଭାବରେ ଦେଖାଯାଉଛି। ଏହି ସଫଳତା ମାନେ କେବଳ ଏକ ଦଳର ନୁହେଁ, ବରଂ ସମସ୍ତ ଭାରତୀୟଙ୍କ ଗର୍ବ ର ବିଷୟ। ଦେଶର ସୁରକ୍ଷା କେବଳ ଏକ ସେନା ଦାୟିତ୍ୱ ନୁହେଁ, ପ୍ରତ୍ୟେକ ନାଗରିକଙ୍କ ଦେଶପ୍ରେମ, ସଚେତନତା ଓ ସହଯୋଗ ମାଧ୍ୟମରେ ଏହାକୁ ଶକ୍ତି ଦିଆଯାଉଛି। ଯୁବବର୍ଗ ହେଉଛନ୍ତି ଆଗାମୀ ଭାରତର ନିର୍ମାତା, ଏବଂ ସେମାନେ ଦେଶ ପାଇଁ ଦୃଢ଼ ସଂକଳ୍ପ ଓ କାର୍ଯ୍ୟଶୀଳତା ଆଣିପାରିବେ।

# ଗଣିଆ ତହସିଲ ଅଫିସରେ ପାନୀୟ ଜଳ ସମସ୍ୟା

ଗଣିଆ, (ମହାଭାରତ): ନୟାଗଡ ଜିଲ୍ଲା ଗଣିଆ ତହସିଲ ଅଫିସ ରେ ପାନୀୟ ଜଳ ସମସ୍ୟା ଦେଖିବାକୁ ମିଳିଛି । ପାଣି ଟୋପାଏ ପିଇବା ପାଇଁ ଲୋକ ହେଉଛନ୍ତି ହନ୍ତସନ୍ତ । ସୂଚନା ଅନୁସାରେ ଗଣିଆ ତହସିଲ ଅଫିସ ଟି ଗଣିଆ ବ୍ଲକ ର ଆଠ ଗୋଟି ପଂଚାୟତ ନେଇ ଗଠିତ । ଗଣିଆ ତହସିଲ କୁ ପ୍ରତେକ ଦିନ ଶହ ଶହ ଲୋକ ମାନେ ଜାତିଗତ ପ୍ରମାଣ ପତ୍ର, ସ୍ଥାୟୀ ବାସିନ୍ଦା ପ୍ରମାଣ ପତ୍ର, ବାର୍ଷିକ ଆୟ ପ୍ରମାଣ ପତ୍ର, ଲିଗାଲ ହେୟାର ରେଜେଷ୍ଟ୍ରି ଆଦି କାର୍ଯ୍ୟ କରିବା ପାଇଁ ଆସୁଛନ୍ତି । ଲୋକ ମାନେ ଖରାଦିନ ରେ ପାଣି ଟୋପାଏ ପାଇଁ ପାରୁନାହାନ୍ତି । ପାଖର ମଧ ଦୋକାନଟିଏ ନାହିଁ ଫଳରେ ଲୋକ ମାନେ କିଛି ଦୁରରେ ଥିବା



ବଜାରରୁ ପାଣି ଆଣିଥାନ୍ତି। ଆଜକୁ ୧୫ଦିନ ହେଲା ପାଣି ମଟର ଟି ଖରାପ ହେବା ଯୋଗୁ ଅଫିସର କର୍ମଚାରୀ ଓ ଜନସାଧାରଣ ମାନେ ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ପାଣି ମଟର ଟି ଖରାପ ହେଲା ଦିନ ଠାରୁ ଗଣିଆ ତହସିଲ ଅଫିସ ତରଫରୁ ନୟାଗଡ ଜିଲ୍ଲା ଅଫିସ ସହିତ ଗଣିଆ ପାନୀୟ ଜଳ ବିଭାଗ କନିଷ୍ଠ ଯନ୍ତ୍ରୀ ଙ୍କୁ ଚିଠି ହୋଇଥିଲେ ମଧ କେହି କର୍ଣ୍ଣପାତ କରୁନାହାନ୍ତି। ଯାହା ଫଳରେ ଲୋକ ମାନଙ୍କ ଠାରୁ ଆରମ୍ଭ ଅଫିସ କର୍ମଚାରୀ ମାନେ ନାହି ନଥିବା ଅସୁବିଧା ର ସମ୍ମୁଖୀନ ହେଉଛନ୍ତି। ଅଫିସର ଙ୍କ କଥା ଶୁଣୁନାହାନ୍ତି ସରକାରୀ କର୍ମଚାରୀ ଯଦି ସାଧାରଣ ଲୋକଙ୍କ ଦୁଃଖ ବୁଝିବା ପାଇଁ କେତେ ଦିନ ସମୟ ଲାଗିବା ବୋଲି ସାଧାରଣରେ ଆଲୋଚନାର ବିଷୟ ପାଲଟିଛି। ତୁରନ୍ତ ମଟର ଟି ମରାମତି କରି ପାନୀୟ ଜଳ ସମସ୍ୟା ଦୂର କରିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ ଜନସାଧାରଣ ତରଫରୁ ଦାବି ହେଉଛି।

## କୁନ୍ଦୁରାରେ ଦିନକୁ ଦିନ ବଢ଼ି ଚାଲିଛି ଦାଦନ ଦୁଃଖ

କୁନ୍ଦୁରା, (ମହାଭାରତ ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ମସିଗାଁ ଗ୍ରାମ ପଞ୍ଚାୟତ ର ବିଶେଇଗୁଡା ଗ୍ରାମ ରେ ଆଜି ପୁଣି ଜଣେ ଦାଦନ ଶ୍ରମିକ ର ଦୁଃଖ ଦୁର୍ଦଶା ଦେଖିବାକୁ ମିଳିଛି। ପଡୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ଯାଇ ସେଠାରେ ଅନେକ ନିର୍ଯ୍ୟାତନା ସହି ମୃତ୍ୟୁ ସହିତ ଲଢେଇ କରି ହାତ ଭାଙ୍ଗି ଆକର୍ମନ୍ୟ ଅବସ୍ଥାରେ ଫେରିଥିବା ବିଶେଇଗୁଡ଼ା ଗ୍ରାମର ୫୮ ବର୍ଷୀୟ ବ୍ୟକ୍ତି ଜଣକ ହେଉଛନ୍ତି ଯାଇ ପେନ୍ଦାପାଡ଼ିଆ । ସେ ନିଜେ ଫେରି ପାରି ନଥାନ୍ତେ, ବହୁତ କଷ୍ଟରେ ପୁଅକୁ ସୂଚନା ଦେବା ପରେ ପୁଅ କୋମଳଲୋଚନ ପେନ୍ଦାପାଡ଼ିଆ ଆନ୍ଧ୍ର ପ୍ରଦେଶକୁ ଯାଇ ବାପାକୁ ନେଇ ଫେରିଛି । ଫେରିବା ସମୟରେ ଆନ୍ଧ୍ର ଏବଂ ଓଡିଶା ସୀମାରେ ରହିଥିବା ଏକ ଥାନାରେ ସାହାର୍ଯ୍ୟ ମାଗିବା ସହ ଏକ ଅଭିଯୋଗ ଦେଇ ଥିବା ପୁଅ କୋମଳଲୋଚନ କହିଛି । ଆଜି ଅର୍ଥାତ ୧୩/୦୫/୨୫ ମଙ୍ଗଳବାର କୋମଳଲୋଚନ ଏକ ଲିଖିତ ଅଭିଯୋଗ ନେଇ ବୈପାରୀଗୁଡା ଥାନାରେ ଏକ କେସ୍ ରୁଜୁ କରିଛି । ବୈପାରୀଗୁଡା ଥାନାରେ ଦିଆଯାଇଥିବା ଏତଲା ମୁତାବକ – ଯାଇ ଗତ ଏପ୍ରିଲ ମାସ ୧୭ ତାରିଖ ଦିନ ଗାଁ ନିକଟ ଏକ କାଜୁ ବଗିଚା ରେ କାମ କରୁଥିବା ବେଳେ ମସିଗାଁ ଗ୍ରାମର ଶ୍ୟାମ ରାମପୁରୀଆ ଏକ ବ୍ଲେରୋ ଗାଡି ନେଇ କିଛି ଯୁବକ ସହିତ ଆସି ଯୋର ଜବରଦସ୍ତ ଭାବେ ଯାଇ କୁ ଗାଡ଼ିରେ ବସାଇ ନେଇଯାଇଥିଲା । ଆନ୍ଧ୍ର ପ୍ରଦେଶ ର ବାଡ଼ନୀକୋମ୍ ଗ୍ରାମରେ ସ୍ଥାନୀୟ ଏକ ସାହୁକାର ର ଇଟା ଭାଟି ରେ ଯାଇ କୁ କାମ କରିବାକୁ କୁହାଯାଇଥିଲା । କାମ କରୁଥିବା ସମୟରେ ଇଟା ଭାଟି ର ନିଆଁ ରେ ଯାଇ ଧସୀ ଯାଉଥିବା ବେଳେ ବହୁତ କଷ୍ଟରେ ଜୀବନ ବିକଳରେ ସେଠାରୁ ଡେଇ ପଡି ଯାଇ ର ଗୋଟେ ହାତ ଭାଙ୍ଗି ଯାଇଥିଲା । ହାତ ଭାଙ୍ଗିଯିବା ପରେ ଶ୍ୟାମ ରାମପୁରିଆ କୁ ବାରମ୍ବାର ଗୁହାରି କରିବା ପରେ ବି କିଛି ଲାଭ ହୋଇନଥିଲା। ଏତେ କଷ୍ଟ ରେ ବି ସାହୁକାର ର ଗାଳି ଗୁଲଜ ସହି ଯାଇ କାମକୁ ଯାଉଥିଲା । ବହୁତ କଷ୍ଟରେ ଯାଇ ସାନ ପୁଅ ସହ ଫୋନ ରେ ଯୋଗାଯୋଗ କରିବା ପରେ ସାନ ପୁଅ ବାପାକୁ ଆନ୍ଧ୍ର ପ୍ରଦେଶ ରୁ ନେଇ ଘରକୁ ଫେରିଥିବା ଥାନାରେ ଦିଆଯାଇଥିବା ଏତଲା ରେ ଲେଖାରହିଛି । ଯାଇ କୁ ତାଙ୍କ ସାନ ପୁଅ ତୋ ଘରକୁ ଫେରାଇ ଆଣିଛି କିନ୍ତୁ କୁନ୍ଦୁରା ବ୍ଲକର ଅନେକ ଲୋକ ଶ୍ୟାମ ରାମପୁରିଆ ଏବଂ ଅନ୍ୟ କିଛି ଦଲାଲ ଙ୍କ ପ୍ରଲୋଭନ ର ଶିକାର ହୋଇ ଦାଦନ ଯାଇ ସେଠାରେ ସଢୁଛନ୍ତି ଆଉ ଜୀବନ ହାରୁଛନ୍ତି । ଦଲାଲ ମାନେ ନିଜ ଘରେ ରହି ଲୋକ ଯୋଗାଡ଼ କରି ହଜାର ହଜାର ଟଙ୍କା ମୁଣ୍ଡ ପିଛା ପାଇ ମାଲାମାଲ ହୋଇ ବସିଛନ୍ତି । ଗତ କିଛି ବର୍ଷ ଭିତରେ କୁନ୍ଦୁରା ବ୍ଲକ ର ୧୬ ଟି ପଞ୍ଚାୟତ ମଧ୍ୟରେ ଆସନା, କେରମେଟି, ଫୁଲଭଟା, ବାଗଦେରୀ, ରାଣୀଗୁଡା, ଗୁଣ୍ଡାଲ, ଭୁସାଙ୍ଗଗୁଡା ଆଦି ପଞ୍ଚାୟତ ର ଜଣେ ପରେ ଜଣେ ଦାଦନ ଶ୍ରମିକ ବାହାର ରାଜ୍ୟକୁ ଯାଇ ଅକାଳ ମୃତ୍ୟୁ ବରଣ କରିବା ଘଟଣା, କିଛି ଶ୍ରମିକ ନିଖୋଜ ହଇଯିବା ଭଳି ଅନେକ ଘଟଣା ଘଟିଯାଇଛି । ଦିନେ ଦୁଇଦିନ ଘଟଣା ବିଷୟରେ ଚର୍ଚ୍ଚା ହେଉଛି ପରେ ସବୁ ଶାନ୍ତ । କିଛିବି ଆଖି ଦୃଷ୍ଟିଆ କାର୍ଯ୍ୟାନୁଷ୍ଠାନ ହୋଇପାରୁନାହିଁ । ଦାଦନ ଯାଇ ମରିଯାଇଥିବା କିମ୍ବା ହଜିଯାଇଥିବା ଲୋକ ର ପରିବାର ଙ୍କୁ ବ୍ଲକ ତରଫରୁ ହେଉ କିମ୍ବା ଜିଲ୍ଲା ତରଫରୁ କିଛିବି ସହାୟତା ମିଳିପାରୁନାହିଁ । ଏହି ଦାଦନ କେତେ ଘରର ଭେଣ୍ଡିଆ ପୁଅ, କୁନି କୁନି ପିଲାଙ୍କ ବାପା, ବିବାହିତା ଙ୍କ ମଥାର ସିନ୍ଦୁର ଓ କେତେଯେ ମା ର କୋଳ ଖାଲି କରିସାରିଲେଣି କିନ୍ତୁ ଦାଦନ ଯିବା ବନ୍ଦ ହୋଇପାରୁନାହିଁ । କୁନ୍ଦୁରା ବ୍ଲକ ପ୍ରଶାସନ କିମ୍ବା ଜିଲ୍ଲା ପ୍ରଶାସନ ଏଥିପ୍ରତି କିଛି ସଠିକ ବ୍ୟବସ୍ଥା କରୁନଥିବା ଯୋଗୁଁ ଦଲାଲ ଓ ଦାଦନ ଉଭୟ ବଢିଚାଲିଛି ବୋଲି କୁନ୍ଦୁରା ଅଞ୍ଚଳରେ ଚର୍ଚ୍ଚା ଯୋର ଧରିଛି ।

## ହାତୀ ଦାନ୍ତ ମାଫିଆ ଗିରଫ

କୋଇଡା, (ମହାଭାରତ) : ବଣାଇଁ ବନଖଣ୍ଡକୁ ମିଳିଛି ବିପୁଳ ସଫଳତା । ମିଳିତ ଚଢ଼ାଉ ରେ ଦୁଇଟି ହାତୀଦାନ୍ତ ସହିତ ୩ ଜଣକୁ ଗିରଫ କରିବାରେ ସଫଳ ହୋଇଛି ବନ ବିଭାଗ। ଦୀର୍ଘ ୪ ରୁ ୫ ମାସ ହେବ ସୋଲ ରେଞ୍ଜ ଏବଂ ଜର୍ଡା ରେଞ୍ଜ ଅଞ୍ଚଳରେ ବିଭିନ୍ନ ପଶୁପକ୍ଷୀ ଶିକାରୀ ଓ ଆସାମୀ ମାନଙ୍କ ଗତିବିଧି ଉପରେ ନଜର ରଖି ଆସୁଥିଲା ବଣାଇଁ ବନ ବିଭାଗ। ଦୁଇଟି ହାତୀ ଦାନ୍ତର ସଠିକ ଉପସ୍ଥିତି ବିଷୟରେ ବିଶ୍ୱସ୍ତ ସୂତ୍ରରୁ ଖବର ପାଇବା ପରେ ବନଖଣ୍ଡ ଅଧିକାରୀ ଲଳିତ କୁମାର ପାତ୍ରଙ୍କ ନିର୍ଦ୍ଦେଶ କ୍ରମେ ସହକାରୀ ବନ ସଂରକ୍ଷକ ଜଗନ୍ନାଥ ବିଷୋୟୀ ଓ ନଳିନୀ କାନ୍ତ ବେହେରାଙ୍କ ତତ୍ତ୍ୱାବଧାନରେ ଜର୍ଡା ଓ ସୋଲ ରେଞ୍ଜ ଅଧିକାରୀଙ୍କ ନେତୃତ୍ୱରେ ଦୁଇଟି ଟିମ ଗଠନ କରି ଆସାମୀ ମାନଙ୍କୁ ଧରିବା ପାଇଁ ଜାଲ ବିଛା ଯାଇଥିଲା। ଗତକାଲି ରାତିରେ ଗ୍ରାହକ ସାଜି ବନ କର୍ମଚାରୀ ମାନେ ଅଭିଯୁକ୍ତ ମାନଙ୍କ ନିକଟରେ ପହଞ୍ଚି ଥିଲେ। ସତରେ ଗ୍ରାହକ ଭାବି ଆସାମୀ ମାନେ ବିକ୍ରୀ ପାଇଁ ମୂଲଚାଲ ଆରମ୍ଭ କରିବା ବେଳେ ବନ କର୍ମଚାରୀ ମାନେ ତାଙ୍କୁ ମାଡି ବସିଥିଲେ। ସେମାନଙ୍କ ନିକଟରୁ ୫୪୦ଗ୍ରାମ ଏବଂ ୬୦୦ଗ୍ରାମ ର ଦୁଇଟି ହାତୀଦାନ୍ତ ସହିତ ବ୍ୟବହୃତ ଏକ ହିରୋ ହୋଣ୍ଡା ମୋଟର ସାଇକେଲ ଓଡି୧୫ଏମ ୧୩୮ ଗାଡିକୁ କୁ ଜବତ କରିବା ସହ ୩ ଆସାମୀ କୁ ଗିରଫ କରିଥିବା ଜଣାପଡିଛି। ଆସାମୀମାନେ ହେଲେ ଗୁରୁଣ୍ଡିଆ ଥାନା ଅନ୍ତର୍ଗତ କୁଞ୍ଜର ଗ୍ରାମର ଥମାସ ଟେଟେ (୫୯) କୁଅଁର ବିଲୁଙ୍ଗ (୫୦) ଏବଂ ଅନ୍ୟ ଜଣକ ସୋଲଗୁଡା ଗ୍ରାମ ର ଶତ୍ରୁଘ୍ନ ନାୟକ (୫୫) ବୋଲି ଜଣାପଡିଛି ।ଗତ ଦୁଇମାସ ମଧ୍ୟରେ ବଣାଇ ବନଖଣ୍ଡରେ ସମାନ ଘଟଣା ରେ ୪ ଟି କେସରେ ୧୭ ଜଣ ଆସାମୀ ଙ୍କୁ ଗିରଫ କରି କୋର୍ଟ ଚାଲାଣଲ କରାଯାଇଛି। ଯେଉଁଥିରେ ୬ଗୋଟି ଦେଶୀ ବନ୍ଧୁକ ସହ ଆନ୍ତଃ ଜିଲ୍ଲା ତସ୍କରୀ ମଧ୍ୟ ରହିଛନ୍ତି। ବାରମ୍ବାର ଚଢାଉ ପରେ ଏବେ ଏସବୁ ଅଞ୍ଚଳରେ ଶିକାରୀ ମାନଙ୍କ ମନରେ କୋକୁଆ ଭୟ ସୃଷ୍ଟି ହେଉଛି। ଏହି ଚଢ଼ାଉରେ ଜର୍ଡା ରେଞ୍ଜ ଅଧିକାରୀ କୈଳାସ କିସାନ,ସୋଲ ରେଞ୍ଜ ଅଧିକାରୀ ରଶ୍ମୀରଂଜନ ରାଉଳ, ମଜୁରଡିମା ଫରେଷ୍ଟର ପ୍ରତାପ କୁମାର ସାହୁ,ମନେଶ କୁମାର ସାହୁ, ପ୍ରକାଶ ଜେନାଙ୍କ ସହ ବଣାଇଁ ବନଖଣ୍ଡର ସ୍କ୍ୱାଡ ଓ ରାପିଡ ରେସ୍ପନ୍ସ ଟିମ୍ ର କର୍ମଚାରୀ ସାମିଲ ହୋଇଥିଲେ। ଏନେଇ ବଣାଇଁ ବନଖଣ୍ଡ ଅଧିକାରୀ ଏକ ପ୍ରେସ ବିବୃତି ମାଧ୍ୟମରେ ସମସ୍ତ ଘଟଣାର ସୂଚନା ଦେଇଛନ୍ତି।

## ଜୁନାଗଡ଼ ସାମ୍ବାଦିକ ସଙ୍ଘ ପକ୍ଷରୁ କଳାହାଣ୍ଡି ଟପ୍ପର ଛାତ୍ରଙ୍କୁ ସମ୍ବର୍ଦ୍ଧନା



ଜୁନାଗଡ଼, (ମହାଭାରତ): କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ସାମ୍ବାଦିକ ସଙ୍ଘ ପକ୍ଷରୁ ଜୁନାଗଡ଼ ସ୍ଥିତ ବିଜୁ ପଟ୍ଟନାୟକ ଷ୍ଟାଡିୟମ ଠାରେ ଏକ ବୈଠକ ଅନୁଷ୍ଠିତ ହୋଇଥିଲା । ସଙ୍ଘର ସଭାପତି ଖଗେଶ୍ୱର ଧଙ୍ଗଡାମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଅତିଥି ଭାବେ ସଂଘର ପୂର୍ବତ ସଭାପତି ହିମାଂଶୁ ଶେଖର ବରାଡ଼, ସନ୍ତୋଷ ସିଂହଦେଓ, ନରେନ୍ଦ୍ର କ୍ଷିତି ଯୋଗ ଦେଇ ଉଦବୋଧନ ଦେଇଥିଲେ । ଏହି ଉପଲକ୍ଷେ ଜୁନାଗଡ଼ ଆଦର୍ଶବିଦ୍ୟାଳୟ ଛାତ୍ର ଅନିକେତ ପଣ୍ଡା ଦଶମ ଶ୍ରେଣୀରେ କଳାହାଣ୍ଡି ଟପ୍ପର ହୋଇଥିବାରୁ ସଙ୍ଘ ପକ୍ଷରୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ସମ୍ପାଦକ ରବିଶଙ୍କର ସୁନାନୀ ଧନ୍ୟବାଦ ଅର୍ପଣ କରିଥିଲେ । ଏହି କାର୍ଯ୍ୟକ୍ରମରେ କୋଷାଧ୍ୟକ୍ଷ ରଜନୀକାନ୍ତ ମିଶ୍ର, ସଂଘର ବରିଷ୍ଠ ସୁନ୍ଦର ମୋହନ ଛତ୍ରିଆ, ଆଦିତ୍ୟ ମହାନ୍ତି, କୁମାରମଣି ଦୁର୍ଗା, ସୁନୀଲ ସିଂ, ବ୍ୟମୋକେଶ ପୁରୋହିତ, ରାକେଶ ବେମାଲ, ଭୋକରଧନ ଧଙ୍ଗଡାମାଝୀ, ରୋହିତ ବାଗ, ଅଂଶୁମାନ ଯୋଶୀ ଏବଂ ଛାତ୍ର ଅନିକେତ ପଣ୍ଡାଙ୍କ ବାପା ନରେନ୍ଦ୍ର ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ ।

## ଷ୍ଟାଫ ନର୍ସଙ୍କ୍ ଆତ୍ମହତ୍ୟା ଉଦ୍ୟମ

ଭଦ୍ରକ, (ମହାଭାରତ): ଡାକ୍ତର ଓ ନର୍ସ ବ୍ଲାକମେଲିଂ କରୁଥିବା ଅଭିଯୋଗ ଆଣି ଭଦ୍ରକ ଜିଲା ମୁଖ୍ୟ ହସ୍ପିଟାଲରେ କାର୍ଯ୍ୟରତ ଷ୍ଟାଫ ନର୍ସ ଆତ୍ମହତ୍ୟା ଉଦ୍ୟମ କରିଛନ୍ତି। ଭଦ୍ରକ ରେଲୱେ ଷ୍ଟେସନରେ ଆତ୍ମହତ୍ୟା ପାଇଁ ଉଦ୍ୟମବେଳେ ତାଙ୍କୁ ଆରପିଏଫ ଦ୍ୱାରା ଉଦ୍ଧାର କରାଯାଇଛି। ଗୁରୁତର ଅବସ୍ଥାରେ ଉଦ୍ଧାର ପରେ ଜିଲା ମୁଖ୍ୟ ହସ୍ପିଟାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି। ଆତ୍ମହତ୍ୟା ଉଦ୍ୟମ କରିଥିବା ନର୍ସ ଭଦ୍ରକ ଜିଲା ମୁଖ୍ୟ ହସ୍ପିଟାଲର ଡାକ୍ତର ଏବଂ ନର୍ସ ତାଙ୍କୁ ବ୍ଲାକ ମେଲିଂ କରୁଥିବା ଅଭିଯୋଗ କରିଛନ୍ତି।

## ସୁରକ୍ଷିତ ରେଳ ଯାତ୍ରା ନେଇ ଜନ ସଚେତନତା

ରେଙ୍ଗାଲି, (ମହାଭାରତ): ସମ୍ବଲପୁର ରେଳ ସୁରକ୍ଷା ବଳ ଆୟୁକ୍ତଙ୍କ ନିର୍ଦ୍ଦେଶ କ୍ରମେ ବରଗଡ଼ ରେଳୱେ ପୋଲିସ ପକ୍ଷରୁ ଏକ ଜନ ସଚେତନତା କାର୍ଯ୍ୟକ୍ରମ କରାଯାଇଥିଲା। ଲେବଲ କ୍ରଶିଂ ଫାଟକ ଥିବା ରେଳ ଫାଟକକୁ ପାର ହେବା ବେଳେ ଜନସାଧାରଣ କେଉଁ କେଉଁ ରେଳ ଟ୍ରାଫିକ ନିୟମ ସବୁ ପାଳନ କରିବା ଉଚିତ୍, ସେ ସବୁ ଉପରେ ଜନସାଧାରଣଙ୍କୁ ଅବଗତ କରାଇବା ସହ ସଚେତନ କରିଥିଲେ। ରେଳ ଫାଟକରେ ଗେଟ୍ ପଡ଼ିଥିବା ବେଳେ ଆଇନ ବିରୋଧୀ କାମ କରି ତଳ ପଟୁ ତାକୁ କେହି ପାର କରିବା ଉଚିତ୍ ନୁହେଁ। ଯାତ୍ରୀବାହୀ ରେଳକୁ ଟେକା, ପଥର ଫିଙ୍ଗିବା ଉଚିତ୍ ନୁହେଁ କାରଣ ତାହା ରେଳ ଯାତ୍ରୀମାନଙ୍କ ପାଇଁ ବଡ ବିପଦ ସୃଷ୍ଟି କରି ପାରେ। ଏହା ବ୍ୟତୀତ ଟେକା ବା ପଥରଟି ରେଳ ଦବାରେ ବାଜି ବିପରୀତ ଦିଗରେ ଫେରି ଫିଙ୍ଗିଥିବା ବ୍ୟକ୍ତିଙ୍କୁ ମଧ୍ୟ ଆଘାତ ଦେଇପାରେ। ଯେଉଁଠାରେ ଲେବଲ୍ କ୍ରସିଂ ନାହିଁ, ସେଠାରେ ଉଭୟ ପଟକୁ ଦେଖି ରେଳ ଲାଇନ୍ ପାରି ହେବା ଉଚିତ୍। ଯେ କୌଣସି କାରଣରୁ ହେଉ ନା କାହିଁକି ରେଳ ଲାଇନ ଉପରେ ଚାଲି ଚାଲି ଯିବା ରେଳ ଆଇନ ବିରୁଦ୍ଧ ଅଟେ। ଏହାକୁ ଅମାନ୍ୟ କରି ଅନେକ ଲୋକମାନେ ଦୁର୍ଘଟଣାର ଶିକାର ହୋଇ ଜୀବନ ହରାଉଛନ୍ତି। ତେଣୁ ରେଳ ଲାଇନ୍ ଉପରେ ଚାଲି ଚାଲି ଯିବା ସମ୍ପୂର୍ଣ୍ଣ ମନା। ରେଳ ଷ୍ଟେସନରେ ଗାଡି ଛାଡ଼ିବା ପୂର୍ବରୁ ଦେଉଥିବା ସିଗ୍ନାଲକୁ ଧ୍ୟାନରେ ରଖି ଗାଡ଼ି ଛାଡ଼ିବା ପୂର୍ବରୁ ନିଜ ରେଳ ଉପରକୁ ଚଢ଼ିବାକୁ ସମସ୍ତ ଜନସାଧାରଣଙ୍କୁ ଏହି ଅବସରରେ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମରେ ରେଳୱେ ପୋଲିସ ବରଗଡ଼ର କର୍ମଚାରୀମାନେ ସାମିଲ ହୋଇଥିଲେ।

## ଅନୈତିକ ସମ୍ପର୍କ ସନ୍ଦେହ, ମହିଳାଙ୍କୁ କାଠ ଫାଳିଆରେ ପିଟି ହତ୍ୟା

ଗୁଣପୁର, (ମହାଭାରତ) : ରାମନାଗୁଡ଼ା ଥାନା ଅନ୍ତର୍ଗତ କରଡା ଗ୍ରାମରେ ଅନୈତିକ ସମ୍ପର୍କ ସନ୍ଦେହରେ ଜଣେ ମହିଳାଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରାଯାଇଛି। ମୃତ ମହିଳା ଜଣକ କରଡା ଗ୍ରାମର ରଞ୍ଜିତା କଣ୍ଡାଗିରି(୨୫) ବୋଲି ଜଣାପଡ଼ିଛି। ହତ୍ୟାକାଣ୍ଡରେ ସଂପୃକ୍ତି ଅଭିଯୋଗରେ ରାମନାଗୁଡ଼ା ପୁଲିସ୍ ତିନି ଜଣକୁ ଅଟକ ରଖି ପଚରାଉଚୁରା କରୁଛି। ଘଟଣାସ୍ଥଳରେ ସାଇଣ୍ଟିଫିକ୍ ଟିମର ସହାୟତାରେ ତଦନ୍ତ ଜାରି ରହିଛି ବୋଲି ପୁଲିସ ସୂଚନା ଦେଇଛି। ବିବାହିତ ଯୁବକ ଅକ୍ଷୟ ପାତିକା କରଡା ଗ୍ରାମର ରଞ୍ଜିତାଙ୍କ ସହ ଅନୈତିକ ସଂମ୍ପର୍କ ରଖିଥିବା ସନ୍ଦେହ କରିଥିଲେ ପରିବାର ଲୋକେ। ଅକ୍ଷୟଙ୍କ ବଡଭାଇ ମାଧବ ପାତିକା, ମା' ଦୁଃଖି ପାତିକା ଓ ଶାଳକ ଡମ୍ବୁରୁ କାଡ୍ରାକା ତିନିଜଣ ମିଶି ରଞ୍ଜିତାଙ୍କୁ କାଠ ଫାଳିଆରେ ପିଟି ହତ୍ୟା କରିଥିବା ନେଇ ମୃତ ମହିଳାର ଭାଇ ଅଭିଯୋଗ କରିଛନ୍ତି । ବାଙ୍ଗୀ ଗ୍ରାମର ଅକ୍ଷୟ ପାତିକା ପୂର୍ବରୁ ରାଜ ବିକ୍ରମପୁର ଗ୍ରାମର ଜଣେ ଯୁବତୀଙ୍କୁ ବିବାହ କରିଛନ୍ତି। ଅନ୍ୟପଟେ ରଞ୍ଜିତାଙ୍କ ଅକ୍ଷୟ ଭଲ ପାଉଥିବା ନେଇ ଆଲୋଚନା ହୋଇଥିଲା। ଅକ୍ଷୟ ଯାହାକୁ ବିବାହ କରିଛନ୍ତି ସେହି ମହିଳା ଜଣକ ଏହି ବିଷୟ ଜାଣିବା ପରେ ଶ୍ୱଶୁର ଘରେ ଜଣାଇଥିଲେ। ଏହାପରେ ଅକ୍ଷୟଙ୍କ ମା', ବଡଭାଇ , ଶାଳକ ଏହି ତିନି ଜଣ ଗୁରୁବାର କରଡା ଗ୍ରାମର ରଞ୍ଜିତାଙ୍କ ପାଖକୁ ଯାଇ କାଠଫାଳିଆରେ ପିଟି ପିଟି ମରଣାନ୍ତକ ଆକ୍ରମଣ କରିଥିଲେ। ଫଳରେ ରଞ୍ଜିତା ଗୁରୁତର ହୋଇ ତଳେ ପଡ଼ିଯାଇଥିଲେ। ଘଟଣାସ୍ଥଳରୁ ପରିବାର ଲୋକେ ରଞ୍ଜିତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ଗୁଣୁପୁର ମେଡିକାଲକୁ ନେଇଥିଲେ। ସେଠାରେ ତାଙ୍କର ସ୍ୱାସ୍ଥ୍ୟାବସ୍ଥା ଗୁରୁତର ହେବାରୁ ପାରଳାଖେମୁଣ୍ଡି ପରେ ବ୍ରହ୍ମପୁର ନେବା ବେଳେ ରଞ୍ଜିତାଙ୍କ ମୃତ୍ୟୁ ହୋଇଥିଲା। ଆଜି ରଞ୍ଜିତାଙ୍କ ମୃତଦେହକୁ ପୁଲିସ୍ ଜବତ ପରେ ଗୁଣୁପୁର ଉପଖଣ୍ଡସ୍ତରିୟ ମେଡିକାଲକୁ ବ୍ୟବଚ୍ଛେଦ ପାଇଁ ଆଣିଛି। ଅନ୍ୟପଟେ ତିନିଜଣଙ୍କୁ ପୋଲିସ୍ ଅଟକ ରଖି ପଚରାଉଚୁରା କରୁଛି ଓ ତଦନ୍ତ ଜାରି ରଖିଥିବା ସୂଚନା ମିଳିଛି।

## ରାଜ୍ୟସ୍ତରୀୟ ସିନିୟର ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଫୁଲବାଣୀ, (ମହାଭାରତ) : ସ୍ଥାନୀୟ ଇନଡୋର ଷ୍ଟାଡିୟମ ଠାରେ ସନରାଇଜ ସିନିୟର ରାଙ୍କିଙ୍ଗ ବ୍ୟାଡମିଣ୍ଟନ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଛି। ରାଜ୍ୟ ବ୍ୟାଡମିଣ୍ଟନ ଆସୋସିଏସନ ଆନୁକୂଲ୍ୟରେ କନ୍ଧମାଳ ଜିଲ୍ଲା ବ୍ୟାଡମିଣ୍ଟନ ଆସୋସିଏସନ ପକ୍ଷରୁ ଆୟୋଜିତ ଟୁର୍ଣ୍ଣାମେଣ୍ଟର




ଉଦଘାଟନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଆରକ୍ଷୀ ଅଧିକ୍ଷକ ହରିଶ୍ ବି ସି ଏବଂ ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲ୍ଲାପାଳ ରମେଶ ଚନ୍ଦ୍ର ଜେନା ଯୋଗ ଦେଇ କନ୍ଧମାଳ ଜିଲ୍ଲାରେ ପ୍ରଥମ ଥର ପାଇଁ ଏହି ରାଜ୍ୟସ୍ତରୀୟ ଟୁର୍ଣ୍ଣାମେଣ୍ଟର ଆୟୋଜନ କରିଥିବାରୁ କେଡିବିଏର କର୍ମକର୍ତ୍ତାଙ୍କୁ ସାଧୁବାଦ ଜଣାଇଥିଲେ। ଏହା ଜିଲ୍ଲାର ଖେଳାଳିଙ୍କ ପାଇଁ ପ୍ରେରଣା ଓ ଉତ୍ସାହର ସ୍ରୋତ ହେବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓସବାର ପର୍ଯ୍ୟବେକ୍ଷକ ପ୍ରଦୀପ କୁମାର ମହାନ୍ତି ଓ ଶୈଳେନ୍ଦ୍ର ଚୌଧୁରୀ, କେବିଡିଏ ସଭାପତି ଅଶୋକ କୁମାର ପଟ୍ଟନାୟକ, କାର୍ଯ୍ୟକାରୀ ସଭାପତି ଦେବେନ୍ଦ୍ର ପାତ୍ର, ସମ୍ପାଦକ ଦୀପକ ରଞ୍ଜନ ମହାନ୍ତି ଓ ବରିଷ୍ଠ ଖେଳାଳି ମାନସ କୁମାର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମକୁ ପ୍ରଶାନ୍ତ କୁମାର ବେହେରା ପରିଚାଳନା କରିଥିଲେ। ଏହି ତିନି ଦିନିଆ ଟୁର୍ଣ୍ଣାମେଣ୍ଟରେ ରାଜ୍ୟର ଅଧିକାଂଶ ଜିଲ୍ଲାରୁ ୧୨୫ରୁ ଅଧିକ ଖେଳାଳି ଭାଗ ନେଇଛନ୍ତି।

## ଟାଣ ଖରାରେ ଶିଶୁଶ୍ରମିକ ନିୟୋଜିତ



କୋକସରା, (ମହାଭାରତ) : କୋକସରା ବ୍ଲକ ସାହାଯଖୋଲ ଜଙ୍ଗଲ ମଧ୍ୟରେ ଥିବା ଆମପାଣି ପଞ୍ଚାୟତ କରକ ଜଳ ପ୍ରପାତ ର ଉନ୍ନତି କରଣ କାମ ହାତକୁ ନେଇଛି ଧର୍ମଗଡ଼ ରେଞ୍ଜ ଅଧୀନ ଆମପାଣି ବନାଞ୍ଚଳ । ଏହି ଦର୍ଶନୀୟ ସ୍ଥଳ ର ଉନ୍ନତି କରଣ ନିମନ୍ତେ ପର୍ଯ୍ୟଟକ ମାନେ ବିଭିନ୍ନ ସମୟରେ ଦାବୀକରି ଆସୁଥିବା ବେଳେ ସରକାରୀ ସ୍ତରରୁ ଅନୁଦାନ ପ୍ରଦାନ କରାଯାଇଛି କ୍ଷ ସବୁବେଳେ ଚର୍ଚ୍ଚା ରେ ଥିବା ଆମପାଣି ବନାଞ୍ଚଳ କୁ ଏଭଳି କାର୍ଯ୍ୟ ସମ୍ପାଦନ ପାଇଁ ଦାୟିତ୍ୱ ଦେଇଥବା ବିଲେଇ କୁ ମାଛ ବାଛିବା ଦାୟିତ୍ୱ ଦେବା ଭଳି ସାଧାରଣରେ ଚର୍ଚ୍ଚା ହେଉଛି । ଏପଟେ ଉନ୍ନତି କରଣ କାର୍ଯ୍ୟର କୌଣସି ସୂଚନା ଫଳକ ନ ଥିବା ବେଳେ ଶିଶୁଶ୍ରମିକ ଲଗେଇ ଦିନ ଦିପହରେ ଟାଣ ଖରାରେ ଖଟାଉଛି । ନାବାଳିକା ମାନଙ୍କୁ କଂକ୍ରିଟ କାମ ଓ ଖରାରେ ଖଟେଇବା ବିଭାଗର ନିଷ୍ଠୁରତା କୁ ପଦାରେ ପକାଉଛି । କାର୍ଯ୍ୟରତ ନାବାଳିକା ଶ୍ରମିକଙ୍କୁ ଏତେ ଖରାରେ କେମିତି କାମ କରୁଛନ୍ତି ବୋଲି ପ୍ରଶ୍ନ କରିବାରୁ ଛୁଟି ଦେଉ ନାହାନ୍ତି ବୋଲି କହିଛନ୍ତି। ତେବେ କାର୍ଯ୍ୟର କୌଣସି ସୂଚନା ନଥିବା ଓ ନାବାଳିକା ଶ୍ରମିକଙ୍କୁ ନିୟୋଜିତ କରି କାର୍ଯ୍ୟହାସଲ କରୁଥିବା ଆମପାଣି ବନ ବିଭାଗ ପ୍ରତି ଜିଲ୍ଲା ପ୍ରଶାସନ ଦୃଢ଼ ପଦକ୍ଷେପ ନେବାକୁ ସାଧାରଣରେ ଦାବୀ ହେଉଛି । ଏନେଇ ଆମପାଣି ବନାଞ୍ଚଳ ଅଧିକାରୀ ଙ୍କୁ ଯୋଗାଯୋଗ କରାଯାଇଥିଲେ ହେଁ ସମ୍ଭବ ହୋଇନଥିଲା ।

## ମୁମୂର୍ଷୁ ଅବସ୍ଥାରେ ୨ ଭଉଣୀ ଉଦ୍ଧାର

ବଣାଇ, (ମହାଭାରତ) : ଜଙ୍ଗଲରୁ ମୁମୂର୍ଷୁ ଅବସ୍ଥାରେ ୨ ଭଉଣୀଙ୍କୁ ଉଦ୍ଧାର କରାଯାଇଛି। ଲହୁଣିପଡ଼ା ଥାନା ଭୁତୁଡ଼ାମୁଣ୍ଡା ବସ୍ତି ଜଙ୍ଗଲରୁ ୬ ଓ ୫ ବର୍ଷୀୟ ୨ ନାବାଳିକା ଭଉଣୀ ଗୁରୁତର ଅବସ୍ଥାରେ ଉଦ୍ଧାର ହୋଇଛନ୍ତି। ୨ ନାବାଳିକା ଭଉଣୀଙ୍କର ମୁଣ୍ଡ ଓ ବେକରେ କ୍ଷତ ଚିହ୍ନ ରହିଛି। କିଏ ସେମାନଙ୍କୁ ଆକ୍ରମଣ କରିଛି ତାହାର କାରଣ ଅସ୍ପଷ୍ଟ ରହିଛି। ଗୁରୁତର ଅବସ୍ଥାରେ ଉଦ୍ଧାର ପରେ ୨ ଭଉଣୀଙ୍କୁ ରାଉରକେଲା ମେଡ଼ିକାଲରେ ଚିକିତ୍ସା ପାଇଁ ଭର୍ତ୍ତି କରାଯାଇଛି।

## ଲାଖବାହିଲି ପଞ୍ଚାୟତ ମନରେଗା ରାସ୍ତା କାମରେ ଲକ୍ଷାଧିକ ଟଙ୍କା ହରିଲୁଟ ଉଦ୍ୟମ

- କାମରେ ସୂଚନା ଫଳକ ନାହିଁ
- ଶ୍ରମିକ ବଦଳରେ ମେସିନ କରୁଛି କାମ
- ଠିକାଦାର ବନିଛନ୍ତି ଏଡିଓ ଓ ଗାଁ ସାଥି
- ସରପଞ୍ଚ ପାଖରେ ଖବର ନାହିଁ



ଲାଞ୍ଜିଗଡ, (ମହାଭାରତ): ମନରେଗା ଯୋଜନା ନାଁ ରେ ସରକାର କୋଟି କୋଟି ଟଙ୍କା ଖର୍ଚ୍ଚ କରୁଛନ୍ତି । ହେଲେ ଦୁର୍ଗମ ଅଞ୍ଚଳରେ ଏହି ଯୋଜନାରେ ଆସୁଥିବା ଲକ୍ଷ ଲକ୍ଷ ଅନୁଦାନ ରାଶିକୁ ଚତୁରତାର ସହ ହେରଫେର କରାଯାଉଛି । କଳାହାଣ୍ଡି ଜିଲ୍ଲା ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକରେ ୨୬ ଗୋଟି ପଞ୍ଚାୟତର ପ୍ରତ୍ୟେକ ଗାଁ ମାନଙ୍କରେ ମନରେଗା ଯୋଜନା ରେ ବିଭିନ୍ନ ପ୍ରକାରର କାମ ଚାଲିଛି ।ହେଲେ ଏହି କାମରେ ପଞ୍ଚାୟତ ଓ ବ୍ଲକ ଦାଇତ୍ୱରେ ଥିବା କର୍ମଚାରୀଙ୍କ ସହ ସାଲାସୁତୁରା ହୋଇ ଠିକାଦାର ମାନେ ନିୟୋଜିତ ରହିଥିବା ଜଣାପଡିଛି। କମ୍ କାମ କରାଇ ଠିକାଦାର ମାନେ ଅଫିସର ବାବୁ ମାନଙ୍କ ସହିତ ମିଳିମିଶି ମିଥ୍ୟା ବିଲ୍ ଦର୍ଶାୟୀ ଲକ୍ଷାଧିକ ଟଙ୍କା ଉଠାଉ ଥିବା ସୂଚନା ମିଳୁଛି ।ଏଭଳି ଏକ ଅଭିଯୋଗ ଆସିଛି ଲାଞ୍ଜିଗଡ ବ୍ଲକ ଲାଖବାହିଲି ପଞ୍ଚାୟତର ଆଦିବାସୀ ଅଧ୍ୟୁଷିତ ବୁଣ୍ଡେଲ ଗାଁ ରାସ୍ତା କାମରୁ। ସୂଚନା ଅନୁସାରେ ଲାଖବାହିଲି ପଞ୍ଚାୟତରେ ଆର୍ଥିକ ୨୪-୨୫ ବର୍ଷ ମନରେଗା ଯୋଜନାରେ ଘୋଡ଼ା ଘାଟିରୁ ବଣ୍ଡେଲ ଗାଁ ପର୍ଯ୍ୟନ୍ତ ୮୦୦ ମିଟର ରାସ୍ତା କାମରେ ୧୦ ଲକ୍ଷ ଟଙ୍କା ଅନୁଦାନ ରାଶି ରହିଥିବା ବେଳେ ମାଟି କାମ ପାଇଁ ୫ ଲକ୍ଷ ଓ ମୁରୁମ କାମ ପାଇଁ ୫ ଲକ୍ଷ ଟଙ୍କା ରହିଛି ।ଏହି ରାସ୍ତା କାମରେ ପ୍ରଥମେ ମାଟି କାମରେ ଶ୍ରମିକ ବଦଳରେ ଜେସିପି ମେସିନ ଓ ଟ୍ରାକ୍ଟର ଲଗାଇ ରାସ୍ତାରେ ମାଟି ପକେଇ ସାରି ଦେଇଥିବା ବେଳେ ବର୍ତ୍ତମାନ ମୁରୁମ କାମରେ ମଧ୍ୟ ୨୫ ପ୍ରତିଶତ ଶ୍ରମିକ କାମ କରିବାକୁ ରହିଥିବା ବେଳେ ଜେସିପି ମେସିନ ମାଧ୍ୟମରେ ରାସ୍ତା ସମତୁଳ କରାଯାଉଛି ।ପଞ୍ଚାୟତ ମନରେଗା ଦାଇତ୍ୱରେ ଥିବା ଏଡିଓ ଆଦିତ୍ୟ ସାହୁ ଓ ଗାଁ ସାଥି କୃଷ୍ଣ ନାଏକ ଏହି କାମରେ ଠିକାଦାର ସାଜିଥିବା ବେଳେ ଏହି କାମରେ ନିଜ ବୁଣ୍ଡେଲ ଗାଁରୁ ୪ ରୁ ୫ ଜଣ ଶ୍ରମିକଙ୍କୁ ନିୟୋଜିତ କରାଯାଇ ଆଖପାଖ ଗାଁର ନିଜ ହାତ ମୁଠାରେ ଥିବା ଶ୍ରମିକଙ୍କୁ ନେଇ ତାଲିକା ପ୍ରସ୍ତୁତ କରାଯାଇଛି ।ଏହା ବ୍ୟତୀତ ମୋବାଇଲ ରୁ ମୋବାଇଲକୁ ସ୍କେନ କରି ଫୋଟ ଅଫ ଲୋଡ଼ କରି ତାଲିକା ପ୍ରସ୍ତୁତ କରୁଥିବା ସୂଚନା ମିଳିଛି। କାମ ନ କରାଇ ଠିକାଦାର ମାନେ ନିଜ ସଂପର୍କୀୟ ଲୋକଙ୍କୁ କାମ ସ୍ଥାନରେ ଛିଡ଼ା କରାଇ ମଧ୍ୟ ଫୋଟ ଅପଲୋଡ଼ କରି ମିଥ୍ୟା ମୋଷ୍ଟର ରୋଲ୍ ପ୍ରସ୍ତୁତ କରି ଟଙ୍କା ହଡପ କରୁଥିବା ଅଞ୍ଚଳରେ ଚର୍ଚ୍ଚା ହେଉଛି ।ଆଦିବାସୀ ଅଞ୍ଚଳରେ ଲୋକଙ୍କ ସରଳତା ଦେଖି ଏହି କାମରେ କୌଣସି ସୂଚନା ଫଳକ ଲଗା ଯାଇନାହି ।ପଞ୍ଚାୟତ ଅଧୀନରେ ଚାଲିଥିବା ମନରେଗା କାମରେ ଏଡ଼ିଓଙ୍କୁ ସାଲିସ କରାନଗଲେ କାମ ଦିଆଯାଉନାହିଁ ବୋଲି ଲୋକେ ପ୍ରକାଶ କରିଛନ୍ତି ।ଏହି ରାସ୍ତା କାମରେ ଗାଁ ସାଥି ଓ ଏଡିଓ ଠିକାଦାର ସାଜିଥିବା ବେଳେ ଜେସିପି ମେସିନ ମାଧ୍ୟମରେ କାମ ଚାଲିଥିବା ଯାହାଫଳରେ ଶତାଧିକ ଶ୍ରମିକ କାମରୁ ବଞ୍ଚିତ ରହୁଥିବା ଲୋକମାନେ ପ୍ରକାଶ କରିଛନ୍ତି। ଦାଇତ୍ୱରେ ଥିବା ପଞ୍ଚାୟତ ଓ ବ୍ଲକ ପ୍ରଶାସନିକ ଅଧିକାରୀଙ୍କ ମଧୁଚନ୍ଦ୍ରିକା ରହିଥିବା ଯୋଗୁଁ ଲୋକଙ୍କ ଅଭିଯୋଗ ପରେବି ଦୁର୍ନୀତି ବିରୁଦ୍ଧରେ କୌଣସି ତଦନ୍ତ ହେଉନଥିବା ଲୋକେ କହୁଛନ୍ତି ।ଗାଁ ସାଥି ଓ ଏଡିଓ ମିଥ୍ୟା ବିଲ କରି ମାଲାମାଲ ହେଉଥିବା ବେଳେ ନିରିହ ଗରିବ ଶ୍ରମିକ ମାନେ ଏହାର ସଠିକ ସୁବିଧା ପାଇଁ ବାରୁ ବଞ୍ଚିତ ରହୁଛନ୍ତି। ଏନେଇ ଲାଖବାହିଲି ସରପଞ୍ଚ ପଦ୍ମିନୀ ମାଝୀଙ୍କୁ ପଚାରିବାରୁ ବୁଣ୍ଡେଲ ଗାଁର ମନରେଗା ଯୋଜନାରେ ରାସ୍ତା କାମ ହେଉଛି ବୋଲି ମୁଁ ଆପଣଙ୍କ ଠାରୁ ଶୁଣୁଛି ।ମୋତେ ଏହି କାମକୁ ନେଇ କେହି ଜଣାଇ ନାହାଁନ୍ତି ବୋଲି ପ୍ରକାଶ କରିଛନ୍ତି। ଏନେଇ ଲାଞ୍ଜିଗଡ ବିଡିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ଏମିତି ନହେବା କଥା ମୁଁ ବର୍ତ୍ତମାନ ଅଫିସ କାମରେ ବାହାରକୁ ଆସିଛି ।ଗଲେ ନିଶ୍ଚୟ ତଦନ୍ତ କରିବାକୁ ଯିବି ବୋଲି ପ୍ରକାଶ କରିଛନ୍ତି ।ଗତ ଜାନୁଆରୀ ୨୧ ତାରିଖରେ ଲାଞ୍ଜିଗଡ ପଞ୍ଚାୟତ ସମିତି ମନରେଗା ଜନଶୁଣାଣି ସମୀକ୍ଷା ବୈଠକରେ ଲାଞ୍ଜିଗଡ ବ୍ଲକ ବିଭିନ୍ନ ପଞ୍ଚାୟତରେ ମନରେଗା ରେ ଦୁର୍ନୀତି ହୋଇଥିବା ବ୍ଲକ ଅଡିଟ ଦାଇତ୍ୱରେ ଥିବା ମହିଳା ମାନେ ଅଭିଯୋଗ ଆଣିଥିଲେ ।କିନ୍ତୁ ବ୍ଲକ ପ୍ରଶାସନ ପକ୍ଷରୁ କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ ।ଆଦିବାସୀ ଅଧ୍ୟୁଷିତ ଲାଞ୍ଜିଗଡ ବ୍ଲକରେ ନିରୀହ ଆଦିବାସୀଙ୍କ ସରଳତା ଯୋଗୁଁ ଅଭିଯୋଗ କଲେ ମଧ୍ୟ କାମର ଉଚ୍ଚ ସ୍ତରୀୟ ତଦନ୍ତ ହେଉ ନଥିବା ହେତୁ ସରକାରଙ୍କ କୋଟି କୋଟି ଟଙ୍କା ସଠିକ କାର୍ଯ୍ୟ ରେ ନଲାଗି ଆତ୍ମସାତ କରାଯାଉଛି। ଏଣୁ ତୁରନ୍ତ ଜିଲ୍ଲା ପ୍ରଶାସନ ଓ ଭିଜିଲାନ୍ସ ବିଭାଗ ଗୁରୁତ୍ୱ ପୂର୍ବ ଭାବେ କାମର ଉଚ୍ଚ ସ୍ତରୀୟ ତଦନ୍ତ ସକାଶେ ସାଧାରଣରେ ଦାବି ହେଉଛି।

## ପ୍ରେମ ପାଇଁ ସ୍ତ୍ରୀ ସ୍ୱାମୀକୁ କଲେ ୬ ଖଣ୍ଡ

ଉତରପ୍ରଦେଶ : ୟୁପିର ଥିବା ବାଲିଆରେ ଘଟିଛି ଏକ ଅଭାବନୀୟ ଘଟଣା। ଏକ ୫୦ ବର୍ଷୀୟ ସ୍ତ୍ରୀ ନିଜ ପ୍ରେମକୁ ସଫଳ କରିବା ପାଇଁ ପ୍ରେମିକ ସହ ମିଶି ନିଜ ସ୍ୱାମୀକୁ ହତ୍ୟା କରିଛି । ଏହାପରେ ସ୍ୱାମୀଙ୍କ ମୃତଦେହକୁ ୬ ଖଣ୍ଡ କରିଥିଲା ନିଜ ସ୍ତ୍ରୀ ଓ ପ୍ରେମିକ । ସେତିକିରେ ସ୍ତ୍ରୀ ର ମନ ଶାନ୍ତ ହୋଇନଥିଲା । ପ୍ରେମିକ ସହ ମିଶି ସିକନ୍ଦର ଥାନା ଅଞ୍ଚଳରେ ନିଜ ସ୍ୱାମୀ ର ମୃତଦେହକୁ ଅଲଗା ଅଲଗା ସ୍ଥାନରେ ଫୋପାଡି ଦେଇଥିଲା ତେବେ ପୋଲିସ ଏହି ଘଟଣାରେ ମୃତ ଶରୀରର ବିଭିନ୍ନ ଅଂଶକୁ ଉଦ୍ଧାର କରିଥିବା ଜଣା ପଡିଛି। କିନ୍ତୁ ଏପର୍ଯ୍ୟନ୍ତ ମୃତ ବ୍ୟକ୍ତିର ମୁଣ୍ଡ ମିଳିପାରି ନାହିଁ । ତେବେ ଅଭିଯୁକ୍ତ ମୁଣ୍ଡକୁ ଘାଗରା ନଦୀକୁ ଫିଙ୍ଗି ଦେଇଛି ବୋଲି ପୋଲିସ ଆଗରେ କହିଥିଲା । ଯାହାକୁ ପୋଲିସ ଖୋଜୁଛି । ଏହି ମାମଲାରେ ୪ ଜଣଙ୍କୁ ଗିରଫ କରିଛି ପୋଲିସ । ଯେଉଁଥିରେ ମୃତକଙ୍କ ସ୍ତ୍ରୀ ମାୟା ଦେବୀ ଓ ପ୍ରେମିକ ଅନିଲ ଯାଦବ ସାମିଲ ଥିବା ଜଣାପଡିଛି । ଗିରଫ ସମୟରେ ଜଣେ ଅଭିଯୁକ୍ତଙ୍କ ଗୋଡରେ ଗୁଳି ବାଜିଥିଲା । ସୂଚନା ଅନୁସାରେ ମେ ୧୦ ତାରିଖରେ ସିକନ୍ଦରପୁର ପୋଲିସ ଷ୍ଟେସନ ଅଞ୍ଚଳରେ ଗୋଡକଟା ଓ ହାତ କଟିଥିବା ଏକ ମୃତଦେହ ମିଳିଥିଲା । ଏହାପରେ କିଛି ଦୂରରେ ଏକ କୂଅରୁ ମିଳିଥିଲା ଏକ ମୃତଦେହ । ତେବେ ଏହି ମୃତଦେହଟି ରାଜେନ୍ଦ୍ର କୁମାରଙ୍କ ବୋଲି ଜଣା ପଡିଛି । ଏହାପରେ ତଦନ୍ତ ଆଗକୁ ବଢିଥିଲା । ପୋଲିସଙ୍କ ସୂଚନା ଅନୁସାରେ ମହିଳା ମାୟା ଦେବୀ, ତାଙ୍କ ପ୍ରେମୀ ଅନୀଲ ଯାଦବ ଓ ପ୍ରେମୀଙ୍କ ୨ ସାଙ୍ଗ ସତୀଶ ଓ ମିଥିଲେଶକୁ ଗିରଫ କରାଯାଇଛି । ମେ' ୧୨ ତାରିଖରେ ମୃତଦେହର ଅଂଶ ମିଳିବା ପରେ ପୋଲିସ ଅଧିକ ତଦନ୍ତ ଜାରି ରହିଛି ।

## ଭାରତ କରିବ ବଡ଼ କୂଟନୈତିକ ଆକ୍ରମଣ

ନୂଆଦିଲ୍ଲୀ : ଆତଙ୍କବାଦ ବିରୋଧରେ ସାମରିକ ଅଭିଯାନ ଅପରେଶନ ସିନ୍ଦୂର ପରେ ଏକ ବଡ଼ କୂଟନୈତିକ ଆକ୍ରମଣ ସ୍ୱରୂପ କେନ୍ଦ୍ର ସରକାର ବିଶ୍ୱ ମଞ୍ଚରେ ପାକିସ୍ତାନ ପ୍ରାୟୋଜିତ ଆତଙ୍କବାଦକୁ ପଦାରେ ପକାଇବା ପାଇଁ ଆସନ୍ତା ସପ୍ତାହରୁ ବିଭିନ୍ନ ଦେଶକୁ ଏକାଧିକ ସର୍ବଦଳୀୟ ପ୍ରତିନିଧି ପଠାଇବାକୁ ନିଷ୍ପତ୍ତି ନେଇଛନ୍ତି। ଆତଙ୍କବାଦକୁ ନେଇ ପାକିସ୍ତାନ ବିରୋଧରେ ଭାରତର ଆଭିମୁଖ୍ୟକୁ ବିଶ୍ୱ ନିକଟରେ ଉପସ୍ଥାପନ କରିବା ଏହି କୂଟନୈତିକ ଅଭିଯାନର ଲକ୍ଷ୍ୟ। ଏଥିରେ ଶାସକ ଓ ବିରୋଧୀ ଦଳଗୁଡ଼ିକର ଏମ୍‌ପିମାନଙ୍କ ସମେତ ବରିଷ୍ଠ ନେତାମାନେ ସାମିଲ ହେବେ। ସରକାରଙ୍କ ଏହି ନିଷ୍ପତ୍ତିକୁ ବିଭିନ୍ନ ଦଳ ସମର୍ଥନ ଜଣାଇବା ସହ ନିଜ ଦଳର ସଦସ୍ୟଙ୍କୁ ପଠାଇବାକୁ ସହମତ ହୋଇଛନ୍ତି। ବିଭିନ୍ନ ଦଳର ଏମ୍‌ପିମାନଙ୍କ ଏହି ପ୍ରତିନିଧି ଦଳଗୁଡ଼ିକର ନେତୃତ୍ୱ କେତେଜଣ ପୂର୍ବତନ ମନ୍ତ୍ରୀ ନେବେ। ଏହି କାର୍ଯ୍ୟକ୍ରମରେ ୩୦ରୁ ଊର୍ଦ୍ଧ୍ୱ ଏମ୍‌ପି ସାମିଲ ହେବେ ବୋଲି କେତେଜଣ ନେତା କହିଛନ୍ତି। ସେମାନେ ୧୦ ଦିନ ପାଇଁ ବିଭିନ୍ନ ଦେଶ ଗସ୍ତ କରି ଆତଙ୍କବାଦ ବିରୋଧରେ ଭାରତର ଆଭିମୁଖ୍ୟ ସମ୍ପର୍କରେ ଅବଗତ କରାଇବେ। ପ୍ରତିନିଧି ଦଳରେ ଭାଜପା ସମେତ କଂଗ୍ରେସ, ଟିଏମ୍‌ସି, ଡିଏମ୍‌କେ, ଏନ୍‌ସିପି(ଏସ୍‌ପି), ଜେଡିୟୁ, ବିଜେଡି, ସିପିଆଇ(ଏମ୍) ଓ ଅନ୍ୟ ଦଳର ଏମ୍‌ପି ସାମିଲ ହେବେ। ଭାଜପାରୁ ପୂର୍ବତନ କେନ୍ଦ୍ରମନ୍ତ୍ରୀ ଅନୁରାଗ ଠାକୁର ଏବଂ ଓଡ଼ିଶାର ଭାଜପା ଏମ୍‌ପି ଅପରାଜିତା ଷଡ଼ଙ୍ଗୀ ପ୍ରତିନିଧି ଦଳରେ ରହିବେ ବୋଲି ଏକ ସୂତ୍ରରୁ ଜଣାପଡ଼ିଛି।

## ଭାରତ କିଣିବ ୫୦୦୦୦ କୋଟି ଟଙ୍କାର ଯୁଦ୍ଧ ସାମଗ୍ରୀ

ନୂଆଦିଲ୍ଲୀ : ଭାରତର 'ଅପରେଶନ ସିନ୍ଦୂର' ପାକିସ୍ତାନକୁ ବହୁତ କ୍ଷତି ପହଞ୍ଚାଇଛି। ଏହି ଅପରେଶନ ମାଧ୍ୟମରେ ଭାରତ ପାକିସ୍ତାନକୁ ମଧ୍ୟ ତା'ର ଶକ୍ତି ବିଷୟରେ ଅବଗତ କରାଇଛି। ଏହି ସମୟରେ, ଏକ ଗୁରୁତ୍ୱପୂର୍ଣ୍ଣ ଖବର ସାମ୍ନାକୁ ଆସିଛି। କେନ୍ଦ୍ର ସରକାର ପ୍ରତିରକ୍ଷା ବଜେଟ୍ ବୃଦ୍ଧି କରିପାରିବେ। ଏହା ସେନାକୁ ଆହୁରି ଶକ୍ତିଶାଳୀ କରିବ। ଅପରେଶନ ସିନ୍ଦୂର ସହିତ ପାକିସ୍ତାନକୁ ଆତଙ୍କିତ କରିବା ପରେ, କେନ୍ଦ୍ର ସରକାର ପ୍ରତିରକ୍ଷା ବଜେଟ୍‌ରେ ୫୦୦୦୦ କୋଟି ଟଙ୍କା ବୃଦ୍ଧି କରିପାରନ୍ତି। ପ୍ରତିରକ୍ଷା ମନ୍ତ୍ରଣାଳୟ ସରକାରଙ୍କୁ ପାଣ୍ଠି ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛି, ଯାହାକୁ ନଭେମ୍ବର-ଡିସେମ୍ବର ମାସରେ ସଂସଦର ଶୀତକାଳୀନ ଅଧିବେଶନରେ ଅନୁମୋଦନ ମିଳିପାରେ। ଏକ ରିପୋର୍ଟରେ ସରକାରୀ ସୂତ୍ରକୁ ଉଦ୍ଧୃତ କରି କୁହାଯାଇଛି ଯେ, ଏହି ବର୍ଷ ଶେଷ ଭାଗରେ ଏକ ପରିପୂରକ ବଜେଟ୍ ମାଧ୍ୟମରେ ଅତିରିକ୍ତ ପାଣ୍ଠି ଆବଣ୍ଟନ କରାଯିବ ବୋଲି ଆଶା କରାଯାଉଛି, ଯାହା ଦ୍ୱାରା ପ୍ରଥମ ଥର ପାଇଁ ମୋଟ୍ ପ୍ରତିରକ୍ଷା ଖର୍ଚ୍ଚ ୭ ଲକ୍ଷ କୋଟି ଟଙ୍କା ଅତିକ୍ରମ କରିବାର ସମ୍ଭାବନା ରହିଛି। ଫେବୃଆରୀ ୧ରେ, ଅର୍ଥମନ୍ତ୍ରୀ ନିର୍ମଳା ସୀତାରମଣ ୨୦୨୫-୨୬ ପାଇଁ କେନ୍ଦ୍ରୀୟ ବଜେଟରେ ପ୍ରତିରକ୍ଷା ପାଇଁ ରେକର୍ଡ ୬.୮୧ ଲକ୍ଷ କୋଟି ଟଙ୍କା ସଂରକ୍ଷଣ କରିସାରିଛନ୍ତି। ଏହି ସଂଖ୍ୟା ଗତ ବର୍ଷର ୬.୨୨ ଲକ୍ଷ କୋଟି ଟଙ୍କା ତୁଳନାରେ ୯.୨ ପ୍ରତିଶତର ଏକ ଗୁରୁତ୍ୱପୂର୍ଣ୍ଣ ବୃଦ୍ଧିକୁ ପ୍ରତିନିଧିତ୍ୱ କରେ। ଯଦି ଅତିରିକ୍ତ ଆବଣ୍ଟନକୁ ଅନୁମୋଦନ କରାଯାଏ, ତେବେ ଏହା ସାମରିକ ଆଧୁନିକୀକରଣ ଏବଂ ଜାତୀୟ ସୁରକ୍ଷା ପ୍ରତି ସରକାରଙ୍କ ରଣନୈତିକ ପ୍ରାଥମିକତାକୁ ଆହୁରି ରେଖାଙ୍କିତ କରିବ। ସୂତ୍ର ଅନୁଯାୟୀ, ଅତିରିକ୍ତ ବଜେଟ୍? ଗବେଷଣା ଏବଂ ବିକାଶ, ଉନ୍ନତ ଅସ୍ତ୍ରଶସ୍ତ୍ର କ୍ରୟ ଏବଂ ଗୋଳାବାରୁଦ ଭଣ୍ଡାର ବୃଦ୍ଧି ପାଇଁ ବ୍ୟବହାର କରାଯାଇପାରିବ। ଭାରତ ନୂତନ ଯୁଦ୍ଧ ବିମାନ ଏବଂ କ୍ଷେପଣାସ୍ତ୍ର ପାଇଁ ମଧ୍ୟ ଖର୍ଚ୍ଚ କରିପାରିବ। ଶୀତକାଳୀନ ଅଧିବେଶନରେ ଏହି ପ୍ରସ୍ତାବ ସଂସଦର ଅନୁମୋଦନ ପାଇଁ ଉପସ୍ଥାପିତ ହେବାର ସମ୍ଭାବନା ରହିଛି। ୨୦୧୪ରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର



ମୋଦିଙ୍କ କାର୍ଯ୍ୟକାଳ ଆରମ୍ଭ ହେବା ପରଠାରୁ ପ୍ରତିରକ୍ଷା ଖର୍ଚ୍ଚ ଦ୍ରୁତଗତିରେ ବୃଦ୍ଧି ପାଇଛି। ୨୦୧୪-୧୫ରେ ପ୍ରତିରକ୍ଷା ମନ୍ତ୍ରଣାଳୟକୁ ୨.୨୯ ଲକ୍ଷ କୋଟି ଟଙ୍କା ଆବଣ୍ଟିତ କରାଯାଇଥିଲା। ବର୍ତ୍ତମାନର ବଜେଟ୍? କେବଳ ଏହି ସଂଖ୍ୟାକୁ କମ୍ ନୁହେଁ ବରଂ ସମସ୍ତ ମନ୍ତ୍ରଣାଳୟ ମଧ୍ୟରେ ସର୍ବାଧିକ ବ୍ୟୟବରାଦକୁ ପ୍ରତିନିଧିତ୍ୱ କରେ ଯାହା ଜାତୀୟ ବଜେଟ୍?ର ୧୩ ପ୍ରତିଶତ। 'ଅପରେଶନ ସିନ୍ଦୂର' ଭାରତୀୟ ସେନାର ସ୍ୱଦେଶୀ ପ୍ରତିରକ୍ଷା ପ୍ରଣାଳୀକୁ ଉନ୍ନତ ପ୍ରଯୁକ୍ତିବିଦ୍ୟା ସହିତ ସମନ୍ୱିତ କରିବା ପ୍ରତି ମଧ୍ୟ ଧ୍ୟାନ ଆକର୍ଷଣ କରିଛି। ବିଶେଷକରି, ଏହି ଅଭିଯାନ ଭାରତର ବାୟୁ ପ୍ରତିରକ୍ଷା ପ୍ରଣାଳୀର ଶକ୍ତି ପ୍ରଦର୍ଶନ କରିଥିଲା, ଯେଉଁଥିରେ ସ୍ୱଦେଶୀ ଆକାଶ କ୍ଷେପଣାସ୍ତ୍ର ପ୍ରଣାଳୀ ଅନ୍ତର୍ଭୁକ୍ତ, ଯାହାକୁ ପ୍ରାୟତଃ ଇସ୍ରାଏଲର ଲୁହା ଡୋମ ସହିତ ତୁଳନା କରାଯାଏ। ଡ୍ରୋନ-ବିରୋଧୀ ଅସ୍ତ୍ରର ମଧ୍ୟ ପରୀକ୍ଷଣ କରିଛି। ଏହାକୁ ଏକ କମ୍ ମୂଲ୍ୟର କାଉଣ୍ଟର-ଡ୍ରୋନ ସିଷ୍ଟମ ଭାବରେ ଡିଜାଇନ କରାଯାଇଛି ଯାହା 'ହାର୍ଡ କିଲ୍?' ମୋଡ୍ରେ କାର୍ଯ୍ୟ କରେ, ଯାହା ଆକାଶ ବିପଦକୁ ନିରପେକ୍ଷ କରିବା ପାଇଁ ମାଇକ୍ରୋ-ରକେଟ ବ୍ୟବହାର କରେ। ଏହି ସପ୍ତାହର ପ୍ରାରମ୍ଭରେ ଓଡ଼ିଶାର ଗୋପାଳପୁରର ସିୱାର୍ଡ ଫାୟାରିଂ ରେଞ୍ଜରେ ଏହି ସିଷ୍ଟମର ସଫଳ ପରୀକ୍ଷଣ କରାଯାଇଥିଲା।

# ହଂକଂ ଏବଂ ସିଙ୍ଗାପୁରରେ ପୁଣି କରୋନା ଭାଇରସ୍ ମାମଲା ବୃଦ୍ଧି



ହଂକଂ ଓ ସିଙ୍ଗାପୁର ଭଳି ଦେଶମାନଙ୍କରେ କୋଭିଡ-୧୯ ମାମଲାରେ ହଠାତ୍ ବଢିଥିବା ଦେଖାଯାଇଛି । ଫଳରେ ସ୍ୱାସ୍ଥ୍ୟ ଏଜେନ୍ସିମାନେ ସତର୍କ ହୋଇଛନ୍ତି। ନୂଆ ଲହରର ଚେତାବନୀ ହୋଇପାରେ ବୋଲି ବିଶେଷଜ୍ଞ କହିଛନ୍ତି । ଏଥିପାଇଁ ବିଶେଷଜ୍ଞମାନେ ଭାରତକୁ ସତର୍କ କରିଛନ୍ତି । ମେ ୩ ସୁଦ୍ଧା ହଂକଂରେ ୩୧ ଜଣ କରୋନା ସଂକ୍ରମଣ ମାମଲା ରିପୋର୍ଟ ହୋଇଛି । ଏଥିରେ ଅନେକ ମୃତ୍ୟୁ ବରଣ କରିଛନ୍ତି । ହଂକଂ ମଧ୍ୟ କହିନାହିଁ ଯେ ପ୍ରଥମ ମାମଲା କେବେ ରିପୋର୍ଟ ହୋଇଥିଲା । ପୂର୍ବରୁ ସିଙ୍ଗାପୁର ମଧ୍ୟ ଏକ କୋଭିଡ୍ ଆଲର୍ଟ ଜାରି କରିଥିଲା ଏବଂ ଚଳିତ ବର୍ଷ କରୋନା ମାମଲା ସମ୍ପର୍କରେ ପ୍ରଥମ ଅପଡେଟ୍ ଜାରି କରିଥିଲା । ଏପ୍ରିଲର ଶେଷ ସପ୍ତାହରେ ସିଙ୍ଗାପୁରରେ କରୋନା ମାମଲା ସଂଖ୍ୟା ୧୧,୧୧୦ ଥିଲା, ଯାହା ମେ ପ୍ରଥମ ସପ୍ତାହରେ ୧୪,୨୦୦କୁ ବୃଦ୍ଧି ପାଇଛି । ଏଠାରେ ମାମଲା ସଂଖ୍ୟା ୨୮% ବୃଦ୍ଧି ପାଇଛି। ଚଳିତ ବର୍ଷ ଏପର୍ଯ୍ୟନ୍ତ ୧୪୨୦୦ ଜଣ କରୋନା ରୋଗୀ ଚିହ୍ନଟ ହୋଇଛନ୍ତି । ସେହି ସମୟରେ ପ୍ରତିଦିନ ଡାକ୍ତରଖାନାରେ ଭର୍ତ୍ତି ହେଉଥିବା ରୋଗୀଙ୍କ ସଂଖ୍ୟା ୩୦ ପ୍ରତିଶତ ବୃଦ୍ଧି ପାଇଛି । ସ୍ୱାସ୍ଥ୍ୟ ଅଧିକାରୀମାନେ ଚେତାବନୀ ଦେଇଛନ୍ତି ଯେ ଏହି ମହାମାରୀ ପୁଣି ଥରେ ଗମ୍ଭୀର ରୂପ ନେଇପାରେ ଏବଂ ଏହାର ପ୍ରଭାବ ଏସିଆର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଅନୁଭୂତ ହୋଇପାରେ । ସାଧାରଣତଃ ସ୍ୱାସ୍ଥ୍ୟ ବିଶେଷଜ୍ଞ ନିଶ୍ୱାସପ୍ରଶ୍ୱାସ ସମ୍ବନ୍ଧିତ ସଂକ୍ରମଣ ଥଣ୍ଡା ଋତୁରେ ଅଧିକ ବ୍ୟାପିଥାଏ ବୋଲି କହିଛନ୍ତି । ତେବେ ଭାରତରେ ଏବେ କରୋନା ସଂକ୍ରମଣ ନେଇ କୌଣସି ସୂଚନା ମିଳି ନାହିଁ । ହେଲେ ଏବେଠାରୁ ସତର୍କ ହେବା ପାଇଁ ବିଶେଷଜ୍ଞ ଚେତାଇ ଦେଇଛନ୍ତି । କାରଣ ପଡୋଶୀ ଦେଶରେ ଭୂତାଣୁ ସଂକ୍ରମଣ ଏବେ ଚିନ୍ତାଜନକ ସ୍ଥିତିକୁ ପହଞ୍ଚିଛି। ହଂକଂର ସଂକ୍ରାମକ ରୋଗ ସ୍ୱାସ୍ଥ୍ୟ ଅଧିକାରୀ ଆଲବର୍ଟ ଆଉଙ୍କ ଅନୁଯାୟୀ, କରୋନାଭାଇରସ୍ ମାମଲା ବହୁତ ଦ୍ରୁତ ଗତିରେ ବୃଦ୍ଧି ପାଉଛି । ସେ କହିଛନ୍ତି ଯେ ଶ୍ୱାସକ୍ରିୟା ସମସ୍ୟା ଥିବା ରୋଗୀଙ୍କ କୋଭିଡ୍ ପଜିଟିଭ୍ ମିଳିବାର ସମ୍ଭାବନା ଚଳିତ ବର୍ଷ ସର୍ବାଧିକ ସ୍ତରରେ ପହଞ୍ଚିଛି ।

# ତୁର୍କୀକୁ ୮୨୧କୋଟି ଟଙ୍କାର ଝଟ୍‌କା

ନୂଆଦିଲ୍ଲୀ : ଯେତେବେଳେ ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ବୃଦ୍ଧି ପାଇଛି ଏହି ସମୟରେ ତୁର୍କୀ ପ୍ରଥମେ ପାକିସ୍ତାନକୁ ସମର୍ଥନ କରିଛି। ଯାହାପରେ ଭାରତୀୟମାନେ ତୁର୍କୀକୁ ବୟକଟ କିବା ଆରମ୍ଭ କରିଛନ୍ତି। ବର୍ତ୍ତମାପ ଭାରତରେ ତୁର୍କୀ ଉତ୍ପାଦ, ବିଶେଷକରି ସେଓ ବୟକଟ ଆରମ୍ଭ ହୋଇଛି। ପହଲଗାମ ଆତଙ୍କବାଦୀ ଆକ୍ରମଣ ପରେ, ଭାରତୀୟ ସେନା ଦ୍ୱାରା ଅପରେଶନ ସିନ୍ଦୂର ଆରମ୍ଭ କରାଯାଇଥିଲା। ଯାହା ପରେ ପାକିସ୍ତାନ ଭାରତ ଉପରେ ଆକ୍ରମଣ କରିଥିଲା। ଗଣମାଧ୍ୟମ ରିପୋର୍ଟ ଅନୁସାରେ, ଏହି ସମୟ ମଧ୍ୟରେ ତୁର୍କୀ ପାକିସ୍ତାନକୁ ସାହାଯ୍ୟ କରିଥିଲା, ଯେଉଁଥିରେ ଡ୍ରୋନ ଯୋଗାଣ ମଧ୍ୟ ଅନ୍ତର୍ଭୁକ୍ତ ଥିଲା। ତୁର୍କୀ ବିଷୟରେ ଏହି ସତ ବାହାରିବା ପରଠାରୁ, ଭାରତରେ ବୟକଟ ଧାରା ଦ୍ରୁତ ଗତିରେ ବୃଦ୍ଧି ପାଇବାରେ ଲାଗିଛି। ଆପଣଙ୍କୁ କହିରଖୁଛୁ ଯେ, ୨୦୨୧-୨୨ ମସିହାରେ ତୁର୍କୀରୁ ଭାରତକୁ ୫୬୩ କୋଟି ଟଙ୍କାର ସେଓ ପଠାଯାଇଥିଲା, ୨୦୨୨-୨୩ ମସିହାରେ ୭୩୯ କୋଟି ଟଙ୍କା ଏବଂ ୨୦୨୩-୨୪ ମସିହାରେ ୮୨୧ କୋଟି ଟଙ୍କା ମୂଲ୍ୟର ସେଓ ପଠାଯାଇଥିଲା। ତୁର୍କୀରୁ ସେଓ ଆମଦାନୀ ନିରନ୍ତର ଏବଂ ଦ୍ରୁତ ଗତିରେ ବୃଦ୍ଧି ପାଉଛି, ଯାହାଦ୍ୱାରା ଭାରତୀୟ ବଜାର ଶସ୍ତା ଏବଂ ସବସିଡିଯୁକ୍ତ ଆମଦାନୀ ହୋଇଥିବା ସେଓ ଭରପୂର ମିଳୁଛି। ଏହା ଘରୋଇ ମାଳିମାନଙ୍କ ଆୟ ଏବଂ ବଜାର ଅଂଶ ଉପରେ ସିଧାସଳଖ ପ୍ରଭାବ ପକାଇଛି। ଗୁଣବତ୍ତା ଏବଂ ମୂଲ୍ୟ ଯୋଗୁଁ ତୁର୍କୀ ସେଓ ଭାରତରେ ସବୁଠାରୁ ଲୋକପ୍ରିୟ। କିନ୍ତୁ ସାମ୍ପ୍ରତିକ ସମୟରେ ତାର ବୟକଟ ବୃଦ୍ଧି ପାଇଛି। ଯାହା ଯୋଗୁଁ ଚାହିଦାରେ ୫୦ ପ୍ରତିଶତ ପର୍ଯ୍ୟନ୍ତ ହ୍ରାସ ଘଟିଛି। ବୟକଟ ଯୋଗୁଁ, ବ୍ୟବସାୟୀମାନେ ଏବେ କାଶ୍ମୀର, ହିମାଚଳ ପ୍ରଦେଶ, ଉତ୍ତରାଖଣ୍ଡ, ୱାଶିଂଟନ, ଇରାନ ଏବଂ ନ୍ୟୁଜିଲ୍ୟାଣ୍ଡରୁ ସାମଗ୍ରୀ ସଂଗ୍ରହ କରୁଛନ୍ତି। ଏହା ଯୋଗୁଁ ତୁର୍କୀ ବହୁତ କ୍ଷତି ସହିବା ଆରମ୍ଭ କରିଛି। ଅଫ ସିଜନରେ ମଧ୍ୟ ଭାରତୀୟ ବଜାରରେ ତୁର୍କୀ ସେଓର ଚାହିଦା ରହିଥାଏ। ଯଦି ଆମେ ଭାରତୀୟ ସେଓ ବିଷୟରେ କଥା ହେବା, ତେବେ ବର୍ଷର କିଛି ମାସରେ ଏହା ପ୍ରଚୁର ପରିମାଣରେ ଉପଲବ୍ଧ ହୁଏ। କିନ୍ତୁ ଅନ୍ୟ ଋତୁରେ, ଭାରତର ଆମଦାନୀ ହୋଇଥିବା ସେଓ ଉପରେ ନିର୍ଭରଶୀଳତା ବଢ଼ିଯାଏ। ଆପଣଙ୍କୁ କହିରଖୁଛୁ ଯେ, ତୁର୍କୀ ସେଓ ସାଧାରଣତଃ ମିଠା ଏବଂ ରସାଳ ହୋଇଥାଏ, ଯାହା କାରଣରୁ ଏହାର ଚାହିଦା ଭାରତୀୟ ସେଓ ଅପେକ୍ଷା ଅଧିକ।

# ଭାରତର ୬ସୀମାରେ ହାଇ ଆଲର୍ଟ

ନୂଆଦିଲ୍ଲୀ : ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଶୀର୍ଷରେ ଥିବା ବେଳେ, ଅନ୍ୟ ଏକ ପଡ଼ୋଶୀ ଦେଶ ବାଂଲାଦେଶରେ ଉତ୍ତେଜନା ବୃଦ୍ଧି ପାଉଛି। କାରଣ ହେଉଛି ଭାରତରୁ କଥିତ 'ପୁସ-ଇନ' କାର୍ଯ୍ୟକଳାପ। ଗତ ଦୁଇ ସପ୍ତାହ ମଧ୍ୟରେ, ବାଂଲାଦେଶ ସୀମାର ଛଅଟି ଭିନ୍ନ ଭିନ୍ନ ସ୍ଥାନ – ସିଲହଟ, ମୌଲଭିବଜାର, ଖଗରାଛଡ଼ି, କୁରିଗ୍ରାମ, ସାତଖିରା ଏବଂ ସୁନ୍ଦରବନରୁ ପ୍ରାୟ ୩୪୦ ଜଣଙ୍କୁ ବଳପୂର୍ବକ ସୀମା ପାର କରି ବାଂଲାଦେଶକୁ ଠେଲି ଦିଆଯାଇଥିବା ଅଭିଯୋଗ ହୋଇଛି। ଏହି ପଦକ୍ଷେପ କେବଳ ଢାକାର ସୁରକ୍ଷା ଚିନ୍ତାକୁ ବୃଦ୍ଧି କରୁନାହିଁ ବରଂ ଦୁଇ ଦେଶ ମଧ୍ୟରେ ଏକ ନୂତନ କୂଟନୈତିକ ବିବାଦକୁ ମଧ୍ୟ ଜନ୍ମ ଦେଉଛି। ବାଂଲାଦେଶ ସରକାର କହିଛନ୍ତି ଯେ ଏହି ଠେଲାପେଲା କାର୍ଯ୍ୟକଳାପ କେବଳ ବାଂଲାଦେଶୀ ନାଗରିକଙ୍କୁ ପଛକୁ ଠେଲି ଦେଇଛି ନାହିଁ, ବରଂ ରୋହିଙ୍ଗ୍ୟା ଶରଣାର୍ଥୀ ଏବଂ ଅନ୍ୟାନ୍ୟ ଅପ୍ରାକୃତିକ ପ୍ରବେଶକାରୀଙ୍କୁ ମଧ୍ୟ ଭାରତରେ ପ୍ରବେଶ କରାଇଛି। ସ୍ଥଳ ସୀମାରେ ବିଜିବି ଦ୍ୱାରା ୨୬୨ ଜଣଙ୍କୁ ଧରାଯାଇଥିଲା, ସେମାନଙ୍କ ମଧ୍ୟରୁ ୨୨୩ ଜଣ ବାଂଲାଦେଶୀ ନାଗରିକ ଥିଲେ, ଯେତେବେଳେ ୧୯ ଜଣ ରୋହିଙ୍ଗ୍ୟା ଥିଲେ। ବାକିମାନଙ୍କୁ ଏପର୍ଯ୍ୟନ୍ତ ଚିହ୍ନଟ କରାଯାଇ ନାହିଁ। ସାତଖିରା ସୀମାରେ ତଟରକ୍ଷୀ ବାହିନୀ ୭୮ ଜଣଙ୍କୁ ଅଟକ ରଖିଛି, ସେମାନଙ୍କ ମଧ୍ୟରେ ତିନି ଜଣ ଭାରତୀୟ ନାଗରିକ ମଧ୍ୟ ଅଛନ୍ତି। ସେମାନଙ୍କ ମଧ୍ୟରୁ ଅନେକ ଶାରୀରିକ ନିର୍ଯାତନା ଏବଂ ଗୁଜୁରାଟରୁ ଆଖିରେ ପଟି ବାନ୍ଧି ଅଜଣା ସ୍ଥାନକୁ ଅଣାଯିବା ବିଷୟରେ କହିଛନ୍ତି। ବାଂଲାଦେଶ ସରକାର ମେ ୯ ତାରିଖରେ ଭାରତକୁ ଏକ ଦୃଢ଼ ପ୍ରତିବାଦ ପତ୍ର ପଠାଇ ଏହି ଠେଲାପେଲା ଘଟଣାଗୁଡ଼ିକୁ ତୁରନ୍ତ ବନ୍ଦ କରିବାକୁ ଦାବି କରିଥିଲେ। ଢାକା ସ୍ପଷ୍ଟ କରିଛି ଯେ ଯଦି ଜଣେ ବ୍ୟକ୍ତି ପ୍ରକୃତରେ ବାଂଲାଦେଶୀ, ତେବେ ସେ ତାଙ୍କୁ ଆଇନଗତ ପ୍ରକ୍ରିୟା ଅନୁଯାୟୀ ଗ୍ରହଣ କରିବ, କିନ୍ତୁ ଏପରି ବଳପୂର୍ବକ ଅନୁପ୍ରବେଶ ଗ୍ରହଣୀୟ ନୁହେଁ। ବାଂଲାଦେଶର ଜାତୀୟ ସୁରକ୍ଷା ପରାମର୍ଶଦାତା ଡକ୍ଟର ଖଲିଲୁର ରହମାନ କହିଛନ୍ତି ଯେ ସରକାର ପ୍ରତ୍ୟେକ ମାମଲାର ପୃଥକ ପୃଥକ ତଦନ୍ତ କରୁଛନ୍ତି। ସୂତ୍ର ଅନୁଯାୟୀ, ଯଦି ଭାରତ ଏହି କାର୍ଯ୍ୟକଳାପଗୁଡ଼ିକୁ ବନ୍ଦ ନ କରେ, ତେବେ ଢାକା 'ପୁସବ୍ୟାକ' ଅର୍ଥାତ ଭାରତୀୟ ନାଗରିକଙ୍କୁ ଫେରାଇ ଆଣିବାର କାର୍ଯ୍ୟ ଉପରେ ମଧ୍ୟ ବିଚାର କରିପାରିବ। ସୀମାନ୍ତ ଗାର୍ଡ ବାଂଲାଦେଶ (ଈଏଈ) ଏବେ ସୀମାନ୍ତରେ ନଜର ବୃଦ୍ଧି କରିଛି ଯେଉଁଠାରେ ଠେଲାପେଲା ଘଟଣା ରିପୋର୍ଟ ହୋଇଛି। ବିଜିବି ମୁଖ୍ୟ ମେଜର ଜେନେରାଲ ମହମ୍ମଦ ଅସରଫଉଜାମାନ ସିଦ୍ଦିକି ଏହି ଘଟଣାକୁ "ଯୋଜନାବଦ୍ଧ ଏବଂ ଅମାନବୀୟ କାର୍ଯ୍ୟ" ବୋଲି ବର୍ଣ୍ଣନା କରିଛନ୍ତି। ସେ କହିଛନ୍ତି ଯେ ବିଏସଏଫ ଲୋକଙ୍କୁ ସୁନ୍ଦରବନ ଅଞ୍ଚଳ ଭଳି ଦୁର୍ଗମ ଅଞ୍ଚଳକୁ ଠେଲି ଦେଉଛି ଯେଉଁଠାରେ ବାଂଲାଦେଶର ଉପସ୍ଥିତି ସୀମିତ। ଦୁଇ ଦେଶ ମଧ୍ୟରେ ପତାକା ବୈଠକ ଏବଂ ଲିଖିତ ପ୍ରତିବାଦ ପଞ୍ଜିକୃତ ହୋଇଛି, କିନ୍ତୁ ଭାରତ ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ଠୋସ ପ୍ରତିକ୍ରିୟା ମିଳିନାହିଁ। ଏହି ପ୍ରସଙ୍ଗ ଭାରତ ଏବଂ ବାଂଲାଦେଶ ମଧ୍ୟରେ ଦୀର୍ଘକାଳୀନ ବନ୍ଧୁତାକୁ ଗମ୍ଭୀର ଭାବରେ ପ୍ରଭାବିତ କରିପାରେ। ବାଂଲାଦେଶ ଗୃହ ମନ୍ତ୍ରଣାଳୟର ସାର୍ବଜନୀନ ସୁରକ୍ଷା ବିଭାଗର ଯୁଗ୍ମ ସଚିବ ଡକ୍ଟର ଜିଆଉଦ୍ଦିନ ଅହମ୍ମଦ ନିଶ୍ଚିତ କରିଛନ୍ତି ଯେ ଢାକା ଏବେ ଭାରତରେ ରହୁଥିବା ଅବୈଧ ଭାରତୀୟ ନାଗରିକଙ୍କ ଏକ ତାଲିକା ପ୍ରସ୍ତୁତ କରୁଛି। ଯଦି ପରିସ୍ଥିତିରେ ଉନ୍ନତି ନହୁଏ, ତେବେ ବାଂଲାଦେଶ ପ୍ରତିଶୋଧ ନେଇପାରେ। ଏହି ସମଗ୍ର ପରିସ୍ଥିତି କେବଳ ସୀମାରେ ଉତ୍ତେଜନା ସୃଷ୍ଟି କରିନାହିଁ ବରଂ ଭାରତ-ବାଂଲାଦେଶ ସମ୍ପର୍କର ଭବିଷ୍ୟତ ଉପରେ ମଧ୍ୟ ଅନେକ ପ୍ରଶ୍ନ ଉଠାଇଛି।

## ରାଷ୍ଟ୍ରପତି ଟ୍ରମ୍ପଙ୍କୁ ହତ୍ୟା ପାଇଁ ଷଡଯନ୍ତ୍ର

ନୂଆଦିଲ୍ଲୀ : ପୂର୍ବତନ ଏଫବିଆଇ ମୁଖ୍ୟ ଜେମ୍ସ କୋମିଙ୍କ ଇନଷ୍ଟାଗ୍ରାମରେ ପୋଷ୍ଟ ହୋଇଛି ଏକ ଫଟୋ । ଯାହାକୁ ନେଇ ଏକ ବଡ଼ ବିବାଦ ଦେଖା ଦେଇଛି । ଏନେଇ ଆମେରିକାର ଗୃହ ସୁରକ୍ଷା ସଚିବ କ୍ରିଷ୍ଟି ନୋଏମ ଏବଂ ଅନ୍ୟ ଅନେକ ରିପବ୍ଲିକାନ ଦାବି କରିଛନ୍ତି ଯେ ଏହି ଫଟୋରେ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କୁ ହଟାଇବା ପାଇଁ ଏକ ଗୁପ୍ତ ଧମକ ରହିଛି । କୋମି ବେଳାଭୂମିରେ ବୁଲୁଥିବାବେଳେ ପୋଷ୍ଟ କରିଥିବା ଫଟୋକୁ ସେଠାରୁ ଡିଲିଟ୍ କରିଦେଇଛନ୍ତି । ଆମେରିକୀୟ କର୍ତ୍ତୃପକ୍ଷ ଏହି ମାମଲାର ତଦନ୍ତ ଆରମ୍ଭ କରିଛନ୍ତି । କୋମି ଇନଷ୍ଟାଗ୍ରାମରେ ପୋଷ୍ଟ କରିଥିବା ଫଟୋରେ ବେଳାଭୂମିରେ କଙ୍କାଳର ଏକ ଗଠନ ଦେଖାଯାଇଥିଲା ଯାହା '୮୬ ୪୭' ସଂଖ୍ୟା ତିଆରି କରୁଥିବା ପରି ମନେ ହେଉଥିଲା । ଏହାର କ୍ୟାପସନ ଥିଲା – 'ବେଳାଭୂମିରେ ଚାଲିବା ସମୟରେ ଆଶ୍ଚର୍ଯ୍ୟଜନକ ସରଂଚନା କରାଯାଇଛି।। ୨୦୧୩ ରୁ ୨୦୧୭ ପର୍ଯ୍ୟନ୍ତ ଏଫବିଆଇଏଫବିଆଇ ନିର୍ଦ୍ଦେଶକ ଭାବରେ କାର୍ଯ୍ୟ କରିଥିବା କୋମିଙ୍କୁ ରାଷ୍ଟ୍ରପତି ଟ୍ରମ୍ପ ତାଙ୍କ ପ୍ରଥମ କାର୍ଯ୍ୟକାଳରେ ଋଷୀୟ ଅଧିକାରୀ ଏବଂ ରାଷ୍ଟ୍ରପତିଙ୍କ ୨୦୧୬ ନିର୍ବାଚନ ପ୍ରଚାର ଅଭିଯାନ ମଧ୍ୟରେ କଥିତ ସମ୍ପର୍କ ସମ୍ପର୍କରେ ବ୍ୟୁରୋର ତଦନ୍ତ ମଧ୍ୟରେ ବହିଷ୍କାର କରିଥିଲେ । ଜେମ୍ସ କୋମି ସମ୍ପ୍ରତି ଆମେରିକାର ରାଷ୍ଟ୍ରପତିଙ୍କୁ ହତ୍ୟା କରିବାକୁ ଅପିଲ କରିଥିେ। ସେ ଜଣେ ପୂର୍ବତନ ଋଈଓ ନିର୍ଦ୍ଦେଶକ ଥିଲେ ଯିଏ ତାଙ୍କ କ୍ୟାରିୟରର ଅଧିକାଂଶ ସମୟ ମାଫିଆ ଏବଂ ଗ୍ୟାଙ୍ଗଷ୍ଟରଙ୍କ ବିରୋଧରେ ମାମଲା ରୁଜୁ କରିଥିଲେ, ଜଣେ ବ୍ୟକ୍ତି ଭାବରେ ସେ ଭଲ ଭାବରେ ଜାଣିଥିଲେ ଯେ ସେ କ'ଣ କରୁଛନ୍ତି ଏବଂ ଆଇନର ପୂର୍ଣ୍ଣ ବଳରେ ତାଙ୍କୁ ଦାୟୀ କରାଯିବା ଉଚିତ । ସେ କହିଛନ୍ତି ଯେ, ଆମେ କୋମିଙ୍କ ସିକ୍ରେଟ୍ ସର୍ଭିସ୍ ତଦନ୍ତକୁ ପୂର୍ଣ୍ଣ ସମର୍ଥନ କରୁଛୁ । ଟ୍ରମ୍ପଙ୍କୁ ହତ୍ୟା କରିବା ପାଇଁ କୋଡ୍ ନମ୍ବର ୮୬୪୭ ଜାରି କରାଯାଇଥିବା ରିପୋର୍ଟ ହୋଇଛି । ପ୍ରକୃତରେ, ୮୬ ହେଉଛି ହତ୍ୟାର କୋଡୱାର୍ଡ ଏବଂ ଟ୍ରମ୍ପ ବର୍ତ୍ତମାନ ୪୭ତମ ରାଷ୍ଟ୍ରପତି। ଏହି କାରଣରୁ ତାଙ୍କ ହତ୍ୟା ପାଇଁ ମାମଲା ନମ୍ବର ୮୬୪୭ ଜାରି କରାଯାଇଥିଲା ।

## ଅଲଗା ହେବ ବାଲୁଚିସ୍ତାନ !

ନୂଆଦିଲ୍ଲୀ, ୧୬।୫: ତାଲିବାନ ନେତୃତ୍ୱାଧୀନ ଆଫଗାନିସ୍ତାନ ଆନୁଷ୍ଠାନିକ ଭାବରେ ଭାରତଠାରୁ ଦୁଇଟି ପ୍ରମୁଖ ସମର୍ଥନ ଲୋଡ଼ିଛି। ରୋଗୀଙ୍କ ଚିକିତ୍ସା ପାଇଁ ମେଡିକାଲ ଭିସା ଏବଂ ବ୍ୟବସାୟୀଙ୍କ ପାଇଁ ବ୍ୟବସାୟ ଭିସା। ଏହି ଆବେଦନ ଆଫଗାନିସ୍ତାନର କାର୍ଯ୍ୟକାରୀ ବୈଦେଶିକ ମନ୍ତ୍ରୀ ଆମିର ଖାନ ମୁତାକି ଏବଂ ଭାରତୀୟ ବୈଦେଶିକ ମନ୍ତ୍ରୀ ଏସ. କରିଛନ୍ତି। ଜୟଶଙ୍କର ଏବଂ ତାଲିବାନଙ୍କ ମଧ୍ୟରେ ଉଚ୍ଚସ୍ତରୀୟ ଟେଲିଫୋନ ଆଲୋଚନା ସମୟରେ ଏହା ସାମ୍ନାକୁ ଆସିଛି। ବର୍ତ୍ତମାନ ପରିସ୍ଥିତିରେ, ଯେତେବେଳେ ପାକିସ୍ତାନ ସହିତ ତାଲିବାନର ସମ୍ପର୍କ ଖରାପ ହେଉଛି, ତାଲିବାନ ଆଶାର ସହିତ ଭାରତ ଆଡ଼କୁ ଚାହିଁ ରହିଛି। ତାଲିବାନ ଭାରତକୁ କହିଛି ଯେ ଆଫଗାନିସ୍ତାନର ସାଧାରଣ ଲୋକ, ବିଶେଷକରି ବ୍ୟବସାୟୀ ଏବଂ ରୋଗୀ ନାଗରିକମାନେ ଭାରତରେ ବ୍ୟବସାୟ ଏବଂ ଚିକିତ୍ସା ସୁବିଧା ପ୍ରତି ଆଗ୍ରହୀ। ଆଫଗାନ ବୈଦେଶିକ ମନ୍ତ୍ରଣାଳୟ ଅନୁଯାୟୀ, ମୁତାକି ଭାରତ ପାଇଁ ଭିସା ପ୍ରକ୍ରିୟାକୁ ସରଳ କରିବା ପାଇଁ ଜୟଶଙ୍କରଙ୍କୁ ଅନୁରୋଧ କରିଥିଲେ। ଏହା ସହିତ, ଭାରତରେ ବନ୍ଦୀ ଥିବା କିଛି ଆଫଗାନ ନାଗରିକଙ୍କୁ ମୁକ୍ତ କରି ସେମାନଙ୍କ ଦେଶକୁ ଫେରାଇବାକୁ ମଧ୍ୟ ଆବେଦନ କରାଯାଇଥିଲା। ଏପରି ପରିସ୍ଥିତିରେ, ଏହା ବିଶ୍ୱାସ କରାଯାଉଛି ଯେ ପ୍ରତିବଦଳରେ ତାଲିବାନ ପାକିସ୍ତାନକୁ ପୂର୍ଣ୍ଣ ସମର୍ଥନ ଦେଇପାରିବ ନାହିଁ।

# ଚନ୍ଦ୍ରରେ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ କରିବେ ଚାଇନା-ଋଷିଆ



ନୂଆଦିଲ୍ଲୀ : ଚାଇନା ଓ ରୁଷିଆ ମିଳିତ ଭାବେ ଚନ୍ଦ୍ରରେ ଏକ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ନିର୍ମାଣ କରିବାକୁ ଯୋଜନା କରିଛନ୍ତି, ଯାହା ୨୦୩୬ ସୁଦ୍ଧା ସମ୍ପୂର୍ଣ୍ଣ ହେବାର ଲକ୍ଷ୍ୟ ରହିଛି। ଏହି ମହତ୍ୱାକାଂକ୍ଷୀ ପ୍ରକଳ୍ପ ପାଇଁ ଉଭୟ ଦେଶ ମଧ୍ୟରେ ଏକ ଚୁକ୍ତି ସ୍ୱାକ୍ଷରିତ ହୋଇଛି। ଚନ୍ଦ୍ରରେ ଏକ ସ୍ଥାୟୀ ମାନବ ଅଧିକୃତ ଗବେଷଣା କେନ୍ଦ୍ର, ଅର୍ଥାତ ଇଣ୍ଟରନ୍ୟାସନାଲ ଲୁନାର ରିସର୍ଚ୍ଚ ଷ୍ଟେସନ (ଆଇଏଲଆରଏସ) ପାଇଁ ଶକ୍ତି ଯୋଗାଇବ। ଏହି ଘୋଷଣା ଆମେରିକାର ମହାକାଶ ସଂସ୍ଥା ନାସା ପାଇଁ ଚିନ୍ତାର କାରଣ ହୋଇଛି, କାରଣ ଏହା ନାସାର ଆର୍ଟେମିସ ପ୍ରୋଗ୍ରାମକୁ ପଛରେ ପକାଇ ଚୀନ ଓ ରୁଷିଆକୁ ମହାକାଶ ଗବେଷଣାରେ ଆଗେଇ ଦେଇପାରେ। ଚୀନ ଓ ରୁଷିଆ ୨୦୨୧ରେ ଆଇଏଲଆରଏସ ନିର୍ମାଣ ପାଇଁ ଏକ ମେମୋରାଣ୍ଡମ ଅଫ ଆଣ୍ଡରଷ୍ଟାଣ୍ଡିଂ ସୱାକ୍ଷର କରିଥିଲେ। ଏହି ପ୍ରକଳ୍ପର ମୁଖ୍ୟ ଲକ୍ଷ୍ୟ ହେଉଛି ଚନ୍ଦ୍ରମାର ଦକ୍ଷିଣ ମେରୁରେ ଏକ ସ୍ଥାୟୀ ଗବେଷଣା କେନ୍ଦ୍ର ସ୍ଥାପନ କରିବା। ଏହି ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ପ୍ରାୟ ୦.୫ ମେଗାୱାଟ ଶକ୍ତି ଉତ୍ପାଦନ କରିବ, ଯାହା ଚନ୍ଦ୍ରମାର ୧୪ ଦିନିଆ ରାତ୍ରି ସମୟରେ ସୌର ଶକ୍ତିର ଅଭାବକୁ ପୂରଣ କରିବ। ରୁଷିଆର ମହାକାଶ ସଂସ୍ଥା ରସକୋସମସର ମୁଖ୍ୟ ୟୁରି ବୋରିସୋଭ କହିଛନ୍ତି ଯେ, ଏହି ପ୍ଲାଣ୍ଟ ସ୍ୱୟଂଚାଳିତ ଭାବେ ନିର୍ମାଣ କରାଯିବ, ଯେଉଁଥିରେ ମଣିଷର ସିଧାସଳଖ ହସ୍ତକ୍ଷେପ ଆବଶ୍ୟକ ହେବ ନାହିଁ।

ଚୀନର ଚାଙ୍ଗେ-୮ ମିସନ, ଯାହା ୨୦୨୮ରେ ହେବାର ଯୋଜନା ରହିଛି, ଏହି ଗବେଷଣା କେନ୍ଦ୍ରର ପ୍ରାଥମିକ ଭିତ୍ତିଭୂମି ନିର୍ମାଣ କରିବ। ଚୀନ ୨୦୩୦ ସୁ ଜକ୍ଷ୍ମକ୍ଷ୍ମଙ୍କକ୍ଷ୍ମରେ ୫୦ଟି ଦେଶ, ୫୦୦ଟି ଅନ୍ତର୍ଜାତୀୟ ଗବେଷଣା ସଂସ୍ଥା ଏବଂ ୫୦୦୦ ବିଦେଶୀ ଗବେଷକଙ୍କୁ ଏହି ପ୍ରକଳ୍ପରେ ସାମିଲ ହେବାକୁ ଆମନ୍ତ୍ରଣ କରାଯାଇଛି, ଯାହା ଏହାକୁ ଏକ ଆନ୍ତର୍ଜାତୀୟ ମଞ୍ଚ ଭାବେ ଗଢ଼ି ତୋଳିବ। ଏହି ଚୁକ୍ତି ନାସା ପାଇଁ ଏକ ବଡ଼ ଚ୍ୟାଲେଞ୍ଜ ସୃଷ୍ଟି କରିଛି, କାରଣ ନାସାର ଆର୍ଟେମିସ ପ୍ରୋଗ୍ରାମ ବଜେଟ କଟୌତୀ ଓ ବିଳମ୍ବ ହେତୁ ପଛରେ ପଡ଼ିଛି। ନାସା ୨୦୨୫ ଡିସେମ୍ବରରେ ଚନ୍ଦ୍ରରେ ମାନବ ଅବତରଣ କରାଇବାକୁ ଲକ୍ଷ୍ୟ ରଖିଛି, କିନ୍ତୁ ଚୀନ ଓ ରୁଷିଆର ଏହି ଯୌଥ ପ୍ରୟାସ ମହାକାଶ ପ୍ରତିଯୋଗିତାରେ ଆମେରିକାର ଆଧିପତ୍ୟକୁ ଚ୍ୟାଲେଞ୍ଜ କରିପାରେ। ଏହା ସହ, ଆଇଏଲଆରଏସରେ ଇଜିପ୍ଟ, ପାକିସ୍ତାନ, ଭେନେଜୁଏଲା, ଥାଇଲାଣ୍ଡ ଓ ଦକ୍ଷିଣ ଆଫ୍ରିକା ସମେତ ୧୭ଟି ଦେଶର ସମର୍ଥନ ଏହି ପ୍ରକଳ୍ପକୁ ଆନ୍ତର୍ଜାତୀୟ ମହତ୍ୱ ପ୍ରଦାନ କରୁଛି। ଭାରତ, ଯୌଥ ଚନ୍ଦ୍ର ପ୍ରୋଗ୍ରାମରେ ଅଂଶଗ୍ରହଣ କରିବା ପାଇଁ ଆଗ୍ରହ ପ୍ରକାଶ କରିଛି, ଚନ୍ଦ୍ରୟାନ-୩ ମିଶନର ସଫଳତା ପରେ। ରୁଷିଆର ରାଷ୍ଟ୍ରୀୟ ନ୍ୟୁକ୍ଲିୟର କର୍ପୋରେସନ ରୋସାଟମର ମୁଖ୍ୟ ଆଲେକ୍ସେ ଲିଖାଚେଭ କହିଛନ୍ତି ଯେ, ଭାରତ ଏବଂ ଚୀନ ଏହି ପ୍ରକଳ୍ପରେ ଅଂଶୀଦାର ହେବାକୁ ଉତ୍ସୁକ। ଭାରତର ମହାକାଶ ସଂସ୍ଥା ଇସରୋ ୨୦୪୦ ସୁଦ୍ଧା ଚନ୍ଦ୍ରରେ ମାନବ ମିଶନ ପଠାଇବାକୁ ଯୋଜନା କରୁଛି, ଏବଂ ଏହି ନ୍ୟୁକ୍ଲିୟର ପ୍ରକଳ୍ପରେ ଅଂଶଗ୍ରହଣ ଭାରତର ମହାକାଶ ଲକ୍ଷ୍ୟକୁ ତ୍ୱରାନ୍ୱିତ କରିପାରେ। ଚନ୍ଦ୍ରରେ ନ୍ୟୁକ୍ଲିୟର ପାୱାର ପ୍ଲାଣ୍ଟ ନିର୍ମାଣ ଏକ ଜଟିଳ କାର୍ଯ୍ୟ। ଏହାର ନିର୍ମାଣ ପାଇଁ ରୋବୋଟିକ ଟେକ୍ନୋଲୋଜି ଏବଂ ନ୍ୟୁକ୍ଲିୟୟ ଶକ୍ତିଚାଳିତ କାର୍ଗୋ ରକେଟର ଆବଶ୍ୟକତା ରହିଛି, ଯାହା ଏପର୍ଯ୍ୟନ୍ତ ବିକଶିତ ହୋଇନାହିଁ। ଏହା ସହ, ନ୍ୟୁକ୍ଲିୟର ରିଆକ୍ଟରର କୁଲିଂ ସିଷ୍ଟମ ପାଇଁ ମଧ୍ୟ ନୂଆ ଟେକ୍ନୋଲୋଜିର ଆବଶ୍ୟକତା ରହିଛି। ତେବେ, ବୈଜ୍ଞାନିକମାନେ ଆଶ୍ୱାସନା ଦେଇଛନ୍ତି ଯେ, ନ୍ୟୁକ୍ଲିୟର ଇନ୍ଧନ ପରିବହନ ସୁରକ୍ଷିତ ଏବଂ ଯଦି କୌଣସି ଉତ୍‌କ୍ଷେପଣ ବିଫଳ ହୁଏ, ତେବେ ରେଡିଏସନ ଜନିତ ବିପଦ ନାମମାତ୍ର ରହିବ। ରିଆକ୍ଟରଗୁଡ଼ିକୁ ସ୍ୱୟଂଚାଳିତ ଭାବେ ବନ୍ଦ ହେବା ପାଇଁ ଡିଜାଇନ କରାଯାଇଛି, ଯାହା ସୁରକ୍ଷା ନିଶ୍ଚିତ କରିବ।

# ୱାଙ୍ଖଡେରେ ରୋହିତ ଶର୍ମା ଷ୍ଟାଣ୍ଡ






ନୂଆଦିଲ୍ଲୀ,୧୬।୫: ଟିମ୍ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମା ଗତ ୧୮ ବର୍ଷ ଧରି ବିଶ୍ୱ କ୍ରିକେଟରେ ଭାରତର ପ୍ରତିଷ୍ଠା ବୃଦ୍ଧି କରିବାରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି। ତାଙ୍କୁ ସମ୍ମାନ ଜଣାଇ ମୁମ୍ବାଇ କ୍ରିକେଟ ଆସୋସିଏଶନ(ଏମ୍‌ସିଏ) ଐତିହାସିକ ୱାଙ୍ଖଡେ ଷ୍ଟାଡିୟମର ଏକ ଷ୍ଟାଣ୍ଡକୁ ହିଟମ୍ୟାନ୍‌ଙ୍କ ଉଦ୍ଦେଶ୍ୟରେ ଉତ୍ସର୍ଗ କରିଛି। ଶୁକ୍ରବାର ଦିନ ୱାଙ୍ଖେଡେ ଷ୍ଟାଡିୟମରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ରୋହିତ ଶର୍ମା ଷ୍ଟାଣ୍ଡର ଉଦଘାଟନ କରାଯାଇଛି।

ଏମ୍‌ସିଏ କିଛି ଦିନ ପୂର୍ବରୁ ଘୋଷଣା କରିଥିଲା ଯେ ସେମାନେ ଟି-୨୦ ବିଶ୍ୱକପ ଏବଂ ଚାମ୍ପିଅନ୍ସ ଟ୍ରଫି ଜିତିଥିବା ଟିମ ଇଣ୍ଡିଆର ଅଧିନାୟକ ରୋହିତ ଶର୍ମାଙ୍କୁ ଏଭଳି ଭାବରେ ସମ୍ମାନିତ କରିବାକୁ ଚାହାନ୍ତି। ଏମ୍‌ସିଏ ଆଇପିଏଲ୍ ୨୦୨୫ ମ୍ୟାଚ୍ ସମୟରେ ଏହା କରିବାକୁ ଯୋଜନା କରିଥିଲା। କିନ୍ତୁ ଟୁର୍ନାମେଣ୍ଟକୁ ମଝିରେ ବନ୍ଦ କରିବାକୁ ପଡିବା କାରଣରୁ ଏହାକୁ ସ୍ଥଗିତ ରଖାଯାଇଥିଲା। ଶେଷରେ ଏବେ ଏହାକୁ ଉଦ୍‌ଘାଟନ କରିଛି।

ଏହି ସମୟରେ, ରୋହିତଙ୍କ ପତ୍ନୀ ଏବଂ ପିତାମାତା ମଧ୍ୟ ତାଙ୍କ ସହିତ ଉପସ୍ଥିତ ଥିଲେ। ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀ ଦେବେନ୍ଦ୍ର ଫଡନଭିସ, ପୂର୍ବତନ ଏମ୍‌ସିଏ ଅଧ୍ୟକ୍ଷ ଶରଦ ପାୱାର, ବର୍ତ୍ତମାନର ଏମ୍‌ସିଏ ଅଧ୍ୟକ୍ଷ ଅଜିଙ୍କ୍ୟ ନାଏକ ଏବଂ ଅନେକ ଅଧିକାରୀ ତଥା ପ୍ରଶଂସକ ମଧ୍ୟ ଉପସ୍ଥିତ ଥିଲେ ରୋହିତଙ୍କ ପିତାମାତା ଷ୍ଟାଣ୍ଡର ପରଦା ହଟାଇଥିଲେ।

ଏହି ଅବସରରେ ରୋହିତ ଭାବବିହ୍ୱଳ ହୋଇ କହିଛନ୍ତି, ଯେତେବେଳେ ମୁଁ ପୁଣି ଥରେ ଏହି ମଇଦାନରେ ଖେଳିବେ ସେତେବେଳେ ଏହା ମୋ ପାଇଁ ଏକ ଭିନ୍ନ ଅନୁଭବ ହେବ। ମୁଁ ଦୁଇଟି ଫର୍ମାଟରୁ ଅବସର ନେଇସାରିଛି। କିନ୍ତୁ ମୁଁ ଏବେ ବି ଗୋଟିଏ ଫର୍ମାଟ ଖେଳୁଛି। ତେଣୁ ଖେଳୁଥିବା ସମୟରେ ଏହି ପ୍ରକାରର ସମ୍ମାନ ପାଇବା ନିଜ ପାଇଁ ବହୁତ ସ୍ୱତନ୍ତ୍ର। ଏବେ ୨୧ ତାରିଖରେ, ଯେତେବେଳେ ମୁଁ ଦିଲ୍ଲୀ କ୍ୟାପିଟାଲ୍ସ ବିପକ୍ଷରେ ମୁମ୍ବାଇ ଇଣ୍ଡିଆନ୍ସ ପାଇଁ ଖେଳିବି। ଷ୍ଟାଣ୍ଡରେ ମୋ ନାମ ଦେଖିବା ବହୁତ ସ୍ୱତନ୍ତ୍ର ହେବ ବୋଲି ସେ କହିଛନ୍ତି।

୨୦୨୩ ମସିହାରେ, ଏହି ଷ୍ଟାଡିୟମରେ ସଚିନ ତେନ୍ଦୁଲକରଙ୍କ ପ୍ରତିମୂର୍ତ୍ତି ଉନ୍ମୋଚିତ ହୋଇଥିଲା। ତାପରେ ୨୦୨୪ ମସିହାରେ, ୨୦୧୧ ବିଶ୍ୱକପ ଫାଇନାଲରେ ଏମ ଏସ ଧୋନୀ ବିଜୟୀ ଛକା ମାରିବା ପରେ ବଲ ଯେଉଁଠାରେ ପଡ଼ିଥିଲା, ସେହି ଆସନକୁ ସ୍ୱତନ୍ତ୍ର ମାନ୍ୟତା ଦିଆଯାଇଥିଲା।

## ଲା ଲିଗା ଟାଇଟଲ୍ ଜିତିଲା ବାର୍ସିଲୋନା

ବାର୍ସିଲୋନା,୧୬।୫: ସ୍ପେନର ଫୁଟବଲ ଜଗତରେ ଆଉ ଏକ ଐତିହାସିକ ଅଧ୍ୟାୟ ଯୋଡ଼ି ବାର୍ସିଲୋନା ଏକ ରୋମାଞ୍ଚକର ମ୍ୟାଚରେ ଏସ୍ପାନିଓଲକୁ ପରାସ୍ତ କରି ୨୮ତମ ଲା ଲିଗା ଟାଇଟଲ ହାସଲ କରିଛି। ଏହି ବିଜୟ ସହିତ ବାର୍ସିଲୋନା ସ୍ପେନିସ ଫୁଟବଲରେ ନିଜର ଆଧିପତ୍ୟକୁ ଆହୁରି ସୁଦୃଢ଼ କରିଛି, ଯାହା ପ୍ରଶଂସକଙ୍କ ମଧ୍ୟରେ ଉତ୍ସାହର ଲହରୀ ସୃଷ୍ଟି କରିଛି। ବାର୍ସିଲୋନାର ଘରୋଇ ମୈଦାନ କ୍ୟାମ୍ପ ନୌରେ ଅନୁଷ୍ଠିତ ଏହି ମ୍ୟାଚରେ ବାର୍ସିଲୋନା ପ୍ରଥମ ମିନିଟ୍‌ରୁ ଆକ୍ରମଣାତ୍ମକ ଖେଳ ପ୍ରଦର୍ଶନ କରିଥିଲା। ଦଳର ଅଧିନାୟକ ଓ ଷ୍ଟାର ଖେଳାଳିଙ୍କ ନେତୃତ୍ୱରେ ବାର୍ସିଲୋନା ପ୍ରଥମ ଅର୍ଦ୍ଧରେ ଏକ ଦୃଢ଼ ଆଧିପତ୍ୟ ବଜାୟ ରଖିଥିଲା। ମ୍ୟାଚର ୨୩ତମ ମିନିଟ୍‌ରେ ବାର୍ସିଲୋନାର ଏକ ଚମତ୍କାର ଗିମ୍‌ର୍କର ଫଳସ୍ୱରୂପ ପ୍ରଥମ ଗୋଲ ଆସିଥିଲା, ଯାହା ପ୍ରଶଂସକଙ୍କୁ ଉତ୍ସାହିତ କରିଥିଲା। ଏସ୍ପାନିଓଲ ମଧ୍ୟ ଜୋରଦାର ପ୍ରତିଆକ୍ରମଣ କରି କିଛି ସୁଯୋଗ ସୃଷ୍ଟି କରିଥିଲା, କିନ୍ତୁ ବାର୍ସିଲୋନାର ଡିଫେନ୍ସ ଏବଂ ଗୋଲକିପରଙ୍କ ଦକ୍ଷତା ସେମାନଙ୍କୁ ଗୋଲ ସ୍କୋର କରିବାରୁ ରୋକିଥିଲା ଦ୍ୱିତୀୟ ପର୍ଯ୍ୟାୟରେ ବାର୍ସିଲୋନା ଆହୁରି ଆକ୍ରମଣ ଜାରି ରଖିଥିଲା। ୬୭ତମ ମିନିଟ୍‌ରେ ଏକ ଫ୍ରିକିକ ମାଧ୍ୟମରେ ବାର୍ସିଲୋନା ଦ୍ୱିତୀୟ ଗୋଲ ସ୍କୋର କରି ମ୍ୟାଚରେ ୨-୦ରେ ଆଗୁଆ ରହିଥିଲା। ମ୍ୟାଚର ଶେଷ ମିନିଟ୍‌ରେ ସ୍ପାନିଓଲ ଗୋଟିଏ ଗୋଲ ଫେରାଇବାକୁ ସଫଳ ହୋଇଥିଲା।

# ଫୋର୍ବସ୍ ୨୦୨୫: ସର୍ବାଧିକ ଆୟକାରୀ ଆଥଲେଟ ତାଲିକାର ଶୀର୍ଷରେ ରୋନାଲ୍ଡୋ



ନୂଆଦିଲ୍ଲୀ: ପଡ଼ିଆ ବାହାରେ ଓ ଭିତରେ ସବୁଥିରେ ଚମତ୍କାର କରୁଛନ୍ତି କ୍ରିଷ୍ଟିଆନୋ ରୋନାଲ୍ଡୋ। ଏହି ପର୍ତ୍ତୁଗୀଜ୍ ଫୁଟବଲ୍ ଆଇକନ୍ ଫୋର୍ବସର ୨୦୨୫ ପାଇଁ ବିଶ୍ୱର ସର୍ବାଧିକ ଦରମାପ୍ରାପ୍ତ ଖେଳାଳିଙ୍କ ତାଲିକାରେ ସବୁଠୁ ଅଧିକ ରୋଜଗାର କରୁଥିବା ଖେଳାଳି ହୋଇଛନ୍ତି। ଗତ ବର୍ଷ ଧରି ୨୭୫ ମିସିଅନ ଡଲାର ରୋଜଗାର କରିଛନ୍ତି ଯାହା ଫୋର୍ବସ୍ର ଇତିହାସରେ କୌଣସି ସକ୍ରିୟ ଖେଳାଳି ରୋଜଗାର କରିଥିବା ସର୍ବକାଳୀନ ତୃତୀୟ ସର୍ବାଧିକ ବାର୍ଷିକ ରୋଜଗାର।

୨୦୨୪ରେ ରୋନାଲ୍ଡୋ ପଡ଼ିଆ ଭିତରେ ଓ ବାହାରେ ମୋଟ ୨୭୫ ମିଲିଅନ ଡଲାର ରୋଜଗାର କରିଥିଲେ। ଯେଉଁଥିରେ ଖେଳ ପାଇଁ ଦରମା ସହିତ ବ୍ରାଣ୍ଡର ପ୍ରଚାର ଏବଂ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟ ସାମିଲ୍ ରହିଛି। ଇଟାଲୀୟ ଦଳ ଜୁଭେଣ୍ଟସରୁ ଯାଇ ସାଉଦି ପ୍ରୋ ଲିଗ୍ ଦଳ ଅଲ୍ ନାସରରେ ଯୋଗ ଦେଇଥିବା ରୋନାଲ୍ଡୋ ଖେଳରେ ବହୁତ ଅଧିକ ଦରମା ପାଉଛନ୍ତି। ଯାହା ବାର୍ଷିକ ୨୦୦ ମିଲିଅନ ଡଲାରୁ ଅଧିକ ବୋଲି କୁହାଯାଉଛି। ଏହା ବାଦ୍ ସେ ବାହରୁ ବିଭିନ୍ନ ବ୍ୟବସାୟିକ କାର୍ଯ୍ୟରୁ ପ୍ରଚୁର ଧନ ଆୟ କରୁଛନ୍ତି। ଏଥିରେ ଗ୍ଲୋବଲ ସ୍ପନସରଶିପ୍ ଡିଲ୍, ପର୍ସନାଲ ବ୍ରାଣ୍ଡ୍ ଏବଂ ୭-ବ୍ରାଣ୍ଡେଡ୍ ହୋଟେଲ୍, ଅତର କମ୍ପାନୀ ଏବଂ ଜିମ୍ ଭଳି ଅନେକ ବ୍ୟବସାୟିକ ଉଦ୍ୟୋଗରୁ ତାଙ୍କର କମାଇ ହେଉଛି।

ସବୁଠାରୁ ବଡ଼ କଥା ହେଲା ଆୟରେ କୌଣସି ଖେଳାଳି ତାଙ୍କ ସମକକ୍ଷ ବି ନୁହଁନ୍ତି। ତାଙ୍କ ତଳକୁ ଯେଉଁ ଖେଳାଳି ରହିଛନ୍ତି। ସେ ହେଲେ ବାସ୍କେଟବଲ୍ ସୁପରଷ୍ଟାର ଲେବ୍ରନ୍ ଜେମ୍ସ। ସେ ଏହି ବର୍ଷ ୧୩୩.୮ ନିୟୁତ ଡଲାର ରୋଜଗାର କରିଛନ୍ତି, ଯାହା ରୋନାଲ୍ଡୋଙ୍କ ଆୟର ଅଧାରୁ ବି କମ୍। କିନ୍ତୁ ଚଳଚ୍ଚିତ୍ର ସହିତ ତାଙ୍କର ବ୍ୟବସାୟିକ ଆଗ୍ରହ ବୃଦ୍ଧି କରିବା ଏବଂ ଏକ କ୍ରୀଡ଼ା ଦଳ କିଣିବା ସତ୍ତ୍ୱେ, ଜେମ୍ସଙ୍କ ରୋଜଗାର ଏବେ ବି ରୋନାଲ୍ଡୋଙ୍କ ରେକର୍ଡ-ବ୍ରିକିଂ ଜ୍ୟାକପଟ୍ ଠାରୁ ବହୁତ କମ୍ ରହିଛି।

# ପୁରସ୍କାର ରାଶି ବଢାଇଲା ଆଇସିସି

## ଫାଇନାଲ୍ ବିଜେତାଙ୍କୁ ୩୧ କୋଟି, ଟୁର୍ଣ୍ଣାମେଣ୍ଟର ସବୁ ଟିମ୍ ଉପରେ ଟଙ୍କା ବର୍ଷା

ନୂଆଦିଲ୍ଲୀ୧୬।୫(କେଏନଏସ): ୱାର୍ଲଡ ଟେଷ୍ଟ ଚାମ୍ପିଅନଶିପ୍ ଫାଇନାଲ୍ ପାଇଁ ଅଷ୍ଟ୍ରେଲିଆ ଓ ଦ.ଆଫ୍ରିକା ନିଜ ଟିମ୍ ଘୋଷଣା କରିସାରିଛନ୍ତି । ଜୁନ୍ ୧୧ରେ ଲଣ୍ଡନର ଲର୍ଡ୍ସ ଷ୍ଟାଡିୟମରେ ଏହି ମ୍ୟାଚ୍ ଖେଳାଯିବ। ତେବେ ଏଥର ଫାଇନାଲ୍ ପୂର୍ବ ଅପେକ୍ଷା ଅଧିକ ସ୍ୱତନ୍ତ୍ର ହେବାକୁ ଯାଉଛି, କାରଣ ଆଇସିସି ଏଥର ପୁରସ୍କାର ରାଶିରେ ବଡ଼ ବୃଦ୍ଧି କରିଛି । ଏହି ପ୍ରାଇଜ୍ ମନି ଗତ ଦୁଇ ଟୁର୍ଣ୍ଣାମେଣ୍ଟରେ ମିଳିଥିବା ପୁରସ୍କାର ରାଶିଠାରୁ ଦ୍ୱିଗୁଣ ଅଧିକ। ଆଇସିସି ଚେୟାରମ୍ୟାନ ଜୟ ଶାହ ଏହି ସୂଚନା ଦେଇଛନ୍ତି। ତେବେ ଗୁରୁତ୍ୱପୂର୍ଣ୍ଣ କଥା ହେଉଛି ଚଳିତ ଥର କେବଳ ଫାଇନାଲରେ ପହଞ୍ଚିଥିବା ଟିମ୍ ମାଲାମାଲ୍ ହେବେ ନାହିଁ, ବରଂ ଟୁର୍ଣ୍ଣାମେଣ୍ଟରେ ସାମିଲ ସବୁ ଟିମ୍‌ଙ୍କ ଉପରେ ଟଙ୍କା ବର୍ଷା ହେବ । ଆଇସିସି ଅଧ୍ୟକ୍ଷ ଜୟ ଶାହ ଗୁରୁବାର କହିଛନ୍ତି ଯେ ଚଳିତ ବର୍ଷ ମୋଟ ୫.୭୬ ମିଲିୟନ ଡଲାର ଅର୍ଥାତ୍ ୪୯ କୋଟି ଟଙ୍କାର ବିଜେତା ଓ ଉପବିଜେତାଙ୍କୁ ମଧ୍ୟରେ



ବଣ୍ଟାଯିବ ଡବ୍ଲୁଟିସି ଫାଇନାଲ୍ ବିଜେତା ଟିମକୁ ୩.୬ ମିଲିୟନ ୟୁଏସ୍ ଡଲାର ଅର୍ଥାତ ୩୧ କୋଟି ଟଙ୍କା ମିଳିବ। ଏହା ପୂର୍ବ ଦୁଇ ଫାଇନାଲର ପୁରସ୍କାର ରାଶିଠାରୁ ୨ ମିଲିୟନ ଡଲାର ଅଧିକ ଏହା ପୂର୍ବରୁ ବିଜେତା ଟିମକୁ ୧.୬ ମିଲିୟନ ଡଲାର ମିଳୁଥିଲା । ସେହିପରି ଉପବିଜେତା ଟିମ୍‌କୁ ୨.୧୬ ମିଲିୟନ ଡଲାର ଅର୍ଥାତ୍ ପ୍ରାୟ ୧୮ କୋଟି ଟଙ୍କା ମିଳିବ। ଏହା ଗତଠାରୁ ପ୍ରାୟ ୩ ଗୁଣା ଅଧିକ ଗତ ଦୁଇ ଫାଇନାଲ୍ ହାରିଥିବା ଭାରତୀୟ ଟିମକୁ ୮-୮ ଲକ୍ଷ ଡଲାର ମିଳିଥିଲା ।

# ଆଇପିଏଲ୍ ଛାଡ଼ିଲେ ଷ୍ଟାର୍କ

ନୂଆଦିଲ୍ଲୀ ୧୬।୫: ଅଷ୍ଟ୍ରେଲିୟ ଦ୍ରୁତ ବୋଲର ମିଚେଲ ଷ୍ଟାର୍କ ଆଇପିଏଲ୍ ୨୦୨୫ରେ ୧୧ କୋଟି ୭୫ ଲକ୍ଷରେ କିଣିଥିଲା ଦିଲ୍ଲୀ କ୍ୟାପିଟାଲ୍ସ । କିନ୍ତୁ ଟୁର୍ଣ୍ଣାମେଣ୍ଟ ୧୦ ଦିନ ସ୍ଥଗିତ ରହିବା ପରେ ଷ୍ଟାର୍କ ଭାରତ ଫେରିବାକୁ ମନା କରିଦେଇଛନ୍ତି । ଷ୍ଟାର୍କଙ୍କ ନ ଫେରିବାର କାରଣ ବିଶ୍ୱ ଟେଷ୍ଟ ଚାମ୍ପିଅନସିପ୍ ଫାଇନାଲ ବୋଲି କୁହାଯାଉଛି। ବାସ୍ତବରେ ଦକ୍ଷିଣ ଆଫ୍ରିକା ଏବଂ ଅଷ୍ଟ୍ରେଲିଆ। ମଧ୍ୟରେ ଡବ୍ଲୁଟିସି ଟାଇଟଲ୍ ମ୍ୟାଚ୍ ଆସନ୍ତା ଜୁନ୍ ୧୧ ତାରିଖରୁ ଲର୍ଡସ୍ ଗ୍ରାଉଣ୍ଡରେ ଖେଳାଯିବ। ଏଥିପାଇଁ ସେ ନିଜ ଦେଶ ପାଇଁ ଖେଳିବାକୁ ପ୍ରାଥମିକତା ଦେଇଛନ୍ତି।




ଏବେ ପ୍ରଶ୍ନ ଆସୁଛି ସିଜିନ୍ ମଝିରେ ଟିମ୍ ଛାଡିବା ଯୋଗୁଁ ମିଚେଲ ଷ୍ଟାର୍କଙ୍କ ଦରମା ପଡିବ କି ପ୍ରଭାବ ? ତେବେ ଉତ୍ତର ହେଉଛି ହଁ । କ୍ରିକେଟଡଟ୍‌କମ୍ ଏୟୁ ଅନୁଯାୟୀ, ଯଦି ଦିଲ୍ଲୀ କ୍ୟାପିଟାଲ୍ସ ଚଳିତ ସିଜିନର ଫାଇନାଲରେ ପହଞ୍ଚିଥାଏ, ତେବେ ଷ୍ଟାର୍କଙ୍କୁ ତାଙ୍କର ଅଇପିଏଲ୍ ୨୦୨୫ ଦରମାର ଏକ ତୃତୀୟାଂଶ ଛାଡିବାକୁ ପଡିବ। ଏହାର ଅର୍ଥ ହେଉଛି ଯଦି ବାମହାତୀ ଦ୍ରୁତ ବୋଲର ଆଇପିଏଲ ମଝିରେ ଛାଡିଦିଅନ୍ତି ତେବେ ସେ ୩ କୋଟି ୯୨ ଲକ୍ଷ ଟଙ୍କା ହରାଇବେ ଯଦି ଏହା ହୁଏ, ତେବେ ଷ୍ଟାର୍କଙ୍କୁ ଆଇପିଏଲ୍ ଦରମା ଭାବରେ କେବଳ ୭ କୋଟି ୮୩ ଲକ୍ଷ ଟଙ୍କା ମିଳିବ ମିଚେଲ ଷ୍ଟାର୍କ ଆଇପିଏଲ ୨୦୨୫ରେ ଦିଲ୍ଲୀ କ୍ୟାପିଟାଲ୍ସ ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଛନ୍ତି। ସେ ଏପର୍ଯ୍ୟନ୍ତ ଖେଳାଯାଇଥିବା ୧୧ଟି ମ୍ୟାଚରେ ୧୪ଟି ୱିକେଟ୍ ନେଇଛନ୍ତି। ଯଦି ଟିମ୍ ପ୍ଲେଅଫରେ ପହଞ୍ଚେ ତେବେ ସେମାନେ ନିଶ୍ଚିତ ଭାବରେ ଷ୍ଟାର୍କଙ୍କୁ ମିସ୍ କରିବେ। ସେ ନକଆଉଟରେ ଦଳ ପାଇଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିପାରିଥାନ୍ତେ ଯାହା ଗତବର୍ଷ କେକେଆର ପାଇଁ କରିଥିଲେ। ଦିଲ୍ଲୀ କ୍ୟାପିଟାଲ୍ସ ୧୧ଟି ମ୍ୟାଚ୍ ଖେଳି ୧୩ ପଏଣ୍ଟ ସହିତ ପଏଣ୍ଟ ଟେବୁଲର ପଞ୍ଚମ ସ୍ଥାନରେ ରହିଛି । ଯଦି ଡିସିକୁ ପ୍ଲେଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିବାକୁ ପଡ଼େ, ତେବେ ସେମାନଙ୍କୁ ଅତି କମରେ ଦୁଇଟି ମ୍ୟାଚ୍ ଜିତିବାକୁ ପଡ଼ିବ ଯଦି ଦଳ ତିନୋଟି ମ୍ୟାଚ୍ ରୁ ଦୁଇଟିରେ ହାରିଯାଏ, ତେବେ ତାକୁ ଅନ୍ୟ ଦଳର ଫଳାଫଳ ଉପରେ ନିର୍ଭର କରିବାକୁ ପଡିବ।

# ଆୟରଙ୍କୁ ଟେଷ୍ଟରେ ମିଳିବନି ସ୍ଥାନ !





ନୂଆଦିଲ୍ଲୀ,୧୬।୫: ଭାରତୀୟ କ୍ରିକେଟ୍ ଦଳର ଇଂଲଣ୍ଡ ଗସ୍ତ ଜୁନ ୨୦ରୁ ଆରମ୍ଭ ହେବାକୁ ଯାଉଛି ଦୁଇ ଦେଶ ମଧ୍ୟରେ ଖେଳାଯିବାକୁ ଥିବା ପାଞ୍ଚ ମ୍ୟାଚ୍ ବିଶିଷ୍ଟ ଟେଷ୍ଟ ସିରିଜ୍‌କୁ ଆଉ ପାଖାପାଖି ମାସେ ସମୟ ବାକି ରହିଛି। ତେବେ ସବୁଠୁ ବଡ଼ ପ୍ରଶ୍ନ ନିକଟରେ ଟେଷ୍ଟରୁ ଅବସର ନେଇଥିବା ରୋହିତ ଶର୍ମା ଓ ବିରାଟ କୋହଲିଙ୍କ ସ୍ଥାନରେ କାହାକୁ ସୁଯୋଗ ଦିଆଯିବ ୧୫ ଜଣିଆ। ଦଳରେ କେଉଁ କେଉଁ ଖେଳାଳିଙ୍କୁ ଚୟନ କରାଯିବ ତାକୁ ନେଇ ଚୟନକର୍ତ୍ତାଙ୍କୁ ବେଶ ଚିନ୍ତନ କରିବାକୁ ପଡ଼ିପାରେ ତେବେ ଏହା ମଧ୍ୟରେ ଶ୍ରେୟସ ଆୟରଙ୍କୁ ନେଇ ବଡ଼ ଖୁଲାସା ହୋଇଛି।

ଦ ଟେଲିଗ୍ରାଫରେ ପ୍ରକାଶିତ ଖବର ଅନୁସାରେ, ଇଂଲଣ୍ଡ ଗସ୍ତ ପାଇଁ ଶ୍ରେୟସ ଆୟରଙ୍କୁ ଦଳରେ ଚୟନ କରାଯିବାର ସମ୍ଭାବନା ବହୁତ କମ ରହିଛି। ବିସିସିଆଇର ଜନୈକ ଅଧିକାରୀଙ୍କ ମତରେ ଭାରତୀୟ ଦଳ ଯଦି ଘରୋଇ ସିରିଜ୍ ଖେଳୁଥାନ୍ତା ତେବେ ଆୟରଙ୍କୁ ଦଳରେ ସ୍ଥାନ ମିଳିଥାନ୍ତା ମାତ୍ର ବିଦେଶ ଗସ୍ତରେ ତାଙ୍କୁ ସ୍ଥାନ ମିଳିନ ପାରେ।

ଜନୈନକ ଅଧିକାରୀଙ୍କ ଅନୁସାରେ ଶ୍ରେୟସ ଆୟରଙ୍କୁ ଏବେ ବି ରେଡ୍ ବଲ୍ କ୍ରିକେଟ୍‌ରେ ଆଉ କିଛି ପରିଶ୍ରମ କରିବାର ଆବଶ୍ୟକତା ରହିଛି। ଆୟରଙ୍କ ଦିନିକିଆ କ୍ରିକେଟ୍‌ରେ ପ୍ରଦର୍ଶନ ଚମତ୍କାର ରହିଛି। ସେ ଚାମ୍ପିଅନ୍ସ ଟ୍ରଫିରେ ଭାରତ ପାଇଁ ସର୍ବାଧିକ ରନ କରି ଦଳକୁ ଜିତାଇବାରେ ମୁଖ୍ୟ ଭୂମିକା ଗ୍ରହଣ କରିଥିଲେ।

କୁହାଯାଉଛି ଆୟରଙ୍କ ସଟ୍ ବଲ୍ ପ୍ରତି ଦୁର୍ବଳତା ରହିଛି। ଇଂଲଣ୍ଡରେ କେବଳ ବାଉନ୍ସ ବଲ୍ ଦେଖିବାକୁ ମିଳିନଥାଏ, ସେଠାରେ ଗତି ସହ ସୁଇଙ୍ଗ ମଧ୍ୟ ହୋଇଥାଏ। ଇଂଲଣ୍ଡର ପିଚ୍ ଦ୍ରୁତ ବୋଲରଙ୍କ ପାଇଁ ଭୂସ୍ୱର୍ଗ । ତେଣୁ ବଲ୍‌କୁ ଛାଡ଼ିବା ବହୁତ ଜରୁରୀ। ଏହି ରିପୋର୍ଟରେ ବିସିସିଆଇର ଅଧିକାରୀ କହିଛନ୍ତି, ଶ୍ରେୟସ ଆୟର ପ୍ରାକୃତିକ ଭାବେ ଆକ୍ରମଣାତ୍ମକ କ୍ରିକେଟ୍ ଖେଳିଥାନ୍ତି ଏବଂ ଶୀଘ୍ର ରନ କରିବାକୁ ଉଦ୍ୟମ କରିଥାନ୍ତି। ଏଥିପାଇଁ ବଲ୍‌କୁ ହିଟ୍ କରିବା କି ନ କରିବା ମଧ୍ୟରେ ନିଷ୍ପତ୍ତି ନେବା ତାଙ୍କ ପାଇଁ ମୁସ୍କିଲ ହୋଇପାରେ। ଆୟରଙ୍କୁ ଭାରତୀୟ ଟେଷ୍ଟ ଦଳରେ ସ୍ଥାନ ନ ମିଳିବାର ଏହା ମୁଖ୍ୟ କାରଣ ହୋଇପାରେ।

## ବଜ୍ରପାତରେ ମୃତକଙ୍କ ପରିବାରକୁ ଭେଟିଲେ ବିଧାୟକ

ଅନୁଗୋଳ ୧୬।୫(କେଏନଏସ): ଅନୁଗୋଳ ଜିଲା କିଶୋରନଗର ବ୍ଲକ ନାକଚି ପଞ୍ଚାୟତ ଟକବା ଗ୍ରାମରେ ମଙ୍ଗଳବାର ବଜ୍ରପାତରେ ବାଲିଖମଣ ଗ୍ରାମର ପ୍ରଫୁଲ୍ଲ ମାଝୀ ଓ ତାଙ୍କ ପୁଅ ପ୍ରବୀଣ ମାଝୀଙ୍କ ମୃତ୍ୟୁ ହୋଇଥିଲା। ଖବରପାଇ ବୁଧବାର ଆଠମଲ୍ଲିକ ବିଧାୟକ ନଳିନୀକାନ୍ତ ପ୍ରଧାନ ମୃତକଙ୍କ ପରିବାର ଲୋକଙ୍କୁ ଭେଟି ସମବେଦନା ଜଣାଇଛନ୍ତି। ବଜ୍ରପାତରେ ବାପ ପୁଅ ପ୍ରାଣ ହରାଇଥିବାରୁ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ସେମାନଙ୍କୁ କିଭଳି ରାଜ୍ୟ ସରକାରଙ୍କ ପକ୍ଷରୁ ସହାୟତା ମିଳିପାରିବ ସେ ନେଇ ବିଧାୟକ ଜିଲା ପ୍ରଶାସନକୁ ଅବଗତ କରାଇବେ ବୋଲି କହିଛନ୍ତି। ବିଧାୟକଙ୍କ ଏହି ଆଲୋଚନା ବେଳେ ବିଜେଡି ଯୁବନେତା ଅରୁଣ କୁମାର ସାହୁ, ତପନ ସାହୁ, କୁମୁଦ ସାହୁଙ୍କ ସମେତ ବହୁ କର୍ମୀ ପ୍ରମୁଖ ଉପସ୍ଥିତଥିଲେ।

## ଓଡ଼ିଶା ଫୁଟ୍‌ବଲ୍ ସଂଘର ଗୁରୁତ୍ୱପୂର୍ଣ୍ଣ ବୈଠକ

# ପ୍ରତିଷ୍ଠା ହେବ ଅଧିକ ଫୁଟ୍‌ବଲ୍ ଏକାଡେମି

କଟକ,୧୬।୫(କେଏନଏସ): ଓଡ଼ିଶା ଫୁଟବଲ ସଂଘ (ଫାଓ)ର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଛି। ଫାଓ ସଭାପତି ଟଙ୍କଧର ତ୍ରିପାଠୀଙ୍କ ପେରୋହିତ୍ୟରେ ଆୟୋଜିତ ବୈଠକରେ ଓଡ଼ିଶାରେ ଫୁଟ୍‌ବଲ୍ ଖେଳର ବିକାଶ ପାଇଁ ଆଲୋଚନା କରାଯିବା ସହିତ ବିଭିନ୍ନ ପ୍ରସ୍ତାବ ଆଗତ ହୋଇଛି। ବୈଠକରେ ଫାଓର ପୂର୍ବତନ ସମ୍ପାଦକ ସଞ୍ଜୟ ବେହେରା ଫୁଟ୍‌ବଲ୍ ଖେଳର ବିକାଶ ପାଇଁ କିଛି ପ୍ରସ୍ତାବ ଉପସ୍ଥାପନ କରିଥିଲେ।

ରାଜ୍ୟ ସରକାରଙ୍କ ଦ୍ୱାରା ପରିଚାଳିତ ହଷ୍ଟେଲ୍‌ଗୁଡ଼ିକ ଫାଓର ବିଭିନ୍ନ କାର୍ଯ୍ୟକଳାପ ସହ ସଂପୃକ୍ତ ରହିବା ସହିତ ଏକାଧିକ ମ୍ୟାଚ୍‌ରେ ଅଂଶଗ୍ରହଣ କରିବା ଉଚିତ। ଏଭଳି ହେଲେ ତରୁଣ ଖେଳାଳିଙ୍କ ଦକ୍ଷତା ବିକାଶ ହେବ ଫାଓ ପକ୍ଷରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାରେ ଉନ୍ନତ ପ୍ରଦର୍ଶନ କରୁଥିବା ଖେଳାଳିଙ୍କୁ ସରକାରୀ ହଷ୍ଟେଲରେ ରହିବା ଓ ପ୍ରଶିକ୍ଷଣ ଗ୍ରହଣ କରିବା ସୁଯୋଗ ଦେବା ଉଚିତ ବୋଲି ଶ୍ରୀ ବେହେରା ପ୍ରସ୍ତାବ ରଖିଥିଲେ। ଏହି ପ୍ରସ୍ତାବକୁ ସଭାପତି ଶ୍ରୀ ତ୍ରିପାଠୀ ସ୍ୱାଗତ କରିବା ସହ ଆଗାମୀ ଦିନରେ ରାଜ୍ୟର ବିଭିନ୍ନ ପ୍ରାନ୍ତରେ ଫୁଟ୍‌ବଲ୍ ଏକାଡେମି ପ୍ରତିଷ୍ଠା କରାଯିବା ବୋଲି କହିଥିଲେ। ଏହି ସବୁ ଏକାଡେମି ସରକାରଙ୍କ ସହାୟତାରେ କିମ୍ବା କର୍ପୋରେଟ ହାଉସ୍ ବା ବଡ଼ ବଡ଼ କମ୍ପାନି ସହଭାଗିତାରେ ପ୍ରତିଷ୍ଠା କରାଯିବ। ତୃଣମୂଳସ୍ତରରୁ ଫୁଟ୍‌ବଲ୍ ଖେଳର ବିକାଶ ପାଇଁ ୧୨, ୧୪ ଓ ୧୬ ବର୍ଷରୁ କମ୍ ବୟସ ବର୍ଗର ଖେଳାଳିଙ୍କ ପାଇଁ ହଷ୍ଟେଲ ବ୍ୟବସ୍ଥା କରାଯିବା ଉଚିତ ବୋଲି ସଭାପତି ତ୍ରିପାଠୀ କହିଥିଲେ। ଏହି ବୈଠକରେ ସଂଘର ଆଗାମୀ କାର୍ଯ୍ୟସୂଚୀ ବିଷୟରେ ଆଲୋଚନା କରାଯାଇଥିଲା।

ଆସନ୍ତା ଡିସେମ୍ବର ୯ରେ ବାରବାଟୀ ଷ୍ଟାଡିୟମ୍‌ରେ ହେବାକୁ ଥିବା ଆନ୍ତର୍ଜାତିକ କ୍ରିକେଟ୍ ମ୍ୟାଚ୍ ପରେ ଫାଓ ଲିଗ୍ ଆରମ୍ଭ କରାଯିବାକୁ ଚୂଡ଼ାନ୍ତ ହୋଇଛି। ସେହିପରି କଟକରେ ୧୯ ବର୍ଷରୁ କମ୍ ଅନ୍ତଃଜିଲ୍ଲା ଫୁଟ୍‌ବଲ୍ ପ୍ରତିଯୋଗିତା କରାଯିବାକୁ ସ୍ଥିର ହୋଇଛି ଏହା ସହ ବରିଷ୍ଠ ପୁରୁଷ ଅନ୍ତଃଜିଲ୍ଲା ଫୁଟ୍‌ବଲ୍ ପ୍ରତିଯୋଗିତା ସାହାଣୀ କପ୍ ଆୟୋଜନ ପାଇଁ ବୌଦ୍ଧ, ଗଞ୍ଜାମ ଓ କେନ୍ଦ୍ରାପଡ଼ା ଜିଲ୍ଲା ସଂଘ ଆଗ୍ରହ ପ୍ରକାଶ କରିଛନ୍ତି। ତେବେ କେଉଁ ଜିଲ୍ଲାରେ ଏହି ପ୍ରତିଯୋଗିତା ଆୟୋଜନ କରାଯିବ। ତାହା ଚୟନ କରିବା ପାଇଁ ଫାଓ ପକ୍ଷରୁ ଭିତ୍ତିଭୂମି ଯାଞ୍ଚ କରାଯିବ ବୋଲି ଚୂଡ଼ାନ୍ତ ହୋଇଛି। ସେହିପରି ବରିଷ୍ଠ ମହିଳା ଅନ୍ତଃଜିଲ୍ଲା ଫୁଟ୍‌ବଲ୍ ପ୍ରତିଯୋଗିତା ପିସି ବେହେରା ଟ୍ରଫି, ଚିଫ୍ ମିନିଷ୍ଟର୍ସ ଟ୍ରଫି ଆୟୋଜନ କରାଯିବା ବିଷୟରେ ବିଶଦ ଆଲୋଚନା ହୋଇଛି। ଏହି ବୈଠକରେ ସମ୍ପାଦକ ଆଶୀର୍ବାଦ ବେହେରାଙ୍କ ସମେତ ସଂଘର ସମସ୍ତ କର୍ମକର୍ତ୍ତା ଅଂଶଗ୍ରହଣ କରିଥିଲେ।

# ସପ୍ତାହେ ପୂର୍ବରୁ ବିରାଟ ସନ୍ୟାସ ନେବାକୁ ମନସ୍ଥ କରିସାରିଥିଲେ : ଶାସ୍ତ୍ରୀ

ନୂଆଦିଲ୍ଲୀ,୧୬।୫(କେଏନଏସ):: ପୂର୍ବତନ ଭାରତୀୟ ଦଳର ମୁଖ୍ୟ ପ୍ରଶିକ୍ଷକ ରବି ଶାସ୍ତ୍ରୀ ପ୍ରକାଶ କରିଛନ୍ତି ଯେ ବିରାଟ କୋହଲି ତାଙ୍କ ଟେଷ୍ଟ ଅବସର ପୂର୍ବରୁ ତାଙ୍କ ସହ କଥା ହୋଇଥିଲେ। ଶାସ୍ତ୍ରୀ କହିଛନ୍ତି ଯେ ବିରାଟ କଥାବାର୍ତ୍ତାରେ କହିଥିଲେ ଯେ ତାଙ୍କର କ୍ୟାରିୟର ବିଷୟରେ କୌଣସି ଅନୁତାପ ନାହିଁ ଏବଂ ସେ ବିଶ୍ୱାସ କରନ୍ତି ଯେ ସେ କ୍ରିକେଟର ସବୁଠାରୁ ଲମ୍ବା ଫର୍ମାଟରେ ଦେଶ ପାଇଁ ନିଜର ସର୍ବସ୍ୱ ଦେଇଥିଲେ।

ସୂଚନାଯୋଗ୍ୟ, ବିରାଟ କୋହଲି ମେ ୧୨ରେ ଟେଷ୍ଟ ଫର୍ମାଟରୁ ଅବସର ଘୋଷଣା କରିଥିଲେ। ସେ ତାଙ୍କର ଅଫିସିଆଲ ସୋସିଆଲ ମିଡିଆ। ହ୍ୟାଣ୍ଡେଲରେ ଏକ ଲମ୍ବା ପୋଷ୍ଟ ଲେଖି ତାଙ୍କର ଅବସର ଘୋଷଣା କରିଥିଲେ। କୋହଲି ୧୨୩ଟି ଟେଷ୍ଟରେ ୩୦ଟି ଶତକ ଏବଂ ୩୧ଟି ଅର୍ଦ୍ଧଶତକ ସହାୟତାରେ ୯୨୩୦ ରନ କରିଥିଲେ ସେ ଟେଷ୍ଟରେ ଭାରତ ପାଇଁ ଚତୁର୍ଥ ସର୍ବାଧିକ ରନ ସ୍କୋରର ଥିଲେ।

କୋହଲି ଏବଂ ଶାସ୍ତ୍ରୀ ଭାରତୀୟ ଟେଷ୍ଟ କ୍ରିକେଟ ଇତିହାସରେ ସବୁଠାରୁ ସଫଳ ଅଧିନାୟକ-ପ୍ରଶିକ୍ଷକ ଯୋଡ଼ି ଗଠନ କରିଥିଲେ। ଶାସ୍ତ୍ରୀ ନିଶ୍ଚିତ କରିଛନ୍ତି ଯେ ଷ୍ଟାର ବ୍ୟାଟସମ୍ୟାନ



ତାଙ୍କ ଅବସର ଘୋଷଣା କରିବା ପୂର୍ବରୁ ତାଙ୍କ ସହ କଥା ହୋଇଥିଲେ।

ଶାସ୍ତ୍ରୀ ସମୀକ୍ଷାରେ ସଞ୍ଜନା ଗଣେଶନଙ୍କୁ କହିଥିଲେ, ମୁଁ ଏ ବିଷୟରେ ବିରାଟଙ୍କ ସହ କଥା ହୋଇଥିଲି। ମୁଁ ମୋର ଅବସର ଘୋଷଣା କରିବାର ଗୋଟିଏ ସପ୍ତାହ ପୂର୍ବରୁ ଭାବୁଛି। ତାଙ୍କ ମନରେ ଏହା ସ୍ପଷ୍ଟ ଥିଲା ଯେ ସେ ତାଙ୍କର ସର୍ବସ୍ୱ ଦେଇଛନ୍ତି ତାଙ୍କର କୌଣସି ଅନୁତାପ ନାହିଁ।

ପୂର୍ବତନ ଭାରତୀୟ ମୁଖ୍ୟ ପ୍ରଶିକ୍ଷକ କହିଛନ୍ତି, ମୁଁ ଗୋଟିଏ କିମ୍ବା ଦୁଇଟି ବ୍ୟକ୍ତିଗତ ପ୍ରଶ୍ନ ପଚାରିଥିଲି ଏବଂ ସେ ସ୍ପଷ୍ଟ ଭାବରେ କହିଥିଲେ ଯେ ତାଙ୍କ ମନରେ କୌଣସି ସନ୍ଦେହ ନାହିଁ, ଯାହା ମୋତେ ଭାବିବାକୁ ବାଧ୍ୟ କରିଥିଲା ଯେ ହଁ, ଏହା ଯିବାର ଠିକ ସମୟ। ମନ ଶରୀରକୁ କହିଲା ଯେ ଏହା ଯିବାର ସମୟ ଆସିଗଲା। ତୁମେ ଜାଣିଥିବ ଯେ ବିରାଟ କୋହଲି ଭାରତର ସବୁଠାରୁ ସଫଳ ଟେଷ୍ଟ ଅଧିନାୟକ ସେ ୬୮ଟି ମ୍ୟାଚରେ ଅଧିନାୟକତ୍ୱ କରିଥିଲେ, ଯେଉଁଥିରୁ ଭାରତ ୪୦ଟି ଟେଷ୍ଟ ଜିତିଥିଲା। କୋହଲି ପଡ଼ିଆରେ ତାଙ୍କର ଆକ୍ରମଣାତ୍ମକ ମନୋଭାବ ପାଇଁ ଜଣାଶୁଣା ଏବଂ ଶାସ୍ତ୍ରୀ ବିଶ୍ୱାସ କରନ୍ତି ଯେ ଏପରି ଚିନ୍ତାଧାରା ସୀମାବଦ୍ଧତା ସହିତ ଆସିଥାଏ।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ